ପୁଣି ବାତିଲ ହେଲା ଭାରତୀୟ ବକ୍ସିଂ ମହାସଂଘ ନିର୍ବାଚନ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୫୯ ● ୨୮ ମାର୍ଚ୍ଚ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-59 ● 28th March 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### କଂଗ୍ରେସର ବିଧାନସଭା ଘେରାଉ କାର୍ଯ୍ୟକ୍ରମ ବେଳେ

# ଲୋୟର ପିଏମ୍‌ଜି ପାଲଟିଲା ରଣକ୍ଷେତ୍ର

ଭୁବନେଶ୍ୱର, ୨୭।୩

ନ୍ୟୁଜ୍ ବ୍ୟୁରୋ

କଂଗ୍ରେସ କର୍ମୀଙ୍କ ଆନ୍ଦୋଳନ ଯୋଗୁଁ ଭୁବନେଶ୍ୱରର ଲୋୟର ପିଏମଜି ରଣକ୍ଷେତ୍ର ପାଲଟିଛି। ବିଧାନସଭା ଘେରାଉ ପାଇଁ କଂଗ୍ରେସ କର୍ମୀ ମାନେ ବ୍ୟାରିକେଡ୍ ଡେଇଁବାକୁ ଉଦ୍ୟମ କରିଥିଲେ । ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଆନ୍ଦୋଳନକାରୀମାନେ ପୋଲିସ୍ ଉପରକୁ ପଥର, ଅଣ୍ଡା ଏବଂ ଟମାଟୋ ମାଡ କରିବା ସହିତ ଚେୟାର ଫିଙ୍ଗିଥିଲେ। ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ଗ୍ୟାସ୍ ଏବଂ ପାଣି ତୋପ ବ୍ୟବହାର କରିଥିଲା।



ସୂଚନା ଅନୁଯାୟୀ କଂଗ୍ରେସ ପକ୍ଷରୁ ପୂର୍ବ ଘୋଷଣା ଅନୁସାରେ ଗୁରୁବାର ବିଧାନସଭା ଘେରାଉ କରିବାକୁ ଉଦ୍ୟମ କରାଯାଇଥିଲା। ଲୋୟର ପିଏମଜିରେ ବଡ ଧରଣର ସଭା ପରେ କଂଗ୍ରେସ କର୍ମୀମାନେ ବିଧାନସଭା ଆଡକୁ ଅଗ୍ରସର ହୋଇଥିଲେ। ୧୬୩ ଧାରା ଭାଙ୍ଗିବାକୁ ସେମାନେ ଉଦ୍ୟମ କରିଥିଲେ। ଫଳରେ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ପ୍ରଥମେ ଧସ୍ତାଧସ୍ତି ହୋଇଥିଲା । ନାରୀ ସୁରକ୍ଷା ପ୍ରସଙ୍ଗରେ ବିଧାନସଭା ଘେରାଉ ପାଇଁ ଯାଇଥିବା ଶତାଧିକ କଂଗ୍ରେସ କର୍ମୀ ହଠାତ ପୋଲିସର ପ୍ରଥମ ସୁରକ୍ଷା ବଳୟ ଭାଙ୍ଗି ବିଧାନସଭା ଅଭିମୁଖେ ଆଗକୁ ବଢ଼ିଥିଲେ। ପୋଲିସ କଂଗ୍ରେସ କର୍ମୀଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲା । ତେବେ ଏତିକି ବେଳେ କଂଗ୍ରେସ କର୍ମୀ ମାନେ ପୋଲିସ ଉପରକୁ ଚେୟାର ମାଡ଼ କରିଥିଲେ । ଏହା ପରେ ପରେ ପୋଲିସ ଉପରକୁ ଟେକା ପଥର, ଅଣ୍ଡା, ଟମାଟୋ, ପାଣି ବୋତଲ ମାଡ଼ କରିଥିଲେ।

ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖି ପୋଲିସ ପ୍ରଥମେ ପାଣି ମାଡ଼ ଓ ପରେ ଭିଡ଼ ହଟାଇବାକୁ ଟିୟର ଗ୍ୟାସ୍ ମାଡ଼ କରିଥିଲା। ଏହାପରେ ବି (ପୃଷ୍ଠା ୭ରେ)

## ୧୨ ପୋଲିସ୍ ଆହତ

ଭୁବନେଶ୍ୱର, ୨୭।୩

ନ୍ୟୁଜ୍ ବ୍ୟୁରୋ

ଲୋୟର ପିଏମ୍‌ଜି କଂଗ୍ରେସ ଓ ସୁରକ୍ଷାକର୍ମୀ ମୁହାଁମୁହିଁ ଘଟଣାରେ ୧୨ ପୋଲିସ ଆହତ ହୋଇଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆହତ ୧୨ ପୋଲିସ କର୍ମଚାରୀ କ୍ୟାପିଟାଲ ହସ୍‌ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଆନ୍ଦୋଳନକାରୀ ଗୋଟିଏ ପୋଲିସ ଭ୍ୟାନ୍‌କୁ ପୋଡ଼ିବାକୁ ଉଦ୍ୟମ କରୁଥିଲେ। ଆନ୍ଦୋଳନକାରୀ ବ୍ୟାରିକେଡ୍ ଭାଙ୍ଗି ଆଇନ ଉଲ୍ଲଘଂନ କରିଛନ୍ତି। ଏ ନେଇ କାର୍ଯ୍ୟାନୁଷ୍ଠାନ ହେବ। ଆନ୍ଦୋଳନ ବେଳେ ହିଂସାରେ ଲିପ୍ତ ଲୋକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅତିରିକ୍ତ ସିପି କହିଛନ୍ତି। ସ୍ଥିତି ନିୟନ୍ତ୍ରଣାଧୀନ ରହିଛି, ସିସିଟିଭି ଯାଞ୍ଚ ଚାଲିଛି ବୋଲି କହିଛନ୍ତି ଡିସିପି ।

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖର୍ଚ୍ଚ ଦାବି ପାରିତ

ଭୁବନେଶ୍ୱର, ୨୭।୩

ନ୍ୟୁଜ୍ ବ୍ୟୁରୋ

ଗୁରୁବାର ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ତାଙ୍କ ବିଭାଗର ସର୍ବମୋଟ ୩୫୩୭ କୋଟି ୭୬ ଲକ୍ଷ ୫୨ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଗତ କରିଥିଲେ। ଏହି ଖର୍ଚ୍ଚ ଦାବି ଉପରେ ଗୃହରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ଆଲୋଚନା ଶେଷରେ ମନ୍ତ୍ରୀ ଶ୍ରୀ ପାତ୍ର ଉତ୍ତର ଦେଇ କହିଥିଲେ ଯେ, ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନୁସାରେ ସାର୍ବଜନୀନ ବିତରଣ ପ୍ରଣାଳୀରେ ଅନ୍ତର୍ଭୁକ୍ତ ଖାଉଟିମାନଙ୍କ ଖାଦ୍ୟ ନିରାପତ୍ତା ତଥା ସୁରକ୍ଷା ଏବଂ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦିତ ଖାଦ୍ୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ପାଇଁ ସରକାର ପ୍ରତିବଦ୍ଧ। ସେ କହିଥିଲେ ଯେ, ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ୱିଣ୍ଟାଲ ପ୍ରତି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ସହିତ ଓଡ଼ିଶା ସରକାର ସମୃଦ୍ଧ କୃଷକ ଯୋଜନାରେ ଇନ୍‌ପୁଟ୍ ସହାୟତା ଅତିରିକ୍ତ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି। ସରକାରଙ୍କ ଏହି ପଦକ୍ଷେପ



ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଉଚିତ ମୂଲ୍ୟ ପାଇବା ସହିତ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ଏବଂ ଉଚ୍ଚ ଉତ୍ପାଦନସ୍ତର ବୃଦ୍ଧିକୁ ଉତ୍ସାହିତ କରିଛି। ରାଜ୍ୟରେ ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ୨୦୨୫ ମାର୍ଚ୍ଚ ୨୫ ତାରିଖ ସୁଦ୍ଧା ମୋଟ୍ ୭୩୧୩୬୭୭ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି, ଯାହାକି ଗତ ବର୍ଷ ତୁଳନାରେ ୨୬ ପ୍ରତିଶତ ଅଧିକ। ଆଗାମୀ ରବି ଋତୁ ପାଇଁ ୧୦ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନୁସାରେ ରାଜ୍ୟର ୯୬୨୨୪୩୧ ପରିବାରର ୩୨୦୬୦୭୯୭୩ ଜଣ ଯୋଗ୍ୟ ହିତାଧିକାରୀ ଉପକୃତ ହେଉଛନ୍ତି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୩୩୦୧୧ ପରିବାରର ୪୨୦୯୦୭ ଜଣ ଯୋଗ୍ୟ ହିତାଧିକାରୀ ଉପକୃତ ହେଉଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀଙ୍କୁ ୧୧୮୧୦ ସୁଲଭ ମୂଲ୍ୟ ଦୋକାନ ଜରିଆରେ ୨୨.୮୮ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟ ଶସ୍ୟ ବିନା ମୂଲ୍ୟରେ ବଣ୍ଟନ କରାଯାଉଛି ବୋଲି (ପୃଷ୍ଠା ୭ରେ)

## ଶାରୀରିକ ପରୀକ୍ଷାବେଳେ ଆଶାୟୀ ପ୍ରାର୍ଥୀଙ୍କ ମୃତ୍ୟୁ ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୩

ନ୍ୟୁଜ୍ ବ୍ୟୁରୋ

ହୋମଗାର୍ଡ ଇଣ୍ଟରଭ୍ୟୁ ବେଳେ ଟଳିପଡ଼ିଲେ ପରୀକ୍ଷାର୍ଥୀ। ଦେବଗଡ଼ ରିଜର୍ଭ ପୁଲିସ ପଡିଆରେ ହୋମଗାର୍ଡ ଇଣ୍ଟରଭ୍ୟୁ ଚାଲିଥିବା ବେଳେ ଏଭଳି ଅଘଟଣ ଘଟିଛି । ମୃତକ ଜଣକ ରିଆମାଳ ଥାନା ବୁଡିଦୋ ଗାଁର ସାହେବ ଦେହୁରୀ । ଇଣ୍ଟରଭ୍ୟୁ ବେଳେ ଦୌଡ଼ ପରୀକ୍ଷା ପରେ ଅସୁସ୍ଥ ହୋଇପଡ଼ିଥିଲେ ସାହେବ । ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ସେଠାରେ (ପୃଷ୍ଠା ୭ରେ)

# ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ଅବିଳମ୍ବେ ଲାଗୁ ହେଉ

ଭୁବନେଶ୍ୱର, ୨୭।୩

ନ୍ୟୁଜ୍ ବ୍ୟୁରୋ

ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଓବିସି ବର୍ଗଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାରେ ସରକାରଙ୍କ ଅବହେଳା ସଂକ୍ରାନ୍ତରେ ଗୁରୁବାର ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଉପରେ ଗୃହରେ ସରଗରମ ଆଲୋଚନା ହୋଇଥିଲା। ବିରୋଧୀ ଦଳରୁ ବିଜେଡ଼ିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡଃ ଅରୁଣ ସାହୁ, ରମେଶ ଚନ୍ଦ୍ର ବେହେରା, ଗଣେଶ୍ୱର ବେହେରା ପ୍ରମୁଖ ଭାଗ ନେଇ ରାଜ୍ୟ ସରକାର ଆଉ କାଳକ୍ଷେପଣ ନୀତି ଗ୍ରହଣ ନକରି ଯଥାଶୀଘ୍ର ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରନ୍ତୁ ବୋଲି ଦାବି ଉଠାଇଥିଲେ। ସେମାନେ ଯୁକ୍ତିରେ ଦର୍ଶାଇଥିଲେ ଯେ, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଏହି ବର୍ଗ ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଛନ୍ତି ଏବଂ ସବୁ କ୍ଷେତ୍ରରୁ ସୁବିଧା ପାଇବାରୁ ବଞ୍ଚିତ ମଧ୍ୟ ହେଉଛନ୍ତି। ସମାଜର କେବଳ ଉଚ୍ଚବର୍ଗ ସବୁ ପ୍ରକାର ସୁବିଧା ଓ ପ୍ରୋତ୍ସାହନ ପାଉଥିବା ବେଳେ ଅନୁସୂଚିତ ଜାତି ଜନଜାତି ପଛୁଆବର୍ଗ କିଛି ନପାଇ ବେରୋଜଗାରୀ ଓ ଦାଦନ ସମସ୍ୟାରେ ଘାଣ୍ଟି ହେଉଛନ୍ତି। ଏପର୍ଯ୍ୟନ୍ତ ସରକାର ଏ ଦିଗରେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଅନ୍ୟ ପକ୍ଷରେ ଶାସକ ଦଳର ବିଧାୟକ ଇରାଶିଷ ଆଚାର୍ଯ୍ୟ, ସନାତନ ବିଜୁଳି, ସନ୍ତୋଷ ଖଟୁଆ ଏହି ଆଲୋଚନାରେ ଭାଗ ନେଇ ବିରୋଧୀ ଦଳର ଅଭିଯୋଗ ଓ ଆକ୍ଷେପକୁ ସମାଲୋଚନା କରିବା ସହ ପୂର୍ବ ସରକାରଙ୍କୁ ଏଥିପାଇଁ ଦାୟୀ କରିଥିଲେ।

ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଯଥାକ୍ରମେ ୨୨.୫୦ ଓ ୧୬.୨୫ କରିବାକୁ ୨୦୧୨ ମସିହା ଡିସେମ୍ବର ମାସ ୨୯ ତାରିଖରେ ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ (ପୃଷ୍ଠା ୭ରେ)

# ଖୁବ୍‌ଶୀଘ୍ର ଭାରତ ଆସିବେ ପୁଟିନ

ନୂଆଦିଲ୍ଲୀ/ମସ୍କୋ, ୨୭।୩

ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଖୁବ୍‌ଶୀଘ୍ର ଭାରତ ଗସ୍ତରେ ଆସିବେ। ରୁଷିଆ-ୟୁକ୍ରେନ ଯୁଦ୍ଧ ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତବର୍ଷ ରୁଷିଆ ଗସ୍ତ ସମୟରେ ପୁଟିନଙ୍କୁ ଭାରତ ଆସିବାକୁ ନିମନ୍ତ୍ରଣ କରିଥିଲେ, ଯାହାକୁ ପୁଟିନ ଏବେ ଗ୍ରହଣ କରିଛନ୍ତି। ରୁଷିଆର ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭ ଗୁରୁବାର ଏହାକୁ ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ, ପୁଟିନଙ୍କ ଭାରତ ଗସ୍ତ ପାଇଁ ପ୍ରସ୍ତୁତି ଚାଲିଛି, ଯଦିଓ ସେ ଗସ୍ତର ତାରିଖ ପ୍ରକାଶ କରିନାହାଁନ୍ତି। ଲାଭରୋଭ କହିଛନ୍ତି, ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଭାରତର ପ୍ରଧାନମନ୍ତ୍ରୀଙ୍କ



ନିମନ୍ତ୍ରଣ ଗ୍ରହଣ କରିଛନ୍ତି । ଏବେ ଆମର ପାଳି । ଏହି ଗସ୍ତ ଏଥିପାଇଁ ମଧ୍ୟ ସ୍ୱତନ୍ତ୍ର କାରଣ। ଭାରତ ଏବଂ ରୁଷିଆ ମଧ୍ୟରେ ସମ୍ପର୍କ ସର୍ବଦା ମଜଭୂତ ରହିଛି । ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ତୃତୀୟ କାର୍ଯ୍ୟକାଳ ପରେ ପ୍ରଥମ ବିଦେଶ ଗସ୍ତରେ ରୁଷିଆ ଯାଇଥିଲେ। ଏବେ ପୁଟିନଙ୍କ ଭାରତ ଗସ୍ତ ଦୁଇ ଦେଶ ମଧ୍ୟରେ ଆହୁରି ମଜଭୂତ ସମ୍ପର୍କର ଏକ ସଙ୍କେତ।

ଏହି ଗସ୍ତ ସମୟରେ ପୁଟିନ ଏବଂ ମୋଦି ଉଭୟ ୟୁକ୍ରେନ (ପୃଷ୍ଠା ୭ରେ)

## ଓଏସ୍‌ଆରଟିସିର କ୍ଷତି ୪୫ କୋଟିରୁ ଅଧିକ

ଭୁବନେଶ୍ୱର, ୨୭।୩

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆରଟିସି) ଗତ ଦୁଇ ବର୍ଷ ମଧ୍ୟରେ ମୋଟ ୪୫ କୋଟି ଟଙ୍କାରୁ ଅଧିକ କ୍ଷତି କରିଛି ବୋଲି ଗୁରୁବାର ରାଜ୍ୟ ବିଧାନସଭାରେ ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରକାଶ କରିଛନ୍ତି। ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ଓଏସ୍‌ଆରଟିସି ବର୍ତ୍ତମାନ ୨୬୦ ଟି ରୁଟ୍‌ରେ ମୋଟ ୩୮୮ ଟି ବସ୍ ପରିଚାଳନା କରୁଛି। ରାଜ୍ୟ ଦ୍ୱାରା ପରିଚାଳିତ ପରିବହନ ନିଗମ ୨୦୨୨-୨୩ ଏବଂ (ପୃଷ୍ଠା ୭ରେ)

# ସପ୍ତାହକୁ ୩ ପୋଷଣ ଲଡୁ ସହ ମିଳିବ ଗୋଟିଏ ଅଧିକ ଅଣ୍ଡା

ଭୁବନେଶ୍ୱର, ୨୭।୩

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଏପ୍ରିଲ ୧ ତାରିଖରୁ ବଦଳିବାକୁ ଯାଉଛି ମଧ୍ୟାହ୍ନ ଭୋଜନର ରୂପରେଖ। ରାଜ୍ୟ ସରକାର ପ୍ରଥମରୁ ଦଶମ ଯାଏଁ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦେବେ। କେବଳ ସେତିକି ନୁହେଁ, ନିଷ୍ପତ୍ତି ଅନୁଯାୟୀ, ପିଲାମାନଙ୍କୁ ଗୋଟିଏ ଅଣ୍ଡା ଅଧିକ ଦିଆଯିବ। ସବୁ ଶୁକ୍ରବାର ଦିନ ପିଲାମାନଙ୍କୁ ଗୋଟିଏ ଅଣ୍ଡା ଅଧିକ ମିଳିବ।

ଏବେ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ପ୍ରତ୍ୟେକ ପିଲାଙ୍କୁ ୨ଟି ଲେଖାଏଁ



ଅଣ୍ଡା ଯୋଗାଇ ଦିଆଯାଉଛି। ପ୍ରତ୍ୟେକ ବୁଧବାର ଓ ଶନିବାର ଏହି ଅଣ୍ଡା ଯୋଗାଇ ଦିଆଯାଉଛି । ପିଏମ ପୋଷଣ ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏହି ସୁବିଧା ଯୋଗାଇ (ପୃଷ୍ଠା ୭ରେ)

# ଆୟୁଷ୍ମାନ ଭାରତ ଯୋଜନାକୁ ପ୍ରଶଂସା କଲା ଜାତିସଂଘ

ନ୍ୟୁୟର୍କ, ୨୭।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱାସ୍ଥ୍ୟକର ଭାରତ ମିଶନ ଅଧୀନରେ ଦେଶବ୍ୟାପୀ ଚାଲିଥିବା ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ଦେଶରେ ବ୍ୟାପକ ପରିବର୍ତ୍ତନ ଆଣିଛି । ସମଗ୍ର ବିଶ୍ୱ ଏହି ଯୋଜନାର ଶକ୍ତିକୁ ସ୍ୱୀକାର କରୁଛି । ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ଅଧୀନରେ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ପାଇଁ ଜାତିସଂଘ ଭାରତକୁ ପ୍ରଶଂସା କରିଛି । କେବଳ ଏତିକି ନୁହେଁ ଜାତିସଂଘ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ଉତ୍କୃଷ୍ଟ ବୋଲି ବର୍ଣ୍ଣନା କରିଛି। ଏକ କାର୍ଯ୍ୟକ୍ରମ ସମୟରେ ବିଶ୍ୱ ସଂଗଠନ ଆୟୁଷ୍ମାନ ଭାରତ ଭଳି ସ୍ୱାସ୍ଥ୍ୟ ପଦକ୍ଷେପର ଉଦାହରଣ ଦେଇ ଶିଶୁ ମୃତ୍ୟୁ




ହାର ହ୍ରାସ କରିବାରେ ଭାରତର ପ୍ରୟାସ ଏବଂ ପ୍ରଗତିକୁ ପ୍ରଶଂସା କରିଥିଲା ଏବଂ ଏହାକୁ ଉଦାହରଣ ବୋଲି କହିଥିଲେ।

ଜାତିସଂଘ କହିଛି ଯେ, ଦେଶ ଏହାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ରଣନୈତିକ ନିବେଶ ମାଧ୍ୟମରେ ଲକ୍ଷ ଲକ୍ଷ ଜୀବନ ବଞ୍ଚାଇଛି। ଜାତିସଂଘର ଗୋଷ୍ଠୀ ଦ୍ୱାରା ଶିଶୁ ମୃତ୍ୟୁହାର ମୂଲ୍ୟାଙ୍କନ ରିପୋର୍ଟରେ (ପୃଷ୍ଠା ୭ରେ)

## ପୁଣି ବଢ଼ିବ ତାତି: ମାର୍ଚ୍ଚ ୨୯ରୁ ଅସହ୍ୟ ସ୍ଥିତି

ଭୁବନେଶ୍ୱର, ୨୭।୩

ନ୍ୟୁଜ୍ ବ୍ୟୁରୋ

ଆଗାମୀ ୩ ଦିନ ପାଇଁ ରାଜ୍ୟରେ ହିଟ୍ ୱେଭ୍ ୱାର୍ଣ୍ଣିଂ ଜାରି ହୋଇଛି । ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଏପ୍ରିଲ ୨ ତାରିଖ ବେଳକୁ ବର୍ଷାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ତେବେ ଆସନ୍ତା ୨୪ ଘଣ୍ଟାରେ ତାପମାତ୍ରା ବୃଦ୍ଧି ପାଇବ।

ଆଗାମୀ ୩ ଦିନ ସମେତ ରାତିରେ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ। ତେବେ ଶୁକ୍ରବାର କେତେକ ସ୍ଥାନରେ ୪୦ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଖରା ବଢେ ବଢେ ତାତି
କଲବଲ କରେ ଦିନ
ରାତିରେ ମଣିଷ ଛଟପଟ ମଧ
ଗରମରେ ହଜେ ଜ୍ଞାନ
ଦିଅ ନିଜ ପ୍ରତି ଧ୍ୟାନ
ପ୍ରଚଣ୍ଡ ଖରାରେ ଘରୁ ବାହାରନି
ପଖାଳରେ ଦିଅ ମନ।

# ଆସୁଛି ବଡ଼ ବିପଦ: ୨୦୩୦ ସୁଦ୍ଧା ମୃତ୍ୟୁକୁ ସାମ୍ନା କରିବେ ୩୦ ଲକ୍ଷରୁ ଅଧିକ ଲୋକ



କାନବେରା/ନୂଆଦିଲ୍ଲୀ, ୨୭।୩

୨୦୩୦ ସୁଦ୍ଧା ୩୦ ଲକ୍ଷରୁ ଅଧିକ ଲୋକ ମୃତ୍ୟୁର ସାମ୍ନା କରିବେ। ଗୁରୁବାର ସଦ୍ୟ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ବୈଜ୍ଞାନିକମାନେ ସତର୍କ ସୂଚନା ଜାରି କରିଛନ୍ତି । ଏଚ୍‌ଆଇଭି ନିବାରଣ ଏବଂ ଚିକିତ୍ସା କାର୍ଯ୍ୟକ୍ରମ ପାଇଁ ଅନ୍ତର୍ଜାତୀୟ ପାଣ୍ଠିରେ ହ୍ରାସ ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରିପାରେ। ଏଚ୍‌ଆଇଭି ନିବାରଣ ଏବଂ ଚିକିତ୍ସା କାର୍ଯ୍ୟକ୍ରମ ପାଇଁ ଅନ୍ତର୍ଜାତୀୟ ପାଣ୍ଠିରେ ହ୍ରାସ ଘଟିଲେ ୨୦୩୦ ସୁଦ୍ଧା ୧ କୋଟିରୁ ଅଧିକ ସଂକ୍ରମଣ ଏବଂ ପ୍ରାୟ ୩୦ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିପାରେ ବୋଲି ଲାନସେଟ ଏଚ୍‌ଆଇଭି ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନରେ ଏହା କୁହାଯାଇଛି।

ଅଷ୍ଟ୍ରେଲିଆର ମେଲବୋର୍ଣ୍ଣର ବର୍ଣ୍ଣେଟ ଇନ୍‌ଷ୍ଟିଚ୍ୟୁଟର ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନରେ ୨୦୨୬ ସୁଦ୍ଧା ବିଶ୍ୱବ୍ୟାପୀ ପାଣ୍ଠିରେ ପ୍ରାୟ ୨୪ ପ୍ରତିଶତ ହ୍ରାସର ପ୍ରଭାବ ବିଶ୍ଳେଷଣ କରାଯାଇଛି । ଆମେରିକା, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ ଏବଂ ନେଦରଲାଣ୍ଡ ସମେତ ପ୍ରମୁଖ ଦାତାମାନେ ୮ରୁ ୭୦ପ୍ରତିଶତ ପର୍ଯ୍ୟନ୍ତ ସହାୟତା କାଟ ଘୋଷଣା କରିବା ପରେ ଏହି ଅଧ୍ୟୟନ କରାଯାଇଛି। ଏହି ପାଞ୍ଚଟି ଦେଶ ବିଶ୍ୱର ୯୦ ପ୍ରତିଶତରୁ ଅଧିକ ଏଚ୍‌ଆଇଭି ସହାୟତା ପାଇଁ ପାଣ୍ଠି ଯୋଗାଇଥାନ୍ତି।

ଗବେଷକଙ୍କ (ପୃଷ୍ଠା ୭ରେ)

# ମହଙ୍ଗା ହେବ କର୍କଟ, ମଧୁମେହ ଔଷଧ

ନୂଆଦିଲ୍ଲୀ, ୨୭।୩

କର୍କଟ, ମଧୁମେହ, ହୃଦ୍‌ରୋଗ ଓ ଅନ୍ୟ ଆଣ୍ଟିବାୟୋଟିକ ସହିତ ସରକାରୀ ନିୟନ୍ତ୍ରଣରେ ଥିବା ଅନ୍ୟ ଔଷଧ ଦର ବୃଦ୍ଧି ହେବାକୁ ଯାଉଛି। ଔଷଧ ଦର ପ୍ରାୟ ୧.୭ ପ୍ରତିଶତ ମହଙ୍ଗା ହେବ ବୋଲି ସୂଚନା ମିଳିଛି। ସରକାରୀ ନିୟନ୍ତ୍ରଣରେ ଥିବା କର୍କଟ, ମଧୁମେହ, ହୃଦ୍‌ରୋଗ ଓ ଅନ୍ୟ ଆଣ୍ଟିବାୟୋଟିକ ଔଷଧ ଦର ଖୁବ୍‌ଶୀଘ୍ର ବଢ଼ିବାକୁ ଯାଉଛି । ଏହି ସମସ୍ତ ଔଷଧ ଦର ପ୍ରାୟ ୧.୭ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ ବୋଲି ଆଶା କରାଯାଉଛି। ତେବେ ଔଷଧ ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲ ଓ ଅନ୍ୟ ଖର୍ଚ୍ଚ ବଢୁଥିବାରୁ ଔଷଧ ଶିଳ୍ପକୁ ଲାଭ ଦେବା ପାଇଁ ଏହି ପଦକ୍ଷେପ



ନିଆଯାଇଥିବା ଅଖିଳ ଭାରତୀୟ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଂଗଠନର ମହାସଚିବ ରାଜୀବ ସିଂଘଲ କହିଛନ୍ତି। ତେବେ ଏହି ଦର ବୃଦ୍ଧି ଘୋଷଣା ହେବାର ପ୍ରାୟ ୯୦ ଦିନ ପରେ ନୂଆ ଔଷଧ ବଜାରରେ ଉପଲବ୍ଧ ହେବ। ରାସାୟନିକ ଏବଂ ସାର ଉପରେ ସଂସଦୀୟ ସ୍ଥାୟୀ କମିଟିର ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଔଷଧ କମ୍ପାନୀ ଅନୁମୋଦିତ ମୂଲ୍ୟ ବୃଦ୍ଧି ଅତିକ୍ରମ କରି ଔଷଧର (ପୃଷ୍ଠା ୭ରେ)





# ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ନେଇ ରାଜନୈତିକ ଦଳମାନଙ୍କ ସହିତ ବୈଠକ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶକ ଅନୁଯାୟୀ ପ୍ରତ୍ୟେକ ରାଜନୈତିକ ଦଳ ଦ୍ୱାରା ପ୍ରତି ବୁଥ୍‌ରେ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏଥିପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳମାନଙ୍କ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମିନି ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ସ୍ୱଚ୍ଛତା ପାଇଁ ନିର୍ଭୁଲ ଭୋଟର ତାଲିକାର ଭୂମିକା ବିଷୟରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଲୋକପାତ କରିଥିଲେ। ଜିଲ୍ଲାର ପ୍ରତି ବୁଥ୍‌ରେ ରାଜନୈତିକ ଦଳଙ୍କ ଦ୍ୱାରା ବିଏଲଏ ନିଯୁକ୍ତି କରିବା ପ୍ରକ୍ରିୟା ନେଇ ଫର୍ମ ୧ ଓ ଫର୍ମ ୨ ବିଷୟରେ ଜିଲ୍ଲାପାଳ ଶ୍ରୀମତୀ ଦାସ ବୁଝାଇଥିଲେ। ଭୋଟର ତାଲିକାରେ ଯୋଗ, ବିୟୋଗ, ସଂଶୋଧନ, ସ୍ଥାନାନ୍ତର ଆଦି ପାଇଁ ବିଏଲଏମାନେ ବିଏଲଓମାନଙ୍କ ସହ ମିଶି କାର୍ଯ୍ୟ କରିବା ଉପରେ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ବୁଝାଇ ଦିଆଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ଡେପୁଟୀ କଲେକ୍ଟର ତଥା ନିର୍ବାଚନ ଶାଖା ଅଧିକାରୀ ଯଶସ୍ୱିନୀ ପୋଥାଳ ବୈଠକର ଆଭିମୁଖ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରି ବୈଠକରେ ଉପସ୍ଥିତ ସମସ୍ତ ଦଳୀୟ କର୍ମକର୍ତ୍ତା ମାନଙ୍କୁ ନିର୍ଦ୍ଧାରିତ ଫର୍ମ ଯୋଗାଇ ଦେଇଥିଲେ। ନିର୍ବାଚନ କମିଶନ ଓ ଭାରତର ଏକକ ପରିଚୟ ପତ୍ର ପ୍ରକରଣ ଅଧିକରୀଙ୍କ ମଧ୍ୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ସହମତି କ୍ରମେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ୍ କରଯିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଆଗାମୀ ୧୫ ଦିନ ମଧ୍ୟରେ ବିଏଲଏ ନିଯୁକ୍ତ ପକ୍ରିୟାକୁ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି। ବୈଠକରେ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ସୁଧିର କୁମାର ପଣ୍ଡା, ଭାରତୀୟ ଜନତା ପାର୍ଟିର ସୁକାନ୍ତ କୁମାର ସାହୁ, ବିଜୁ ଜନତା ଦଳ ତରଫରୁ କଇଁରୁ ସ୍ୱାଇଁ, ଆପ୍ ତରଫରୁ ସୁବାସ ବିଶି, ବିଏସପି ତରଫରୁ ସରୋଜ କୁମାର ତାଣ୍ଡିଙ୍କ ସହ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ନିଆରା ଢଙ୍ଗରେ ଜନ୍ମ ଦିନ ପାଳିଲେ ସାମ୍ବାଦିକ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଅନ୍ତର୍ଗତ କାଞ୍ଜିଆ ପାଳ ଆଶ୍ରମରେ ଯୁବ ସାମ୍ବାଦିକ ଆକାଶ ଆଦିତ୍ୟ ବେହେରାଙ୍କ ଜନ୍ମ ଦିନ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଆଶ୍ରମର ପିଲାମାନଙ୍କ ସହିତ ପିଲାମାନଙ୍କୁ ପାଠ୍ୟ ସାମଗ୍ରୀ ଏବଂ ମିଠା ଜଳଖିଆ ଖୁଆଇ ପାଳନ କରିଥିଲେ ଏହି କାର୍ଯ୍ୟକ୍ରମରେ। ସଭାପତି ନକୁଳ ଦେବ ସାସ୍ତୀ ସାମ୍ବାଦିକ ପ୍ରଶାନ୍ତ ସାହୁ, ରାଜ କିଶୋର ଜେନା , ଭଗବାନ୍ ସାମଲ, ମନୋରଞ୍ଜନ ମହାନ୍ତି, ଜଗନ୍ନାଥ ଦାସ, କମଳା କାନ୍ତ ପରିଡ଼ା, ମଣ୍ଟୁ ମନୋରଞ୍ଜନ ସେଠୀ, ଯୁବ ସମାଜ ସେବୀ ଜ୍ୟୋତିରଂଜନ ନାୟକ ପ୍ରମୁଖ ଉପସ୍ଥିତ ରହି ଜନ୍ମ ଦିବସକୁ ପାଳନ କରିଛନ୍ତି।

# 'କୃଷିର ଉନ୍ନତି ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶ ସମ୍ଭବ'

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସ, ସାଂସଦଙ୍କ ପ୍ରତିନିଧି ଭାବେ ଆଡ୍‌ଭୋକେଟ୍ ଦୁର୍ଯ୍ୟୋଧନ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ ଅରବିନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ ମେଳା ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ। ଏହା ୨୮ ତାରିଖ ପର୍ଯ୍ୟନ୍ତ ୫ ଦିନ ଚାଲୁରହିବା ସହିତ କୃଷକମାନଙ୍କୁ ଉନ୍ନତ କୃଷି ନିମନ୍ତେ କୃଷି ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ସେ ମତ ପ୍ରକାଶ କରିଥିଲେ। ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟର ସୁଯୋଗ ଚାଷୀମାନେ ପାଇବା ସହ ଏଠାରେ କୃଷକମାନେ ଆଧୁନିକ ଜ୍ଞାନ କୌଶଳର ପ୍ରଶିକ୍ଷଣ ପାଇପାରିବେ ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ। କୃଷି ଓ କୃଷକ ସଶକ୍ତିକରଣ ପାଇଁ ରାଜ୍ୟ ସରକାରଙ୍କର ଥିବା ଆଭିମୁଖ୍ୟ ଏହା ଯୋଗୁଁ ଫଳପ୍ରସୂ ହୋଇପାରିବ। ରାଜ୍ୟ ଓ କେନ୍ଦ୍ର ସରକାର କୃଷକମାନଙ୍କ ଉନ୍ନତି ପାଇଁ ଯେଉଁ ଯୋଜନା କରୁଛନ୍ତି ତାହାର ସୁଫଳ ନେବା ପାଇଁ ଯୁବ ସମାଜକୁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। କେନ୍ଦ୍ରାପଡ଼ା ଭଳି କୃଷି ପ୍ରଧାନ ଜିଲ୍ଲାର ଉନ୍ନତି କେବଳ କୃଷିର ଉନ୍ନତିରେ ହିଁ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ରାଜ୍ୟ ସରକାର ସବୁ ସବ୍-ଡିଭିଜନରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଉକ୍ତ ମେଳାରେ ୫୦ଟି ଷ୍ଟଲରେ କୃଷି ସହିତ ଜଡ଼ିତ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯାଉଛି। ଏହି ଅବସରରେ ଉନ୍ନତ କୃଷି ଯନ୍ତ୍ରପାତି ବ୍ୟବହାର କରି କୃଷି ଦ୍ରବ୍ୟ ଉତ୍ପାଦନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିବା ୩ ଜଣ କୃଷକଙ୍କୁ ପୁରସ୍କୃତ କରାଯାଇଥିଲା। ୫ ଜଣଙ୍କୁ ମଧ୍ୟ ଟ୍ରାକ୍ଟର ଚାବି ପ୍ରଦାନ କରି କୃଷକ ସଶକ୍ତିକରଣ ନିମନ୍ତେ ପ୍ରୋତ୍ସାହିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମାର୍ଶାଘାଇ ବିଏଓ ହେମନ୍ତ କୁମାର ସାମଲ ମଞ୍ଚ ପରିଚାଳନା କରିଥିବା ବେଳେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ ଅରବିନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ନବରଙ୍ଗପୁରରେ ୨ଟି ନୂତନ ପ୍ରାଇମେରୀ ସବ୍‌ଷ୍ଟେସନ ଉଦ୍‌ଘାଟିତ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ ପକ୍ଷରୁ ନବରଙ୍ଗପୁର ଜିଲ୍ଲାର ଯୋଡ଼ିଙ୍ଗା ଏବଂ ଧୋଡ୍ରାଠାରେ ଦୁଇଟି ନୂତନ ପ୍ରାଇମେରୀ ସବଷ୍ଟେସନ (ପିଏସ୍‌ଏସ୍) କାର୍ଯ୍ୟକ୍ଷମ ହୋଇଛି। ଏହା ଉମରକୋଟ, ଝରିଗାଁ ଏବଂ ରାଇଘର ବ୍ଲକରେ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିକାଶ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି ଏବଂ ଝରିଗାଁ ବିଧାୟକ ନରସିଂହ ଭତ୍ରା ଏହି ସବଷ୍ଟେସନକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଜୟପୁର ଅଧିକ୍ଷଣ ଯନ୍ତ୍ରୀ ମନ୍ମଥ ନାଥ ମିଶ୍ର, ନବରଙ୍ଗପୁର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ରାଉତ ଏବଂ ଉମରକୋଟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସ୍ୱରୂପ କୁମାର ପାତ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଦୁଇଟି ୫ ଏମଭିଏ କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମର ଥିବା ଏହି ସବଷ୍ଟେସନ କାର୍ଯ୍ୟକ୍ଷମ ହେବା ପରେ ବର୍ତ୍ତମାନ ରାଇଘର ପିଏସଏସ ଉପରେ ଥିବା ଲୋଡ୍ ହ୍ରାସ ପାଇବ। ଯାହା ଫଳରେ ଦଶ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଗୁଣାତ୍ମକ ବିଜୁଳି ସେବା ଦ୍ୱାରା ଉପକୃତ ହୋଇପାରିବେ। ଏହାସହ ତୁରୁଡି ଏବଂ ପ୍ରାଚୀପଡ଼ାରେ ଦୁଇଟି ୧୧ କେଭି ଫିଡର୍ କାର୍ଯ୍ୟକ୍ଷମ ହେବା ପରେ ସ୍ଥାନୀୟ ଅଞ୍ଚଳର ଭୋଲଟ୍ଟେଜ ସମସ୍ୟା ଦୂର ହୋଇଛି ଏବଂ ଲୋକେ ଉନ୍ନତ ମାନର ବିଦ୍ୟୁତ ସେବା ପାଇବେ। ତୁରୁଡି ଫିଡର ବର୍ତ୍ତମାନ ପ୍ରାୟ ୬ ହଜାର ଉପଭୋକ୍ତାଙ୍କୁ ସେବା ଯୋଗାଉଥିବା ବେଳେ ପ୍ରାଚୀପଡ଼ା ଫିଡର ୪ ହଜାରରୁ ଅଧିକ ଉପଭୋକ୍ତାଙ୍କୁ ବିଜୁଳି ସେବା ପ୍ରଦାନ କରୁଅଛି। ସେହିଭଳି ଧୋଡ୍ରାଠାରେ କାର୍ଯ୍ୟକ୍ଷମ ହୋଇଥିବା ନୂତନ ପିଏସ୍‌ଏସ୍ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ଯୋଗାଣରେ ବିଶ୍ୱସନୀୟତା ବୃଦ୍ଧି ପାଇବ ଏବଂ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ ହେବ। ଏହା ଦ୍ୱାରା ପ୍ରାୟ ଦଶ ହଜାରରୁ ଅଧିକ ଉପଭୋକ୍ତା ଉପକୃତ ହେବେ। ଏହି ଅବସରରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଟିପିଏସ୍‌ଓଡିଏଲରେ ଆମେ ଦକ୍ଷିଣ ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ପ୍ରତିବଦ୍ଧ ରହିଛୁ। ନୂତନ ଭାବେ ସ୍ଥାପିତ ସବଷ୍ଟେସନ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସହ ସ୍ଥାନୀୟ ଅଞ୍ଚଳର ସାମାଜିକ ତଥା ଅର୍ଥନୈତିକ ବିକାଶରେ ସହାୟକ ହେବ। ଏସବୁ ପଦକ୍ଷେପ ବିଦ୍ୟୁତ ବିତରଣ ଭିତ୍ତିଭୂମିର ଉନ୍ନତିକରଣ ଦିଗରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି। ଯାହା ଫଳରେ ନବରଙ୍ଗପୁର ଜିଲ୍ଲାର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଣ ସୁନିଶ୍ଚିତ ହୋଇପାରିଛି।

## କେନ୍ଦୁପାଲି ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ବନ ଦିବସ ପାଳିତ




**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅନ୍ତର୍ଗତ କେନ୍ଦୁପାଲି ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ରାଉତଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଗଛର ଯତ୍ନ ନେବାର ପ୍ରଣାଳୀ ବିଷୟରେ ଆଲୋଚନା କରିଥିଲେ। ଜଙ୍ଗଲ କ୍ଷୟର କାରଣ ଓ ନିରାକରଣ ବିଷୟକୁ ନେଇ କୁଇଜ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ତୁଳସୀରାମ ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରି ଚଳିତ ବର୍ଷର ବାର୍ତ୍ତା ଜଙ୍ଗଲ ଓ ଖାଦ୍ୟ ରହିଛି ବୋଲି କହିଥିଲେ। ସମସ୍ତେ ଜଙ୍ଗଲ ସୁରକ୍ଷା କରିବା ସହ ନିଆଁ ଦାଉରୁ ସୁରକ୍ଷା ଦେବା ଓ ନୂତନ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଛାତ୍ର ଦେବେନ୍ଦ୍ର ବାଦୀ, ପ୍ରୟାସ ନାଏକ, ଆଦିତ୍ୟ ମହାନନ୍ଦ, ରୁପେଶ ମହାକୁର, ସତ୍ୟମ ନାଏକ, ସମ୍ବିତ ପଧାନ, ସ୍ୱଜିତ ନାଏକ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଶମ୍ଭୁପ୍ରସାଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଳସୁଧା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ବ୍ଲକ ଅଳସୁଧା ପଞ୍ଚାୟତ ଅଳସୁଧା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତର ସରପଞ୍ଚ ଭ୍ରମରବର ସ୍ୱାଇଁ ଯୋଗଦେଇ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ପ୍ରଥମେ କନକଦୁର୍ଗା କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଆର୍ତ୍ତତ୍ରାଣ ଦାସ ସ୍ୱାଗତ ଭାଷଣ ଓ ପ୍ରଧାନଶିକ୍ଷୟିତ୍ରୀ ପ୍ରେମଲତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ପଂଚାୟତ ସମିତି ଉପାଧ୍ୟକ୍ଷ ରତି ରଞ୍ଜନ ବେହେରା, ଓଷ୍ଟା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ, ପୂର୍ବତନ ସିଆରସିସି ପ୍ରଦୀପ କୁମାର ସ୍ୱାଇଁ, ପଣସପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଧା ମୋହନ ଚକ୍ରବର୍ତ୍ତୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗବନ୍ଧୁ ଓଝା, ସୁରେନ୍ଦ୍ର କୁମାର ନାୟକ, ସର୍ବେଶ୍ୱର ଦାସ, ଅଧୀର ଦାସ, ଅଭିଭାବକ, ଅଭିଭାବିକାମାନେ ଭାଗ ନେଇ ଉତ୍ସବକୁ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ବାର୍ଷିକ ପୁରସ୍କାର ବଣ୍ଟନ କରାଯାଇଥିଲା। ୧ମରେ ଜ୍ୟୋତି ଜିଜ୍ଞା ଓଝା, ୨ୟ ପ୍ରଭାତି ସାହୁ ଓ ୩ ୟରେ ନେହା ଦାସ ପ୍ରମୁଖ ପୁରସ୍କୃତ ହୋଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଟୁକୁମଣୀ ଦେଇ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଷ୍ଟିଲ୍ ମେଲ୍ଟିଂ ସପ୍‌ରେ ଦୁର୍ଘଟଣା : ୯ ଆହତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଟାଟା ଷ୍ଟିଲ କଳିଙ୍ଗନଗର ଷ୍ଟିଲ ମେଲ୍ଟିଂ ସପ୍ ଦୁର୍ଘଟଣାରେ ୯ ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଟାଟା ଷ୍ଟିଲ ମେଡିକା ହସ୍ପିଟାଲକୁ ନିଆଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ ଜଣେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଛନ୍ତି। ଅଭିଜ୍ଞ ଡାକ୍ତରୀ ଦଳ ଏବେ ଆହତ ବ୍ୟକ୍ତିମାନଙ୍କ ଚିକିତ୍ସା କରୁଛନ୍ତି ଏବଂ ସମସ୍ତେ ବର୍ତ୍ତମାନ ବିପଦମୁକ୍ତ ଅଛନ୍ତି ବୋଲି ନିଶ୍ଚିତ କରିଛନ୍ତି। ଆମେ ସେମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ସେମାନଙ୍କର ଆଶୁ ଆରୋଗ୍ୟ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକ ପ୍ରୟାସ କରାଯାଉଛି। ଘଟଣା ସମ୍ପର୍କରେ ବିଭାଗୀୟ ସରକାରୀ ଅଧିକାରୀ ଓ ଆହତଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଛି। ଘଟଣାସ୍ଥଳକୁ ବ୍ୟାରିକେଡ୍ କରାଯାଇ ଆଭ୍ୟନ୍ତରୀଣ ତଦନ୍ତ ଜାରି ରହିଛି। ପରିସ୍ଥିତିର ମୁକାବିଲା ପାଇଁ ଆମେ ସମସ୍ତ ଆବଶ୍ୟକ ପଦକ୍ଷେପ ନେଉଛୁ। ଦୟାକରି ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଭିଡିଓକୁ ଆମ କାରଖାନାର ଘଟଣା ବୋଲି ବିଶ୍ୱାସ କରନ୍ତୁ ନାହିଁ। ଏକ ଦାୟିତ୍ୱବାନ କର୍ପୋରେଟ୍ ଭାବରେ ଆମର କର୍ମଚାରୀ ଏବଂ ଆମର ସମସ୍ତ ସହଯୋଗୀଙ୍କ ସୁରକ୍ଷା ଏବଂ କଲ୍ୟାଣ ଆମର ସର୍ବୋଚ୍ଚ ପ୍ରାଥମିକତା ଅଟେ ବୋଲି ଟାଟାଷ୍ଟିଲ ପକ୍ଷରୁ ସୂଚନା ଦିଆଯାଇଛି।

## କଟକରେ ଶହ ଶହ ଲୋକଙ୍କ ପାଇଁ ରୁଟି କରୁଛି ମେସିନ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଦୈନନ୍ଦିନ ଜୀବନରେ ପ୍ରମୁଖ ସ୍ଥାନ ନେଇଗଲାଣି ରୁଟି। ଯଦିଓ ଏହା କେବେ ଉତ୍ତର ଭାରତୀୟଙ୍କ ପ୍ରମୁଖ ଖାଦ୍ୟ ଥିଲା, କିନ୍ତୁ ଏବେ ଓଡ଼ିଶାର ପ୍ରାୟ ଅଧିକାଂଶ ଲୋକଙ୍କ ବିଶେଷ କରି ସହରବାସୀଙ୍କ ଡିନର ପାଇଁ ଆବଶ୍ୟକ ପଡୁଛି ରୁଟି। କଟକ ସହରରେ ମେସିନରେ ରୁଟି ପ୍ରସ୍ତୁତ କରୁଛନ୍ତି ପୂରା ପରିବାର। ଏହି ରୁଟି ମେସିନ ତାଙ୍କୁ ଦେଉଛି ରୋଜଗାର। କଟକ ଶେଖ୍ ବଜାର ଛକ ନିକଟରେ ଗଢି ଉଠିଥିବା ଏହି କ୍ଷୁଦ୍ର ଉଦ୍ୟୋଗଟି ଏବେ ଶହ ଶହ ଲୋକଙ୍କର ଆବଶ୍ୟକତାକୁ ପୂରଣ କରୁଛି। ଯେଉଁ ଉଦ୍ୟୋଗ ଜରିଆରେ ଦୈନିକ ପ୍ରସ୍ତୁତ ହେଉଛି ପ୍ରାୟ ୫ ରୁ ୬ ହଜାର ସଂଖ୍ୟାରେ ରୁଟି। ଏହି ରୁଟି କାରଖାନାକୁ ଅନାଇ ବସିଥିବା ଗ୍ରାହକମାନେ ହେଉଛନ୍ତି ଭିନ୍ନ ଭିନ୍ନ ପ୍ରକାରର। କଟକ ସହରରେ ରହି ପାଠ ପଢୁଥିବା ଯୁବଗୋଷ୍ଠୀଙ୍କ ଭିତରୁ ଅଧିକାଂଶ ଏହି ସ୍ଥାନଟି ଉପରେ ନିର୍ଭରଶୀଳ। ପୁଣି ବିଭିନ୍ନ ହଷ୍ଟେଲ, ମେସ, ଘରୋଇ ଡାକ୍ତରଖାନା ପାଇଁ ମଧ୍ୟ ଏହିଠାରୁ ରୁଟି ଯୋଗାଇ ଦିଆଯାଉଛି। ଆଉ କେବେ କେବେ ସହର ବାସିନ୍ଦା ମଧ୍ୟ ପରିବାରର ଆବଶ୍ୟକତା ପାଇଁ ଏଠାକୁ ଧାଇଁ ଆସନ୍ତି। ଶେଖ୍ ବଜାର ଛକ ନିକଟରେ ଗଢି ଉଠିଥିବା ଏହି କ୍ଷୁଦ୍ର ଉଦ୍ୟୋଗ ପୂର୍ବରୁ ଅଟା କଳ ଭାବେ ପରିଚିତ ଥିଲା। ଯାହାର ପରିଚାଳନା କରୁଥିଲେ ଲାଲା ଦିଲ୍ଲୀପ କୁମାର ରାୟ। ପରେ କିନ୍ତୁ ଅଟାକଳ ସହିତ ଯୋଡ଼ି ହୋଇଗଲା ଅଟୋମେଟିକ ରୁଟି ମେକର ମେସିନ। ଯାହାକୁ ଚଳାଇବାରେ ଲାଲା ଦିଲ୍ଲୀପଙ୍କ ପୂରା ପରିବାର ସହଯୋଗ କରନ୍ତି। ନିଜର ୨ ଭାଇ ଏବଂ ଉଚ୍ଚ ଶିକ୍ଷିତା ଝିଅକୁ ସାଙ୍ଗରେ ନେଇ ଦିଲ୍ଲୀପ ୩ ବର୍ଷ ତଳେ ଏହି ଉଦ୍ୟୋଗର ସ୍ଥାପନା କଲେ। ସେବେଠାରୁ ଏବେ ପର୍ଯ୍ୟନ୍ତ କେବେ ହେଲେ ରୁଟି ପାଇଁ କେହି ତାଙ୍କ ଦୋକାନ ଆଗରୁ ଫେରି ନାହାନ୍ତି। କହିବାକୁ ଗଲେ ରାୟ ପରିବାର, ନିଜର ଏହି ବ୍ୟବସାୟକୁ ନେଇ ଖୁବ୍ ଖୁସି, କାରଣ ସେମାନଙ୍କ ପରିବାର ପ୍ରତିପୋଷଣ ଲାଗି ଯାହାବି କିଛି ଆବଶ୍ୟକ, ତାହା ଏହି ଲଘୁ ଉଦ୍ୟୋଗ ପୂରଣ କରୁଛି। କଟକ ସହରରେ ଏଭଳି ଅନେକ କ୍ଷୁଦ୍ର ଉଦ୍ୟୋଗ ଅଛି ଯାହା ଜରିଆରେ ଶହ ଶହ ପରିବାର ଗୁଜରାଣ ମେଣ୍ଟାଉଛନ୍ତି। କିନ୍ତୁ ନୂତନ ଜ୍ଞାନ କୌଶଳକୁ ଆପଣେଇ ପୂରା ପରିବାରକୁ ଏକାଠି ରଖି ଗୋଟିଏ ଉଦ୍ୟୋଗ ଚଳାଇବା ଏତେ ସହଜ ନୁହେଁ।

# ବାଲିଘାଟ ସଂପର୍କିତ ନୂଆ ନିୟମାବଳୀକୁ ନେଇ ସରପଞ୍ଚ ଓ ଗାଡ଼ି ମାଲିକ ଖୁସ୍

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ବାଲିଘାଟ ସଂପର୍କିତ ନୂଆ ନିୟମ ଲାଗୁ ହେବା ପରେ ନଦୀକୂଳିଆ ପଞ୍ଚାୟତର ସରପଞ୍ଚ ଓ ବାଲି ଚୋରି କରି ବିକ୍ରି କରୁଥିବା ଗାଡ଼ି ମାଲିକମାନେ ଖୁସି ହୋଇ ଯାଇଛନ୍ତି। ବିଶେଷ କରି ଯେଉଁ ସରପଞ୍ଚମାନେ ଦୀର୍ଘ ବର୍ଷ ଧରି ବାଲି କାରବାର ସହ ସଂପୃକ୍ତ ଥିଲେ ଆଉ ଏବେ ସେମାନେ ପଞ୍ଚାୟତ ଦଖଲରେ ଅଛନ୍ତି ସେମାନଙ୍କ ଖୁସି କହିଲ ନ ସରେ। ଧାମନଗର ବ୍ଲକର ଦୋବଲ ଓ ଧୁଷୁରୀ ଜୋନ୍‌ର ଦୁଇ ପଞ୍ଚାୟତର ସରପଞ୍ଚ ଏବେ ଖୁବ୍ ଖୁସି। ଖଣି ଓ ଇସ୍ପାତ ବିଭାଗ ପକ୍ଷରୁ ବାଲିଘାଟ ପରିଚାଳନା ପାଇଁ ମାର୍ଚ୍ଚ ୨୧ ତାରିଖରେ ନୂଆ ଷ୍ଟାଣ୍ଡାର୍ଡ ଅପରେସନ ପ୍ରସିଜିଓର ବା ବାଲିଘାଟ ପରିଚାଳନା ନିୟମାବଳୀ ଜାରି ହୋଇଛି। ଏହି ନିୟମାବଳୀ ଅନୁସାରେ ପଞ୍ଚାୟତ ଅଞ୍ଚଳରେ ଥିବା ବାଲିଘାଟ ବା ସୈରାତ ଉତ୍ସର ନିଲାମ ଓ ପରିଚାଳନା ଦାୟିତ୍ୱ ପଞ୍ଚାୟତ ପାଖରେ ରହିଛି। ସରପଞ୍ଚଙ୍କ ତତ୍ତ୍ୱାବଧାନରେ ହିଁ ବାଲିଘାଟ ନିଲାମ ଏବଂ ପରିଚାଳନା ହେବ। ଏହି ନିୟମାବଳୀ ଅନୁସାରେ ଆନନ୍ଦପୁର ପଞ୍ଚାୟତ ଅଞ୍ଚଳରେ ବୈତରଣୀ ନଦୀରେ ଥିବା ଆନନ୍ଦପୁର-୧, ଆନନ୍ଦପୁର-୨, ଉଡେଇପୁର-୧, ଉଡେଇପୁର-୨ ଓ ପ୍ରସ୍ତାବିତ ମାନଲାପୁର ବାଲିଘାଟର ନିଲାମ ଓ ପରିଚାଳନା ସରପଞ୍ଚଙ୍କ ଜରିଆରେ ହେବ। ସେହିପରି ବୈତରଣୀ ନଦୀରେ ଅର୍ଜୁନପୁରର ବାଲିପାଟଣା ବାଲିଘାଟ ମଧ୍ୟ ସେହି ପଞ୍ଚାୟତର ସରପଞ୍ଚଙ୍କ ଜରିଆରେ ନିଲାମ ହେବ। ଆନନ୍ଦପୁର ପଞ୍ଚାୟତର ସରପଞ୍ଚ ମୀନା ମାଝିଙ୍କ ସ୍ୱାମୀ ଶରତ ଚନ୍ଦ୍ର ମାଝି ଦୀର୍ଘ ୨୦ ବର୍ଷ ଧରି ବାଲିଘାଟ ନିଲାମ ନିଜ ପରିବାର ସଦସ୍ୟଙ୍କ ନାଁରେ ନେଇ ଆସୁଅଛନ୍ତି। ଆନନ୍ଦପୁର ବାଲିଘାଟକୁ ଭାଇ ମୁରଲୀଧର ମାଝିଙ୍କ ନାଁରେ ନେଇଥିଲେ। ଉଡେଇପୁର-୧ ବାଲିଘାଟକୁ ସାନଭାଇ ବାବୁଲି ମାଝି ଓ ଉଡେଇପୁର-୨ ବାଲିଘାଟକୁ ନିଜ ନାଁରେ ଶରତ ନେଇଥିଲେ। ସେପଟେ ଅର୍ଜୁନପୁରର ସରପଞ୍ଚଙ୍କ ପାରିବାରିକ ସଂପର୍କୀୟ ବାଲିପାଟଣା ବାଲିଘାଟ ନିଲାମ ନେଇ ଆସୁଥିଲେ। ଉପରୋକ୍ତ ଘାଟଗୁଡ଼ିକରେ ବାଲି ସରିଯିବା ଓ ଏଗୁଡ଼ିକର ନିଲାମ ଅବଧି ସରିଯିବା ପରେ ଗତ ଦୁଇ ବର୍ଷ ହେଲା ଏ ଘାଟଗୁଡ଼ିକ ନିଲାମ ହୋଇନାହିଁ। ନିଲାମ ନ ହେବାର ସୁଯୋଗ ନେଇ ପାଖଆଖର ଗାଡ଼ି ମାଲିକମାନେ ନଦୀରେ ପଶି ଜୋର ଜବରଦସ୍ତ ବାଲି ଉଠାଇ ଚାଲାଣ କରୁଥିଲେ। ବେଆଇନ ଭାବେ ବାଲିଘାଟଗୁଡ଼ିକ ଚାଲିଥିଲା। ଏହାରି ଭିତରେ ପୂର୍ବ ସରକାରଙ୍କ ନିଷ୍ପତ୍ତି ଅନୁସାରେ ବାଲିଘାଟର ନିଲାମ, ପରିଚାଳନା ଓ ବାଲି ଚୋରି ରୋକିବା ଦାୟିତ୍ୱ ରାଜସ୍ୱ ବିଭାଗ ବା ତହସିଲ ଅଧିନରୁ କାଢ଼ିନେଇ ଖଣି ଓ ଇସ୍ପାତ ବିଭାଗକୁ ଦିଆଯାଇଥିଲା। ଖଣି ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସଂଖ୍ୟା କମ୍ ଥିବାରୁ ବାଲି ଚୋରି ରୋକି ହେଲାନାହିଁ। ଆରପଟେ ତହସିଲଦାର ନିଜ ଦାୟିତ୍ୱ ହୋଇନଥିବାରୁ ନିରବ ରହୁଥିଲେ। ଏବେ ନୂଆ ନିୟମ ଆସିବା ପରେ ସରପଞ୍ଚମାନେ ବାଲି କାରବାର କରିବାକୁ ଖୁବ୍ ଆଶାବାଦୀ ହୋଇପଡ଼ିଛନ୍ତି। ବାସ୍ତବରେ ଯଦିଓ ନିୟମରେ ଅନେକ କିଛି ରହିଛି, ହେଲେ ସରପଞ୍ଚ ତା' ନ ବୁଝି ଖୁବ୍ ଖୁସି ହେଉଛନ୍ତି।

## ତହସିଲ କାର୍ଯ୍ୟାଳୟ ପକ୍ଷରୁ ୧୧୨ ୟୁନିଟ୍ ରକ୍ତ ସଂଗ୍ରହ

**ସେମିଳିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ତହସିଲ କାର୍ଯ୍ୟାଳୟ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ଏକ ରକ୍ତଦାନ ଶିବିର ଓ ବୃକ୍ଷ ରୋପଣ ଆୟୋଜିତ ହୋଇ ଯାଇଛି। ଏହି ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ରକ୍ତଦାନ ଶିବିରରେ ୧୦୨ ୟୁନିଟରୁ ଉର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇ ରେଡକ୍ରସ୍ ଆଞ୍ଚଳିକ ରକ୍ତଭଣ୍ଡାରକୁ ହସ୍ତାନ୍ତର କରାଯାଇଛି। ଏହି ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଭାବେ କୋରାପୁଟ ଏଡିଏମ ବେଣୁଧର ଶବର ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ତହସିଲଦାର ଦେବବ୍ରତ କାରାତି, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ନାୟକ. ସୁବାବେଡା ଏସ ଡି ପି ଓ ସୁମିତ୍ରା ଜେନା, ବିଇଓ ଚାମେଲୀ ମଜୁମଦାର, ପୂର୍ବତନ ବିଜେପି ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, ବିଜେପି ଯୁବ ନେତା ଚୈତନ୍ୟ ନନ୍ଦୀ ବାଲି, ସେମିଳିଗୁଡା ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରୀ, ୧୮ ନମ୍ବର ୱାର୍ଡ କାଉନସିଲର ମମତା ରାଇ, ବିଧାୟକ ପ୍ରତିନିଧି ମହେଶ୍ୱର ଖିଲ, କଂଗ୍ରେସ ବ୍ଲକ ସଭାପତି ସନିଆ ମାଝୀ, ସେମିଳିଗୁଡା ସି ଡି ପି ଓ ବିନନ୍ଦିନି ବେହେରା ଯୋଗଦେଇ ଉଦ୍‌ଘାଟିତ କରିଥିଲେ। ରେଡକ୍ରସ୍‌ର ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ଏବଂ ଭିଭିନ୍ନ ସଂଗଠନର କର୍ମ କର୍ତ୍ତା ଏହି ରକ୍ତଦାନ ଶିବିରରେ ଯୋଗଦେଇ ରକ୍ତଦାନ କରିଥିଲେ ।

# ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା-୨୦୨୫

**ବାଲେଶ୍ୱର, ନ୍ୟୁଜ୍**



ସୂଚନା ଅଧିକାର ଆଇନ୍-୨୦୦୫ ଅଧିନିୟମ ୪ (୧) (ଖ) ପୂର୍ଣ୍ଣାଙ୍ଗ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଅଡିଟୋରିୟମ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଷୟ ବିଶାରଦ ରଶ୍ମିରଞ୍ଜନ ରାଉତ ଯୋଗ ଦେଇ (ଡିସ୍‌କ୍ଲୋଜରର ଅପଡେସନ୍) ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସ୍ୱତଃପ୍ରବୃତ୍ତ ସୂଚନା ପ୍ରକାଶନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସୂଚନା ଅଧିକାର ଆଇନ୍‌ରେ ଦରଖାସ୍ତ ଗ୍ରହଣ, ଉତ୍ତର ପ୍ରଦାନ, ଅନ୍‌ଲାଇନ୍‌ରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କୌଶଳ, ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ଆଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ପ୍ରଶ୍ନୋତ୍ତର ଅଧିବେଶନରେ ଉପସ୍ଥିତ ଅଧିକାରୀମାନେ ସୂଚନା ଅଧିକାର ଆଇନ୍‌ରେ ଆବେଦନ ଗ୍ରହଣ, ଉତ୍ତର ପ୍ରଦାନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ପ୍ରଶ୍ନ ପଚାରି ନିଜ ନିଜର ସନ୍ଦେହ ମୋଚନ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବିଭାଗ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବନ୍ତରେ ମିଳିତ ଜନ ଶୁଣାଣି : ୧୧୯ ଅଭିଯୋଗ ଦାଖଲ




**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ବନ୍ତ ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏହି ଶିବିରରେ ଯୋଗଦେଇ ସମୁଦାୟ ୧୧୯ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରେ ୮୬ଟି ବ୍ୟକ୍ତିଗତ ଓ ୩୨ଟି ସାମୂହିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଥିଲା। ରେଡ଼କ୍ରସ୍ ସମ୍ବନ୍ଧୀୟ ୧ଟି ଅଭିଯୋଗ ଥିଲା। ଉକ୍ତ ଆବେଦନକାରୀଙ୍କୁ ଜିଲ୍ଲା ରେଡ଼କ୍ରସ୍ ପାଣ୍ଠିରୁ ୪୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିଲେ। ୩୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଯୋଜନା ଆନୁକୂଲ୍ୟରେ ୨ଟି ହ୍ୱିଲ ଚେୟାର ଓ ଗୋଟିଏ ତିନି ଚକିଆ ସାଇକେଲ ବିତରଣ କରାଯାଇଥିଲା। ଭଦ୍ରକ ଜିଲ୍ଲାପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା ମଧ୍ୟ ଏହି ଶିବିରରେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଅତିରିକ୍ତ ଏସ୍.ପି. ବାସୁଦେବ ସ୍ୱାଇଁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସମାଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ବନ୍ତ ବ୍ଲକ୍‌ର ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଜନାଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଭଦ୍ରକ ଜିଲ୍ଲାସ୍ତରୀୟ ଓ ଉକ୍ତ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଜନଶୁଣାଣିରେ ବିଭିନ୍ନ ବିଭାଗୀୟ ଅଭିଯୋଗ ସମାଧାନ ନିମନ୍ତେ ଆବଶ୍ୟକ ତଥ୍ୟ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିଥିଲେ।

# ଜିଲ୍ଲା ଭାଜପା ପକ୍ଷରୁ ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବାଲେଶ୍ୱର, ନ୍ୟୁଜ୍**




ଭାଜପା ଜିଲ୍ଲା ସଭାପତି ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ରାଜ୍ୟ ସଭାପତି ଓ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ କରାଯିବା ସହିତ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଡାକ୍ତର ପ୍ରଧାନ ଜଣେ ସୁନାମଧନ୍ୟ ଡାକ୍ତର ଭାବେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ରାଜନୈତିକ ଜୀବନ ୧୯୮୦-୮୩ ତାଳଚେର ମଣ୍ଡଳ ସଭାପତି ଭାବେ ଆରମ୍ଭ କରି ୧୯୮୩-୮୮ ଢେଙ୍କାନାଳ ଜିଲ୍ଲାର ବିଜେପି ସଭାପତି, ୧୯୮୮-୧୯୯୩ ବିଜେପି ରାଜ୍ୟ ସଭାପତି, ୧୯୯୩-୧୯୯୫ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ, ପୁଣିଥରେ ୧୯୯୫-୧୯୯୭ ଓଡ଼ିଶା ବିଜେପି ରାଜ୍ୟ ସଭାପତି, ୧୯୯୭-୧୯୯୮ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ, ୧୯୯୮-୧୯୯୯ ଦେବଗଡ଼ ଲୋକସଭା ସାଂସଦ, ୧୯୯୮-୧୯୯୯ କେନ୍ଦ୍ର ଭୂପୃଷ୍ଠ ପରିବହନ ରାଷ୍ଟ୍ରମନ୍ତ୍ରୀ, ୧୯୯୯-୨୦୦୪ ଦେବଗଡ଼ ଲୋକସଭା ସାଂସଦ, ୧୯୯୯-୨୦୦୧ କେନ୍ଦ୍ର ଭୂପୃଷ୍ଠ ପରିବହନ ଏବଂ କୃଷି ରାଷ୍ଟ୍ରମନ୍ତ୍ରୀ ଓ ୨୦୦୧-୨୦୦୨ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଭାବେ ସଫଳତାର ସୋପାନ ଅତିକ୍ରାନ୍ତ କରିଥିଲେ। ଜିଲ୍ଲା ସଭାପତି ଶ୍ରୀ ବେହେରା, ସଦର ବିଧାୟକ ମାନସ କୁମାର ଦତ୍ତ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ଉମାକାନ୍ତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ପ୍ରଦେଶ ବରିଷ୍ଠ ମହିଳା ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ସିମୁଳିଆ ବ୍ଲକ୍ ଚେୟାରମେନ ବାବାଜୀ ଚରଣ ମଲ୍ଲିକ, ନୀଳଗିରି ଏନଏସି ଚେୟାରମ୍ୟାନ ମହେନ୍ଦ୍ରନାଥ ବେହେରା, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ବୈରାଗୀ ଚରଣ ବେହେରା, ପ୍ରବୀର ଶଙ୍କର ଦାଶ, ନଳୀନୀକାନ୍ତ ମହାପାତ୍ର, ବିଭୁପଦ ଦାସ, ଶଶୀକାନ୍ତ ମିଶ୍ର, ମମତା ମହାପାତ୍ର, ପ୍ରଭୃତି ବକ୍ତା ତାଙ୍କ ସ୍ମୃତି ଚାରଣ କରି ତାଙ୍କ ସାମାଜିକ ଜୀବନ, ରାଜନୈତିକ ଜୀବନ, ଦୁର୍ଦ୍ଦିନରେ ରାଜ୍ୟ ବିଜେପିର ପୁନରୁତ୍ଥାନ, ସାଂଗଠନିକ ଦକ୍ଷତା, କର୍ମୀ ବତ୍ସଳ ଆଚରଣ ବିଷୟରେ ନିଜ ନିଜର ଅନୁଭୂତି ବଖାଣି ଥିଲେ। ଶେଷରେ ଜିଲ୍ଲାର ବରିଷ୍ଠ ନେତା ପର୍ଶୁରାମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ସ୍ୱାସ୍ଥ୍ୟ ବୀମାରେ ବୃଦ୍ଧି

ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ବହୁ ମାତ୍ରାରେ ମହଙ୍ଗା ହୋଇଗଲାଣି। ଗତ ୧୦ ବର୍ଷରେ ଏହା ଦୁଇ ଗୁଣା ବଢ଼ିଯାଇଛି । ଫଳରେ ଅନେକ ଲୋକ ନିଜ ନିଜର ବୀମା ବନ୍ଦ କରିବାକୁ ବାଧ୍ୟ ହେଉଥିବା ଏକ ରିପୋର୍ଟରୁ ଜଣାପଡ଼ିଛି । ରିପୋର୍ଟ ଅନୁସାରେ, ମହଙ୍ଗା ପ୍ରିମିୟମ ଯୋଗୁ ଲୋକେ ପଲିସି ବନ୍ଦ କରିଦେଉଛନ୍ତି ଅବା କମ୍ କଭର ରହିଥିବା ପ୍ଲାନ୍ ନେଉଛନ୍ତି। ଚଳିତ ଆର୍ଥିକ ବର୍ଷ ପ୍ରତି ୧୦ରେ ଜଣେ ବୀମାଧାରୀ ନିଜର ସ୍ୱାସ୍ଥ୍ୟ ବୀମା ପଲିସିକୁ ରିନ୍ୟୁ କରିନାହାନ୍ତି । ପ୍ରାୟ ୧୦% ଲୋକଙ୍କ ପ୍ରିମିୟମ ୩୦% କିମ୍ବା ଏହାଠାରୁ ଅଧିକ ବୃଦ୍ଧି ପାଇଛି । ଏଥିମଧ୍ୟରୁ ମାତ୍ର ଅଧା ଲୋକ ହିଁ ପୁରା ପ୍ରିମିୟମ ଭରିଛନ୍ତି । ଗତ ୧୦ ବର୍ଷରେ ୫୨% ପଲିସିଧାରୀଙ୍କ ପ୍ରିମିୟମରେ ବାର୍ଷିକ ୫ରୁ୧୦% ବୃଦ୍ଧି ଘଟିଛି। ଏହାର ଅର୍ଥ ଯଦି କୌଣସି ବ୍ୟକ୍ତିଙ୍କ ପ୍ରିମିୟମ୍ ୧୦୦ ଟଙ୍କା ଥିଲା ୧୦ ବର୍ଷ ପରେ ଏହା ୧୬୨- ୨୫୯ ଟଙ୍କା ହୋଇଛି । ୩୮% ପଲିସିଧାରୀଙ୍କ ପ୍ରିମିୟମରେ ବାର୍ଷିକ ବୃଦ୍ଧି ୧୦ରୁ୧୫% ରହିଛି । ଅର୍ଥାତ୍ ସେମାନଙ୍କ ୧୦୦ ଟଙ୍କା ଥିବା ପ୍ରିମିୟମ ୨୫୯ରୁ୪୦୪ ଟଙ୍କା ହୋଇଛି । କିନ୍ତୁ ୩% ଲୋକଙ୍କ ପ୍ରିମିୟମ୍‌ରେ ବାର୍ଷିକ ବୃଦ୍ଧି ୧୫ରୁ୩୦% ରହିଥିବା ଜଣାପଡ଼ିଛି । ପ୍ରଶ୍ନ ଉଠୁଛି ଯେ, ପ୍ରିମିୟମ କାହିଁକି ଏତେ ମାତ୍ରାରେ ବୃଦ୍ଧି ପାଇଛି । ବୀମା କମ୍ପାନିଙ୍କ କହିବାନୁସାରେ, କ୍ଲେମ୍ ଅନୁପାତ ବିଗିଡ଼ିବା କାରଣରୁ ଏଭଳି ହେଉଛି । କ୍ଲେମ୍ ଅନୁପାତ ଅର୍ଥାତ୍, ଯେତିକି ପ୍ରିମିୟମ ସଂଗ୍ରହ ହୋଇଛି, ସେଥିମଧ୍ୟରୁ କେତେ ମାତ୍ରାକୁ କ୍ଲେମ୍ କରାଯାଇଛି । ଯଦି ଅଧିକ କ୍ଲେମ୍ ଆସେ, ତେବେ କମ୍ପାନିଗୁଡ଼ିକୁ ପ୍ରିମିୟମ ବଢ଼ାଇବାକୁ ପଡ଼ିଥାଏ । କିଛି ଲୋକଙ୍କ ପ୍ରିମିୟମ୍‌ରେ ଅଧିକ ବୃଦ୍ଧି ଦେଖିବାକୁ ମିଳିଛି । କାରଣ ସ୍ୱାସ୍ଥ୍ୟ ବୀମାର ପ୍ରିମିୟମ୍ ପ୍ରତିବର୍ଷ ଏକାଭଳି ବଢ଼ି ନ ଥାଏ । ଏହା କିଛି ବର୍ଷର ବ୍ୟବଧାନରେ ଅଚାନକ ବୃଦ୍ଧି ପାଇଥାଏ । ବୀମା କମ୍ପାନିଗୁଡ଼ିକ ପ୍ରତି ୩ ବର୍ଷରେ ମେଡିକାଲ ଖର୍ଚ୍ଚ ହିସାବରେ ନିଜ ନିଜର ବୀମା ଦର ବଢ଼ାଇଥାନ୍ତି । ବୟସ ବଢ଼ିବା ସହ ପ୍ରିମିୟମ ବଢ଼ିଥାଏ। ବୟୋବୃଦ୍ଧ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ଅଧିକ ରହିଥାଏ । ତେଣୁ ସେମାନଙ୍କ ପ୍ରିମିୟମ୍‌ରେ ଅଧିକ ବୃଦ୍ଧି କରାଯାଇଥାଏ। ପଲିସିବଜାରର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭାରତର ସ୍ୱାସ୍ଥ୍ୟ ବୀମା ବଜାରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏହି ସର୍ଭେରେ ବର୍ଦ୍ଧିତ ପ୍ରିମିୟମ, ଲୋକଙ୍କ ଖର୍ଚ୍ଚ କମ୍ କରିବାର ଉପାୟ ଏବଂ ମେଡିକାଲ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ପାଇଁ କମ୍ପାନିଗୁଡ଼ିକର ମତାମତ ନିଆଯାଇଛି । କିଛି ଲୋକଙ୍କୁ ପ୍ରିମିୟମ୍‌ରେ ବଡ଼ ବୃଦ୍ଧିର ସାମ୍ନା କରିବାକୁ ପଡ଼ିଛି । କିନ୍ତୁ ଅଧିକାଂଶ ଲୋକ ନୂଆ ପ୍ଲାନ୍ ଏବଂ ସଞ୍ଚୟର ବିଭିନ୍ନ ଉପାୟ ମାଧ୍ୟମରେ ଖର୍ଚ୍ଚକୁ ଭଲ ଭାବେ ପରିଚାଳନା କରିପାରୁଥିବା ଏଥିରେ ଉଲ୍ଲେଖ କରାଯାଇଛି । ବିଶେଷଜ୍ଞଙ୍କ ମତରେ, ଯଦି ପ୍ରିମିୟମ ବଢ଼େ ଏବଂ ବୀମାଧାରୀ ତାହାକୁ ଭରିବାକୁ ଚାହାନ୍ତି ନାହିଁ ତେବେ ସେମାନଙ୍କ ପାଖରେ କମ୍ ପ୍ରିମିୟମଯୁକ୍ତ ପ୍ଲାନ୍ ବାଛିବାର ବିକଳ୍ପ ରହିଛି । କେତେକ ଲୋକ ଟଙ୍କା ବଞ୍ଚାଇବା ପାଇଁ 'ଡିଡକ୍ଟେବଲ' ବିକଳ୍ପ ବି ବାଛୁଛନ୍ତି। 'ଡିଡକ୍ଟେବଲ'ର ଅର୍ଥ ହେଉଛି, ଏକ ନିର୍ଦ୍ଦିଷ୍ଟ ରାଶି ପର୍ଯ୍ୟନ୍ତ ଖର୍ଚ୍ଚକୁ ନିଜକୁ ଉଠାଇବାକୁ ପଡ଼ିବ, ଏହା ପରେ ହିଁ ବୀମା କମ୍ପାନି ଖର୍ଚ୍ଚ କରିବ। ମେଡିକାଲ ଖର୍ଚ୍ଚ ବୃଦ୍ଧି ଏବଂ ନୂଆ ପ୍ରଯୁକ୍ତି ସହିତ ସ୍ୱାସ୍ଥ୍ୟ ବୀମାର ପରିସର ବଢୁଛି, ଯାହାଦ୍ୱାରା ପ୍ରିମିୟମ ଉପରେ ପ୍ରଭାବ ପଡୁଛି।



## ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ
## ଗୀତାମୃତ ଲହରୀ

ଦ୍ୱିତୀୟ ଅଧ୍ୟାୟ

(ଭଜ ମନ ସବୁରି ଦୁଃଖହର ହରିଙ୍କି-ବୃତ୍ତେ)

(କିହୋ) କୃଷ୍ଣ କହୁଅଛନ୍ତି କୁନ୍ତୀ ଚାଟକୁ,
ଶୁଣ ସୁଚିତ୍ତେ ଦୁଇ ଅଧା ପାଠକୁ ।
ମୋହ-ମାୟା ଛନ୍ଦେ ଦ୍ୱନ୍ଦ୍ୱେ ବୁଡି ହୁଡି ପଡିଛୁ,
ନ ବୁଝିଣ ଶୋକ କରି କେତେ ଜ୍ଞାନ କହୁଛୁ।
ନାଶ ହୁଏ ଶରୀର, ଆତ୍ମା ଅଟେ ଅମର
ଜାଣି ସୁଜ୍ଞାନୀ ନର, ନ ହୋଇଣ ଅଧୀର
ଧୀରେ ଧିଆନେ ଧରିଥାନ୍ତି ଘଟକୁ ।୧।
ସର୍ବେନ୍ଦ୍ରିୟ ଗୁଣଶ୍ରେଣୀ ଟାଣି ତୋତେ ନେଲେଣି,
କାମବଶେ ରସାଇ ତୋ ବୁଦ୍ଧି ଭ୍ରଷ୍ଟ କଲେଣି।
ସୁଖ ଦୁଃଖ ସମସ୍ତ ପାଞ୍ଚ ଇନ୍ଦ୍ରିରୁ ଜାତ
କରି ତାଙ୍କୁ ଆୟତ୍ତ, ରହ ତୁ ସ୍ୱ-ଆୟତ୍ତ
ସୁଗମରେ ସନ୍ତୋଷେ ଜଗ ମଠକୁ ।୨।
ସୂକ୍ଷ୍ମଭାବ ସାଂଖ୍ୟଯୋଗ ନାମ ଅଟେ ଏହାର
ଅଭେଦ ରୂପରେ ବ୍ରହ୍ମ ପ୍ରାପ୍ତି ହେବୁ ସତ୍ୱର ।
ଆତ୍ମା ଭାବରେ ଶାନ୍ତି ପାଇ ଲାଭ ହୋ ତୃପ୍ତି
ସମାନ ଦେଖ କ୍ଷିତି, ଧର ସମୁଦ୍ର ରୀତି,
ଫଳଆଶା ନାଶଇ ସବୁ ପାଠକୁ ।୩।
ଯେ ଯାହର କୁଳଧର୍ମ ଅବଶ୍ୟ ସେ କରିବ
ତା ନକଲେ ବିଚାର କ୍ଷେତ୍ରରେ ସେହୁ ହାରିବ।
ଏଣୁ କହୁଛି ମୁହିଁ ବିଷାଦ ତେଜ ତୁହି
ଜୟ ଅଜୟ ଦୁଇ, ମୋତେ ସମର୍ପି ଦେଇ,
କରି ଯାଅ ତୋର କର୍ତ୍ତବ୍ୟ ବାଟକୁ ।୪।
ଦୁଷ୍ଟ ନଷ୍ଟ ପାଇଁ ସୃଷ୍ଟେ ହୃଷ୍ଟେ ଜାତ ତୋହର
ନିଶ୍ଚୟ ଏ କୁରୁବଂଶ ହେବ ଦିନେ ସଂହାର
ନ ଦେଇ ପଛଘୁଞ୍ଚା ହୁଅ ତୁ ଆଗପଞ୍ଚା,
ନାହିଁ ତ ତୋର ବାଞ୍ଛା, ପୂର୍ଣ୍ଣ ହେଉ ମୋ ଇଚ୍ଛା
ବଇକୁଣ୍ଠ ବୋଲେ ନ କର ହଟକୁ ।୫।

(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୧୭)
## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ବିଶର ମହାନ୍ତିଙ୍କ ପରିଚୟ ଖୋଜୁ ଖୋଜୁ ଓଡ଼ିଶାର ଜଣେ ବିଶିଷ୍ଟ ସ୍ତମ୍ଭକାର ଅସିତ୍ ମହାନ୍ତିଙ୍କ ଗୋଟିଏ ସ୍ତମ୍ଭ ଉପରେ ଏ ଲେଖକ ଦୃଷ୍ଟି ନିବଦ୍ଧ କରିଥିଲା। ବିଶର ମହାନ୍ତିଙ୍କ ଜନ୍ମ ବୃତ୍ତାନ୍ତକୁ ଆଧାର କରି ସେ ଔପନ୍ୟାସିକା କନକଲତା ମହାନ୍ତିଙ୍କ ଉପନ୍ୟାସରୁ କିଛି ଉପାଦେୟ ପ୍ରସଙ୍ଗଙ୍କୁ ଉଦ୍ଧାର କରିଛନ୍ତି। ଯାହକୁ ଆମ୍ଭେ ଏଠାରେ ଉଲ୍ଲେଖ କରୁଛୁ। ସେ ଲଖିଛନ୍ତି ବିଶର ମହାନ୍ତି ହେଲେ ଯାଜପୁରର ପ୍ରସିଦ୍ଧ ଭକ୍ତ ବନ୍ଧୁମହାନ୍ତିଙ୍କ ବଂଶଧର। ଔପନ୍ୟାସିକା ତାଙ୍କ ଉପନ୍ୟାସରେ ବିଶର ମହାନ୍ତିଙ୍କୁ ମୁଖ୍ୟ ଚରିତ୍ରରେ ଚିତ୍ରାୟିତ କରିଛନ୍ତି। କନକଲତା ମହାନ୍ତି ସମ୍ଭବତଃ ବିଶର ମହାନ୍ତିଙ୍କ ପରିଚୟଗତ ରହସ୍ୟକୁ ଉନ୍ମୋଚନ କରିବାକୁ ଯାଇ ବହୁ ଜନପଦ ଭ୍ରମଣ କରିଛନ୍ତି। ସେହି ଅବକାଶ ମଧ୍ୟରେ ଯାଜପୁରର ଜଣେ ବୟସ୍କ ବ୍ୟକ୍ତିଙ୍କ ସହିତଭେଟ ହୋଇଛି। ସେହି ବ୍ୟକ୍ତିଙ୍କ ସହିତ କଥୋପକଥନ ସମୟରେ ବ୍ୟକ୍ତି ଜଣକ ପ୍ରକାଶ କରିଥିଲେ ଯେ ବିଶର ମହାନ୍ତି ହେଉଛନ୍ତି ଭକ୍ତ ବନ୍ଧୁ ମହାନ୍ତିଙ୍କ ଜ୍ଞାତି। ସେହି ବୟସ୍କ ବ୍ୟକ୍ତି ଜଣକ ଯେତେବେଳେ ଯୁବକ ଅବସ୍ଥାରେ ଥିଲେ ସେହି ସମୟ ସେ ଦେଖିଥିଲେ " ବିଶର ମହାନ୍ତି ଡିହ" ନାମରେ ଏକ ଜାଗା ଥିଲା। ଯାଜପୁରରେ ଅକାଳ ପଡିବାର କିଛିଦିନ ପରେ ଏଠାରେ ରହିଥିବା ବନ୍ଧୁ ମହାନ୍ତିଙ୍କ ଜ୍ଞାତିମାନେ ବୈଦ୍ୟ ବୃତ୍ତି ଗ୍ରହଣ କରିଥିଲେ। ତାଙ୍କ ବଂଶର ନାମ ଡାକ୍ ଥିଲା।" ତାଙ୍କ ଉପନ୍ୟାସରେ ବିଶର ମହାନ୍ତିଙ୍କ ବଂଶଧର ମାନେ ବୈଦ୍ୟ ବୃତ୍ତିଗ୍ରହଣ କରିବାର ଉଲ୍ଲେଖ କରିଛନ୍ତି। କନକଲତାଙ୍କର ଉପନ୍ୟାସବି ଦର୍ଶାଉଛି ଯେ ବିଶର ମହାନ୍ତିଙ୍କ ଜେଜେବାପା ବିଶରଙ୍କୁ ଦିନେ କହିଛନ୍ତି "କେତେବେଳେ କୋଉକଥା। ବନ୍ଧୁ ପଣେ ମହାପ୍ରଭୁଙ୍କ ପାଖେ ପାଖେ ରହିବାକୁ ହେବ। ସେଇ ଦୁଃଖ, ଦୁର୍ଦ୍ଦଶା, କଷଣ ଦୂଷଣ ଅଙ୍ଗେ ନିଭାଇବାକୁ ହେବ, "ତୋତେ ହିଁ ତୁହିରକ୍ଷା କର। ମୁଁ ଛାର ମନୁଷ୍ୟ ମାତର। ସଙ୍ଗେ ସଙ୍ଗେ କିନ୍ତୁ ପାରିହେବାକୁ ହବ ଯମୁନାନଇ। ମୁଣ୍ଡରେ ସେ ବୋଝ ମୁଣ୍ଡେଇ। ନାତି ତୁ ପାରିବୁନା ? ବିଶର ମହାନ୍ତି ଆଜି ଜେଜେ ବାବାଙ୍କ କଥା ଭାବି ଆଜି ବିସ୍ମିତ ହୁଅନ୍ତି ଏଇଥିପାଇଁ ଯେ ଜେଜେ ବାପା କ'ଣ ଜ୍ୟୋତିଷ ବିଦ୍ୟା ଜାଣିଥିଲେ ? ଦିବ୍ୟଦ୍ରଷ୍ଟା ଯୋଗୀ ଅଥବା ବିଜ୍ଞାନୀଥିଲେ ? ଭକ୍ତଥିଲେ ? ଗତ ଆଗତ ବର୍ତ୍ତମାନ ନଖ ଦର୍ପଣରେ ଦେଖୁଥିଲେ ?" ବରିଷ୍ଠ ସ୍ତମ୍ଭକାର ଅସିତ୍ ମହାନ୍ତି ଆଉ ଏକ ପ୍ରସଙ୍ଗ ମଧ୍ୟ ବିଶର ମହାନ୍ତିଙ୍କ ପରିଚୟ ପାଇଁ ସୁରେନ୍ଦ୍ର ମହାନ୍ତିଙ୍କ ନୀଳଶୈଳ' ଉପନ୍ୟାସରୁ କିଛି ଉପାଦାନ ସଂଗ୍ରହ କରିଛନ୍ତି ଯାହାର ସମ୍ୟକ ବୃତ୍ତାନ୍ତ ନିମ୍ନରେ ଉଲ୍ଲେଖ କରୁଛୁ। ବିଶର ମହାନ୍ତି ଗଙ୍ଗାକୂଳରୁ ଅଧାପୋଡା କାଷ୍ଠ ବିଗ୍ରହର ମଧ୍ୟରୁ ବ୍ରହ୍ମ ସଂଗ୍ରହ କରି କୁଜଙ୍ଗ ଗଡରେ ରଖିଥିଲେ। ରାମଚନ୍ଦ୍ର ଦେବ ଖୋର୍ଦ୍ଧା ରାଜ ସିଂହାସନ ଆହୋରଣ କରିବା ପରେ ପରେ କୁଜଙ୍ଗ ଗଡରୁ ବ୍ରହ୍ମ ଉଦ୍ଧାର କରି ନବ କଳେବର କରାଇଥିଲେ। 'ନୀଳ ଶୈଳ'ରେ ଉଲ୍ଲେଖ ରହିଛି " ବହୁ ଆଡେ ଅନୁସନ୍ଧାନ ପରେ ବି ବିଗ୍ରହ ନିର୍ମାଣ ପାଇଁ ଶାସ୍ତ୍ରୋକ୍ତ ଲକ୍ଷଣ ସଂପନ୍ନ ଦାରୁ ମିଳିନଥିଲା। ଅବଶେଷରେ ଏବେ ଯେଉଁଠାରେ ଦଧିବାମନଙ୍କ ମନ୍ଦିର ନିର୍ମିତ ହୋଇଛି ସେଠାରେ ପ୍ରଥମେ ଜଗନ୍ନାଥଙ୍କ ଈଷତ୍ କୃଷାଭ ଦାରୁ କାଠର ସନ୍ଧାନ ମିଳିଥିଲା। ସେଠାରେ ଅପନ୍ତରା ହୁଡାରେ ଥିଲା ପଞ୍ଚଶାଖା ବିଶିଷ୍ଟ ଗୋଟିଏ ମହାନିମ୍ବଗଛ। ଦାରୁ ଦେହରେ ଶାସ୍ତ୍ରୋକ୍ତ ଶଙ୍ଖ, ଚକ୍ର ଚିହ୍ନ ଉତ୍କୀର୍ଣ୍ଣ ଥିଲା। ବୃକ୍ଷର ପାଦତଳେ ଗୋଟିଏ ପୁରୁଣା ହୁଙ୍କା ବଢି ବଢି ଉତ୍ତକୁ ଉଠିଥିଲା। ପ୍ରତି ସକାଳେ ଗୋଟିଏ ନାଗସାପ ସେହି ବଲ୍ମୀକ ଭିତରୁ ବାହାରି ଫଣା ଟେକି ଖେଳୁଥିଲା। ସେହିଠାରେ ବହୁ ଅନ୍ୱେଷଣପରେ ଜଗନ୍ନାଥଙ୍କ ଦାରୁର ସନ୍ଧାନ ମିଳିଥିଲା। ତାହାର ସ୍ମାରକ ରୂପେ ରାମଚନ୍ଦ୍ର ଦେବଙ୍କ ଆବେଶରେ ସେହିଠାରେ ସ୍ଥାପିତ ହୋଇଥିଲା ବ୍ରହ୍ମପୁର। ଗ୍ରାମ ଓ ଦଧିବାମନଙ୍କ ମନ୍ଦିର। ରାମଚନ୍ଦ୍ର ଦେବ ବିଶର ମହାନ୍ତିଙ୍କୁ ଗାଡନାୟକ ପଦବୀ ଦେଇ ମନ୍ଦିରର ରକ୍ଷଣାବେକ୍ଷଣ ଓ ଚଉପାଢୀ ପାଇଁ ତିନିଶହ ଷାଠିଏ ବାଟି ନିଷ୍କର ଭୂମି ଖଞ୍ଜି ଦେଇଥିଲେ। ସିଂହଳ-ବ୍ରହ୍ମପୁର ଚଉପାଢି ଓ ଦଧିବାମନ ମନ୍ଦିର ଏହି ଇତିବୃତ୍ତ ଏବେ ସୁଦ୍ଧା ଚଉପାଢୀର ଭଉଁରିଆ ଖୋଦାମାନଙ୍କରେ ଲେଖାହୋଇ ରହିଛି।" "ନୀଳଶୈଳ" ଏକ ଉପନ୍ୟାସ ହୋଇଥିବାରୁ ଏବଂ ଏଥିରୁ ଉଦ୍ଧାର ହୋଇଥିବା ତଥ୍ୟ ଗୁଡିକର କେତେ ସତ୍ୟତା ରହିଛି, ତାହା ଅନୁସନ୍ଧାନର ଅପେକ୍ଷା ରଖେ। ତେବେ ଯାହା ହେଉ ଅସିତ୍ ମହାନ୍ତି ଦୁଇଟି ଉପନ୍ୟାସରୁ ଉଦ୍ଧାର କରିଥିବା ତଥ୍ୟ ଗୁଡିକୁ ଅତି ସଂକ୍ଷିପ୍ତ ଭାବେ ଆମେ ଏଠାରେ ଉପସ୍ଥାପନ କଲୁ। ଏହି ଉପନ୍ୟାସଟିରେ ମଧ୍ୟ ବିଶର ମହାନ୍ତିଙ୍କର ପୂର୍ବ ଇତିହାସ ସଂପୂର୍ଣ୍ଣ ଅସ୍ପଷ୍ଟ। କିନ୍ତୁ ଏତିକି ଉଲ୍ଲେଖ କରାଯାଇଛି ଯେ ତାଙ୍କର ଗଡନାୟକ ବଂଶ ଜାଗିରି ପାଇଁ ପଞ୍ଚମ ପିଢି ପର୍ଯ୍ୟନ୍ତ ଦଧିବାମନ ମନ୍ଦିରର ସେବକ ଥିଲେ। କିନ୍ତୁ ଅପୁତ୍ରିକ କୁଞ୍ଜ ଗଡନାୟକଙ୍କ ଠାରୁ ବିଶର ମହାନ୍ତିଙ୍କ ବଂଶ ସବୁଦିନ ଲୋପ ପାଇଗଲା। (କ୍ରମଶଃ)

# ଭଗତ ସିଂହଙ୍କ ଜେଲ୍ ନୋଟବୁକର କାହାଣୀ

କଳ୍ପନା ପାଣ୍ଡେ
kalapana281083@gmail.com
ମୋ-୯୦୮୨୫୭୪୩୧୫

ଭଗତ ସିଂହ ଏବଂ ତାଙ୍କ ସହଯୋଗୀ ସୁଖଦେବ ଓ ରାଜଗୁରୁଙ୍କ ଶହୀଦ ଦିବସ ଅବସରରେ, ଆସନ୍ତୁ ଆମେ ଭଗତ ସିଂହଙ୍କ ଜେଲ୍ ଡାଏରୀକୁ ସଂକ୍ଷେପରେ ଅନୁସନ୍ଧାନ କରିବା। ଏହି ଡାଏରୀ, ଯାହା ଆକାରରେ ଏକ ସ୍କୁଲ ନୋଟବୁକ୍ ସଦୃଶ, ୧୨ ସେପ୍ଟେମ୍ବର ୧୯୨୯ରେ ଜେଲ୍ ଅଧିକାରୀମାନଙ୍କ ଦ୍ୱାରା ଭଗତ ସିଂହଙ୍କୁ ପ୍ରଦାନ କରାଯାଇଥିଲା। ଏହା ଉପରେ "ଭଗତ ସିଂହଙ୍କ ପାଇଁ ୪୦୪ ପୃଷ୍ଠା" ବୋଲି ଲେଖା ଥିଲା। କାରାବାସ ସମୟରେ, ସେ ଏହି ଡାଏରୀରେ ୧୦୮ ଜଣ ଭିନ୍ନ ଲେଖକଙ୍କ ଦ୍ୱାରା ରଚିତ ୪୩ଟି ପୁସ୍ତକ ଉପରେ ଆଧାରିତ ନୋଟ୍ସ ଲିପିବଦ୍ଧ କରିଥିଲେ, ଯେଉଁମାନଙ୍କ ମଧ୍ୟରେ କାର୍ଲ ମାର୍କ୍ସ, ଫ୍ରେଡରିକ୍ ଏଙ୍ଗେଲ୍ସ ଏବଂ ଲେନିନ୍ ଅନ୍ତର୍ଭୁକ୍ତ ଥିଲେ। ସେ ଇତିହାସ, ଦର୍ଶନ ଏବଂ ଅର୍ଥନୀତି ଉପରେ ବିସ୍ତୃତ ନୋଟ୍ସ ତିଆରି କରିଥିଲେ।

ଭଗତ ସିଂହଙ୍କ ଲକ୍ଷ୍ୟ କେବଳ ଔପନିବେଶିକତା ବିରୁଦ୍ଧରେ ସଂଗ୍ରାମ ନ ଥିଲା, ବରଂ ସାମାଜିକ ବିକାଶ ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ମଧ୍ୟ କେନ୍ଦ୍ରୀଭୂତ ଥିଲା। ସେ ବିଶେଷତଃ ପାଶ୍ଚାତ୍ୟ ଚିନ୍ତାବିଦମାନଙ୍କ ରଚନା ପଢ଼ିବାକୁ ଅଧିକ ଆଗ୍ରହୀ ଥିଲେ। ଜାତୀୟତାବାଦୀ ସଂକୀର୍ଣ୍ଣତାକୁ ଅତିକ୍ରମ କରି, ସେ ଆଧୁନିକ ବିଶ୍ୱବ୍ୟାପୀ ଦୃଷ୍ଟିକୋଣ ମାଧ୍ୟମରେ ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ବିଶ୍ୱବ୍ୟାପୀ ଦୃଷ୍ଟିଭଙ୍ଗୀ ତାଙ୍କ ସମୟର କେବଳ ମୁଷ୍ଟିମେୟ ନେତା, ଯଥା ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ ଏବଂ ଡକ୍ଟର ବି.ଆର. ଆମ୍ବେଦକରଙ୍କ ପାଖରେ ଦେଖାଦେଇଥିଲା।

୧୯୬୮ରେ, ଭାରତୀୟ ଇତିହାସବିତ୍ ଜି. ଦେବଲ ଭଗତ ସିଂହଙ୍କ ଭାଇ କୁଲବୀର ସିଂହଙ୍କ ସାଙ୍ଗରେ ଥାଇ ତାଙ୍କ ଜେଲ୍ ଡାଏରୀର ମୂଳ ପ୍ରତିଟିକୁ ଦେଖିବାର ସୁଯୋଗ ପାଇଥିଲେ। ତାଙ୍କ ନୋଟ୍ସ ଆଧାରରେ, ଦେବଲ 'ପିପୁଲ୍ସ ପାଥ୍' ନାମକ ସାମୟିକୀରେ ଭଗତ ସିଂହ ବିଷୟରେ ଏକ ଲେଖା ପ୍ରକାଶ କରିଥିଲେ, ଯେଉଁଠାରେ ସେ ଏକ ୨୦୦ ପୃଷ୍ଠା ବିଶିଷ୍ଟ ଡାଏରୀର ଉଲ୍ଲେଖ କରିଥିଲେ। ତାଙ୍କ ଲେଖାରେ ଜି. ଦେବଲ ଉଲ୍ଲେଖ କରିଥିଲେ ଯେ ଭଗତ ସିଂହ ପୁଞ୍ଜିବାଦ, ସମାଜବାଦ, ରାଷ୍ଟ୍ରର ଉତ୍ପତ୍ତି, ମାର୍କ୍ସବାଦ, ସାମ୍ୟବାଦ, ଧର୍ମ, ଦର୍ଶନ ଏବଂ ବିପ୍ଳବର ଇତିହାସ ପରି ବିଷୟଗୁଡ଼ିକ ଉପରେ ଟୀକା ଲେଖିଥିଲେ। ସେ ଏହା ମଧ୍ୟ ପରାମର୍ଶ ଦେଇଥିଲେ ଯେ ଏହି ଡାଏରୀ ପ୍ରକାଶନ କରାଯିବା ଉଚିତ, କିନ୍ତୁ ତାହା ବାସ୍ତବରୂପ ପାଇନଥିଲା।

୧୯୭୭ରେ, ରୁଷିଆନ୍ ବିଦ୍ୱାନ ଏଲ.ଭି. ମିତ୍ରୋଖୋଭ ଏହି ଡାଏରୀ ସମ୍ବନ୍ଧରେ ସୂଚନା ପାଇଥିଲେ। କୁଲବୀର ସିଂହଙ୍କଠାରୁ ବିସ୍ତୃତ ତଥ୍ୟ ସଂଗ୍ରହ କରି ସେ ଏକ ଲେଖା ରଚନା କରିଥିଲେ, ଯାହା ପରବର୍ତ୍ତୀ ସମୟରେ ୧୯୮୧ରେ ତାଙ୍କ ପୁସ୍ତକ 'ଲେନିନ୍ ଏଣ୍ଡ ଇଣ୍ଡିଆ'ରେ ଏକ ଅଧ୍ୟାୟ ଭାବରେ ସ୍ଥାନ ପାଇଥିଲା। ୧୯୯୦ରେ, 'ଲେନିନ୍ ଏଣ୍ଡ ଇଣ୍ଡିଆ' ହିନ୍ଦୀରେ ଅନୁବାଦିତ ହୋଇ ମସ୍କୋର ପ୍ରଗତି ପ୍ରକାଶନ ଦ୍ୱାରା 'ଲେନିନ୍ ଔର ଭାରତ' ଶୀର୍ଷକରେ ପ୍ରକାଶିତ ହୋଇଥିଲା।



ଅନ୍ୟପକ୍ଷରେ, ୧୯୮୧ରେ, ଗୁରୁକୁଲ କାଙ୍ଗ୍ରୀର ତତ୍କାଳୀନ ଉପାଧ୍ୟକ୍ଷ ଜି.ବି. କୁମାର ହୁଜା ଦିଲ୍ଲୀର ତୁଗଲକାବାଦ ନିକଟସ୍ଥ ଗୁରୁକୁଲ ଇନ୍ଦ୍ରପ୍ରସ୍ଥକୁ ପରିଦର୍ଶନ କରିଥିଲେ। ସେଠାରେ ପ୍ରଶାସକ ଶକ୍ତିବେଶ ତାଙ୍କୁ ଗୁରୁକୁଲର ଭୂତଳରେ ସଂରକ୍ଷିତ କିଛି ଐତିହାସିକ ଦସ୍ତାବିଜ ଦେଖାଇଥିଲେ। ଜି.ବି. କୁମାର ହୁଜା ଏହି ନୋଟବୁକର ଏକ ପ୍ରତିଲିପି କିଛି ଦିନ ପାଇଁ ଧାର ନେଇଥିଲେ, କିନ୍ତୁ ଶକ୍ତିବେଶଙ୍କର ତୁରନ୍ତ ହତ୍ୟା ହୋଇଯିବା ଯୋଗୁଁ ସେ ତାହା ଫେରାଇ ପାରିନଥିଲେ। ୧୯୮୯ରେ, ମାର୍ଚ୍ଚ ୨୩ ଶହୀଦ ଦିବସ ଅବସରରେ, ହିନ୍ଦୁସ୍ତାନୀ ମଞ୍ଚର କିଛି ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଜି.ବି. କୁମାର ହୁଜା ଉପସ୍ଥିତ ଥିଲେ। ସେଠାରେ ସେ ଏହି ଡାଏରୀ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହାର ମହତ୍ତ୍ୱରେ ପ୍ରଭାବିତ ହୋଇ, ହିନ୍ଦୁସ୍ତାନୀ ମଞ୍ଚ ଏହାକୁ ପ୍ରକାଶନ କରିବାକୁ ନିଷ୍ପତ୍ତି ଘୋଷଣା କରିଥିଲା। ଏହି ଦାୟିତ୍ୱ ଇଣ୍ଡିଆନ୍ ବୁକ୍ କ୍ରୋନିକଲ୍ (ଜୟପୁର)ର ସମ୍ପାଦକ ଭୂପେନ୍ଦ୍ର ହୁଜାଙ୍କୁ ନ୍ୟସ୍ତ କରାଯାଇଥିଲା, ଯାହାକୁ ହିନ୍ଦୁସ୍ତାନୀ ମଞ୍ଚର ସାଧାରଣ ସମ୍ପାଦକ ସର୍ଦାର ଓବେରୋଇ, ପ୍ରଫେସର ଆର.ପି. ଭଟ୍ଟନାଗର ଏବଂ ଡକ୍ଟର ଆର.ସି. ଭାରତୀୟଙ୍କ ସମର୍ଥନ ମିଳିଥିଲା। କିନ୍ତୁ ପରେ ଦାବି କରାଗଲା ଯେ ଆର୍ଥିକ ଅସୁବିଧା ଯୋଗୁଁ ଏହାର ପ୍ରକାଶନ ସମ୍ଭବ ହୋଇନଥିଲା। ଏହି ବ୍ୟାଖ୍ୟା ଅବିଶ୍ୱସନୀୟ ମନେହୁଏ, କାରଣ ଉପରୋକ୍ତ ଶିକ୍ଷିତ ମଧ୍ୟବିତ୍ତ ବ୍ୟକ୍ତିମାନେ ସେହି ସମୟରେ, ଯେତେବେଳେ ଖର୍ଚ୍ଚ ତୁଳନାତ୍ମକ ଭାବେ କମ୍ ଥିଲା, କିଛି ପ୍ରତିଲିପି ମୁଦ୍ରଣ କରିବାକୁ ଅସମର୍ଥ ହେବେ ବୋଲି ବିଶ୍ୱାସ କରାଯାଏ ନାହିଁ। ଏହା ଅଧିକ ସମ୍ଭବ ଯେ ସେମାନେ ହୁଏତ ଏହାର ଗୁରୁତ୍ୱକୁ ଚିହ୍ନିବାରେ ବିଫଳ ହୋଇଥିଲେ କିମ୍ବା ମନରେ ଆଗ୍ରହ ରଖି ନଥିଲେ।

ପ୍ରାୟ ସେହି ସମୟରେ, ଡକ୍ଟର ପ୍ରକାଶ ଚତୁର୍ବେଦୀ ମସ୍କୋ ଆର୍କାଇଭସ୍‌ରୁ ଏକ ଟାଇପ୍ କରା ଫଟୋକପି ପାଇ ଡକ୍ଟର ଆର.ସି. ଭାରତୀୟଙ୍କୁ ଦେଖାଇଥିଲେ। ମସ୍କୋ ପ୍ରତିଲିପି ଗୁରୁକୁଳ ଇନ୍ଦ୍ରପ୍ରସ୍ଥର ଭୂତଳରୁ ଉଦ୍ଧାର କରାଯାଇଥିବା ହସ୍ତଲିଖିତ ପ୍ରତି ଶବ୍ଦ ସମାନ ଥିବା ପରିଲକ୍ଷିତ ହୋଇଥିଲା। କିଛି ମାସ ପରେ, ୧୯୯୧ରେ, ଭୂପେନ୍ଦ୍ର ହୁଜା ଇଣ୍ଡିଆନ୍ ବୁକ୍ କ୍ରୋନିକଲେରେ ଏହି ନୋଟବୁକ୍‌ର ଉଦ୍ଧୃତାଂଶ ପ୍ରକାଶନ ଆରମ୍ଭ କରିଥିଲେ। ଏହା ପ୍ରଥମ ଥର ପାଇଁ ଶହୀଦ ଭଗତ ସିଂହଙ୍କ ଜେଲ୍ ନୋଟବୁକ୍ ପାଠକମାନଙ୍କ ନିକଟରେ ପହଞ୍ଚିଥିଲା। ଏହା ସହିତ, ପ୍ରଫେସର ଚମନଲାଲ ହୁଜାଙ୍କୁ ଜଣାଇଥିଲେ ଯେ ସେ ଦିଲ୍ଲୀର ନେହେରୁ ସ୍ମାରକ ସଂଗ୍ରହାଳୟରେ ଏକ ସମାନ ପ୍ରତିଲିପି ଦେଖିଛନ୍ତି। ୧୯୯୪ରେ, ଜେଲ୍ ନୋଟବୁକ୍ ଅବଶେଷରେ ଇଣ୍ଡିଆନ୍ ବୁକ୍ କ୍ରୋନିକଲ୍ ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା, ଯାହାର ପ୍ରାକ୍କଥନ ଭୂପେନ୍ଦ୍ର ହୁଜା ଏବଂ ଜି.ବି. ହୁଜା ଦ୍ୱାରା ରଚିତ ହୋଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ କେହି ଜାଣି ନଥିଲେ ଯେ ଏହି ପୁସ୍ତକର ମୂଳ ପ୍ରତି ଭଗତ ସିଂହଙ୍କ ଭାଇ କୁଲବୀର ସିଂହଙ୍କ ପାଖରେ ଥିଲା। ସେମାନେ ଜି. ଦେବଲଙ୍କ ଲେଖା (୧୯୬୮) ଏବଂ ମିତ୍ରୋଖିନଙ୍କ ପୁସ୍ତକ (୧୯୮୧) ବିଷୟରେ ମଧ୍ୟ ଅଜ୍ଞାତ ଥିଲେ।

ଏହା ବ୍ୟତୀତ, ଭଗତ ସିଂହଙ୍କ ଭଉଣୀ ବିବି ଅମର କୌରଙ୍କ ପୁତ୍ର ଡକ୍ଟର ଜଗମୋହନ ସିଂହ ଏହି ଜେଲ୍ ନୋଟବୁକ୍ ବିଷୟରେ କେବେ ଉଲ୍ଲେଖ କରିନଥିଲେ। ସେହିପରି, ଭଗତ ସିଂହଙ୍କ ଭାଇ କୁଲତାର ସିଂହଙ୍କ ଝିଅ ବିରେନ୍ଦ୍ର ସିନ୍ଧୁ ଭଗତ ସିଂହଙ୍କ ଉପରେ ଦୁଇଟି ପୁସ୍ତକ ରଚନା କରିଥିଲେ, କିନ୍ତୁ ସେ ମଧ୍ୟ ଏହି ଡାଏରୀର ଉଲ୍ଲେଖ କରିନଥିଲେ। ଏହା ସୂଚାଇଥାଏ ଯେ ଭଗତ ସିଂହଙ୍କ ପରିବାର ସଦସ୍ୟମାନେ ହୁଏତ ଏହି ନୋଟବୁକର ଅସ୍ତିତ୍ୱ ବିଷୟରେ ଅଜ୍ଞାତ ଥିଲେ କିମ୍ବା ଏହା ପ୍ରତି ଆଗ୍ରହୀ ନ ଥିଲେ। ଯଦିଓ କୁଲବୀର ସିଂହଙ୍କ ପାଖରେ ଡାଏରୀ ଥିଲା, ସେ ଏହାକୁ ଇତିହାସବିତ୍‌ମାନଙ୍କ ସହିତ ଭାଗ କରିବାକୁ, ପୁସ୍ତକ ରୂପେ ପ୍ରକାଶନ କରିବାକୁ କିମ୍ବା ଖବରକାଗଜରେ ପ୍ରକାଶ କରିବାକୁ କେବେ ଚେଷ୍ଟା କରିନଥିଲେ। ତାଙ୍କର ଆର୍ଥିକ ଅବସ୍ଥା ଏତେ ଖରାପ ନ ଥିଲା ଯେ ସେ ନିଜେ ଏହାକୁ ପ୍ରକାଶନ କରିପାରି ନ ଥାନ୍ତେ। (କ୍ରମଶଃ)

# ବିଶ୍ୱ ତାପମାନ ଓ ଜଳବାୟୁର ପରିବର୍ତ୍ତନ



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ବିଶ୍ୱରେ ତାପମାନ ଦିନକୁ ଦିନ ବଢି ଚାଲିଛି ଏବଂ ଲୋକଙ୍କ ଅଜ୍ଞାନତା ଲାଗି ଆଜି ପୁରା ବିଶ୍ୱରେ ତାପମାନର ସମସ୍ୟା ଦେଖିବାକୁ ମିଳୁଛି । ବିଶ୍ୱର ତାପମାନର ବୃଦ୍ଧି ପାଇଁ ଜଳବାୟୁର ପରିବର୍ତ୍ତନ ଦେଖିବାକୁ ମିଳୁଛି ଯାହା ଜୀବ ଜଗତ ପାଇଁ ବିପଦର ଘଣ୍ଟି । ଆମେ ଯଦି ସଚେତନ ନ ହେବୁ ତା ହେଲେ ଆମେ ବିଶ୍ୱର ତାପମାନ ଏବଂ ଜଳବାୟୁର ସମସ୍ୟାକୁ ମୁକାବିଲା କରିପାରିବା ନାହି । ପ୍ରତେକ ଜୀବକୁ ବଞ୍ଚିବା ପାଇଁ ଜଳ ବାୟୁ ଏବଂ ଉତ୍ତାପ ଦରକାର । ଜଳ ବାୟୁର ପରିବର୍ତ୍ତନ ସହ ଜୀବ ଜଗତର ମଧ୍ୟ ପରିବର୍ତ୍ତନ ହେଉଛି ଯେମିତି କି ମରୁଭୂମିରେ ଆମେ ଓଟୋ ଦେଖୁଚୁ, ଅଷ୍ଟ୍ରେଲିଆରେ ତାଙ୍କ ଜାତୀୟ ପଶୁ କଙ୍ଗାରୁକୁ ଦେଖିବାକୁ ମିଳୁଛି ସେମିତି ବରଫ ଦେଶରେ ଧଳା ଭାଲୁ ଓ ପେଙ୍ଗୁଇନ ଦେଖିବାକୁ ମିଳୁଛି। ଫଳ, ପରିବା ଗଛ, ବୃକ୍ଷ ଲଟାର ଭିନ୍ନ ଭିନ୍ନ ଜଳବାୟୁରେ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଯେତେବେଳେ ପୃଥିବୀର ତାପମାନ ବୃଦ୍ଧି ପାଉଛି ଏହା ସମସ୍ତଙ୍କ ପାଇଁ ବଡ ସଙ୍କଟ ଆଣି ଠିଆ କରୁଛି। ଆଜି ଯେଉଁ ଫଳ ପରିବା ଆମେ ପାଉଛୁ କାଲି ସେହି ଫଳ ଓ ପରିବା ଆମେ ପାଇବା କି ନାହି ଜଣା ନାହି । ଆଜି ଯେଉଁ ପଶୁ ପକ୍ଷୀଙ୍କୁ ଆମ ଚାରିପଟେ ଦେଖିବାକୁ ପାଉଛୁ କାଲି ସେହି ପଶୁ ପକ୍ଷୀଙ୍କୁ ଆମେ ଦେଖିପାରିବୁ କି ନାହିଁ ପ୍ରଶ୍ନବାଚୀ ସୃଷ୍ଟି ହେଇଛି। ପ୍ରତି ବର୍ଷ କେତେ ଜୀବ ଜନ୍ତୁ ବିଲୁପ୍ତ ହେଇଯାଇଛନ୍ତି ତାର ଆମେ ହିସାବ ରଖୁନୁ । ସେମାନେ ଆମ ଜୀବନକୁ ସମୃଦ୍ଧ କରୁଥିଲେ । ସେମାନେ ବିଲୁପ୍ତ ହେଲା ପରେ ଆମ ଜୀବନ କେତେ ପ୍ରଭାବିତ ହୋଇଛି ତାର ବି ଆମେ ହିସାବ ରଖିନୁ । ଯଦି ଆମର ବାହ୍ୟ ପ୍ରଭାବିତ ହେଉଛି ତାହାହେଲେ ଏହା ଆମ ଅନ୍ତର ମନକୁ କେତେ ପ୍ରଭାବିତ କରୁଛି ତାହା ବିଚାର କରିବା କଥା । ଆଜି ମଣିଷ ଭିତରେ ଯେଉଁ ଅମଣିଷପଣିଆ ଦେଖିବାକୁ ମିଳୁଛି ତାହା ଆମର ଏହି ପରିବେଶ ପାଇଁ ନୁହେଁତ ? ବିଶ୍ୱର ତାପମାତ୍ରା ବୃଦ୍ଧି ହେବା ପଛରେ ଦୁଇଟି କାରଣ ରହିଛି ଗୋଟିଏ ହେଲା ମନୁଷ୍ୟ କୃତ ଅନ୍ୟଟି ହେଲା ପ୍ରାକୃତିକ । ମନୁଷ୍ୟ କୃତ କାରଣ ହେଲା ଜଙ୍ଗଲ ନଷ୍ଟ , ଗଛ କାଟିବା , ଯାନବାହାନ ବ୍ୟବାହାର କରିବା ଫସିଲ ଫୁଏଲର ଦୂରପ୍ରୟୋଗ କରିବା । ପ୍ରାକୃତିକ କାରଣ ହେଲା ଭୂମିକମ୍ପ, ବାତ୍ୟା, ଅଗ୍ନିକାଣ୍ଡ, ଗ୍ୟାସ ଦୁର୍ଘଟଣା ଏବଂ କୋଇଲା ଜଳେଇବା ଲାଗି ବିଶ୍ୱ ତାପମାନର ସମସ୍ୟା ଦେଖିବାକୁ ମିଳୁଛି । ବିଶ୍ୱ ତାପମାନର ମୁଖ୍ୟ କାରଣ ହେଲା ଗ୍ରୀନ ହାଉସ ଏଫେକ୍ଟ । ଗ୍ରୀନ ହାଉସ ହେଲା ଗଛକୁ ବଞ୍ଚେଇବା ପାଇଁ ଗୋଟିଏ କାଚ ଘର ଯେଉଁ କାଚ ଘରୁ ଉତ୍ତାପ କମେ ନାହି । ଯାହାକି ଗଛକୁ ବଞ୍ଚେଇବା ପାଇଁ ସାହାଯ୍ୟ କରିଥାଏ। ଅଙ୍ଗାରକାମଳ ଏବଂ ମିଥାଇଲ ଗ୍ୟାସର ବୃଦ୍ଧି ପାଇଁ ଗ୍ରୀନ ହାଉସ ଏଫେକ୍ଟ ଦେଖିବାକୁ ମିଳୁଛି । ଯେତେ ବେଳେ ଗୋଟିଏ ଡିଗ୍ରୀ ତାପମାନ ବଢି ଯାଉଛି ଏହା ଆମର ପରିବେଶକୁ ବହୁତ ପ୍ରଭାବିତ କରୁଛି । ପୃଥିବୀର ଦକ୍ଷିଣ ମେରୁ ଓ ଉତ୍ତର ମେରୁରେ ଜମା ହୋଇଥିବା ବରଫ ତରଳିବାକୁ ଲାଗୁଛି । ଭାରତର ହିମାଳୟରେ ଥିବା ଗ୍ଲେସିୟର ମଧ୍ୟ ତରଳିବାକୁ ଲାଗୁଛି ଏବଂ ଏହି ଗ୍ଲେସିୟରର ପାଣି ହିମାଳୟରୁ ବାହାରି ଥିବା ନଦୀ ମାନଙ୍କରେ ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି । ଅମରନାଥରେ ଥିବା ବରଫ ଶିବ ଲିଙ୍ଗ ଆଜିକାଲି ମାସ ମାସ ଧରି ରହୁନାହି ବରଂ ଅଳ୍ପ ଦିନରେ ତରଳି ଯାଉଛି । ଆଗକୁ ଯେତେ ବେଳେ ଆହୁରି ଉତ୍ତାପ ବଢିବ ନଦୀମାନଙ୍କରେ ବନ୍ୟା ଆସିବ ଏବଂ ବନ୍ୟା ଜଳ ନେଇ ସେମାନେ ସମୁଦ୍ରରେ ମିଶିବେ ସମୁଦ୍ରର ଜଳର ପରିମାଣ ବଢିବ, ଏହି ସମୁଦ୍ରର ପାଣି ନିକଟବର୍ତ୍ତୀ ଗାଁ ଓ ସହରକୁ ବ୍ୟାପିବ, ସହର ଓ ଗାଁ ଗୁଡିକ ଜଳ ମଗ୍ନ ହେଇଯିବେ ଏବଂ ଭୂଭାଗ କମି ଯିବ । ବିଶ୍ୱ ତାପମାନର ବୃଦ୍ଧି ପାଇଁ ବିଶ୍ୱର ବହୁ ବୁଦ୍ଧିଜୀବୀ ଚିନ୍ତିତ ।

ଏହି ସମସ୍ୟାର ସମାଧାନର ଏକ ମାତ୍ର ରାସ୍ତା ହେଲା ବୃକ୍ଷ ରୋପଣ ଓ ଜାଙ୍ଗଲ ସୁରକ୍ଷା। ବୃକ୍ଷ ଆମକୁ ଅମ୍ଳଜାନ ଦେଇଥାଏ ଏବଂ ବାୟୁ ମଣ୍ଡଳରେ ଥିବା ଅଙ୍ଗାରକାମ୍ଳର ପରିମାଣକୁ କମ କରିଥାଏ । ତେଣୁ ବୃକ୍ଷ ରୋପଣ ହେଲା ଏକ ମାତ୍ର ସମସ୍ୟାର ସମାଧାନ । ସମୁଦ୍ର କୁଳରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କାରାଯିବା କଥା । ସମୁଦ୍ର ପାଣି ଯେହେତୁ ଲୁଣିଆ ଲୁଣି ପାଣିରେ ବଢୁଥିବା ଗଛ ଲଗାଇବା କଥା ଯେମିତି କି ଝାଉଁ ଗଛ ଏବଂ ନଡିଆ ଗଛ ଲଗାଇବା ଉଚିତ ତାହେଲେ ଆମେ ସମୁଦ୍ର ପାଣିକୁ ଅଟକାଇ ପାରିବା ।

ଭାଗବତର ଦ୍ୱାଦଶ ସ୍କନ୍ଦର ଚତୁର୍ଥ ଅଧ୍ୟାୟରେ ପ୍ରଳୟର ବର୍ଣନା ରହିଛି ଯେଉଁଠି ପୃଥିବୀ ଉତପ୍ତ ହେବା ବିଷୟ ମଧ୍ୟ କୁହା ଯାଇଛି । ସୂର୍ଯ୍ୟର କିରଣର ତେଜ ଜୀବ ଜଗତକୁ ଅସ୍ତବ୍ୟସ୍ତ କରିବ ବୋଲି କୁହା ଯାଇଛି ।

ଜୀବ ଜଗତକୁ କେମିତି ବଞ୍ଚାଇ ହବ ତାହା ଆମ ପାଠ୍ୟକ୍ରମ ମୁଖ୍ୟ ବିଷୟ ହେବା କଥା । ବିଶ୍ୱ ଯେତେ ବେଳେ ବିନାଶର ଦ୍ୱାର ପାଖରେ ଠିଆ ହୋଇଛି ସେତେବେଳେ ଆମେ ଲାଭ ଓ କ୍ଷତିର ଅଙ୍କ ନ କଷି ବରଂ ସାମୁହିକ ବିକାଶ ଏବଂ ସାମୁହିକ ସୁଖ ଶାନ୍ତିର ବାର୍ତ୍ତା ବହ ହେବା କଥା ।ଭାରତର ଚିନ୍ତାଶିଳ ବ୍ୟକ୍ତି ମାନେ ସବୁବେଳେ ବିଶ୍ୱକୁ ଶାନ୍ତି ଓ ସଦଭାବନାର ବାର୍ତ୍ତା ଦେଇଛନ୍ତି। ଆଜି ଭାରତ ବିଶ୍ୱର ଦିଗଦର୍ଶକ ହୋଇ ଠିଆ ହେଉ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ମାର୍ଚ୍ଚ ୨୦୨୫ ଶୁକ୍ରବାର



# ଅନ୍ୟାୟ

ଘନଶ୍ୟାମ ପଲେଇ



ରାତି ପାହି ପାହି ଆସିଲାଣି, ପୁରା ସଫା ନ ଦିଶିଲେ ବି ପାଖରୁ ଚିହ୍ନି ହେଉଛି ଲୋକଙ୍କ ମୁହଁ। ପୁଲିସ ଭ୍ୟାନରେ ନିଜେ ଫାଣ୍ଡି ଅଧିକାରୀ ବସିଛନ୍ତି ଆଉ ଦୁଇଜଣ ପୁଲିସ ସହ। ତୀକ୍ଷ୍ଣ ନଜର ରଖିଛନ୍ତି ଚାରିଆଡକୁ। ଭୋର ଭୋରରୁ ନିଜେ ରମାକାନ୍ତବାବୁ ଫୋନ୍ କରିଥିଲେ- ତାଙ୍କ ଘରେ ଚୋର କଳାକନା ବୁଲେଇ ଚାଲିଯାଇଛନ୍ତି.. ଏଇନେ ଏଇନେ।

ପୁଲିସବାଲା ଭାବୁଥିଲେ- ମୌକାଟିଏ ମିଳିଛି ଚୋରି କେସରେ ଚୋରକୁ ଧରିବାପାଇଁ। ବର୍ଷଟା ଭିତରେ ଏହାକୁ ମିଶି ଆଠ ଆଠଟା ହେଲାଣି ଚୋରି କେସ୍। ଗୋଟାଏରେ ବି ସଫଳତା ହାତରେ ବାଜି ନାହିଁ ଆଜି ଯାଏଁ। ପୁଲିସବାଲାଙ୍କ ଉପରେ ଲୋକଙ୍କ ଭରସା ତୁଟି ଗଲାଣି। ଏଡେ ଛୋଟ ସହରରେ ବି କିଏ ଚୋରି କରି ନେଉଛି ଜଣାପଡୁନି। ପୁଲିସ ହାତ ସବୁବେଳେ ରହୁଛି ଖାଲି। ଏଇଟା ସଦ୍ୟତମ କେସ୍। ରାସ୍ତା ତ ଗୋଟିଏ... ଚୋର ଯଦି ଗାଡି ଘୋଡା ନେଇ ଆସିଥିବ ନିଶ୍ଚେ ଏଇବାଟରେ ଫସିବ। ଚାଲି କି ଆସିଥିଲେ ବି ବେଶି ବାଟ ଯାଇ ନ ଥିବ। ଏଇଠି କୌଉଁଠି ଲୁଚିଥିବ। ଗାଡିଟି ମାର୍କେଟ ପାଖାପାଖି ହେଲାବେଳକୁ ଦି'ଜଣ ବୁଢା ମଉସା ପ୍ରାତଃ ଭ୍ରମଣରେ ବାହାରିଥିଲେ। ତାଙ୍କୁ ଡାକି ପଚାରାଗଲା--- ମଉସା ! ତମେ କାହାକୁ ରାସ୍ତାରେ କୁଆଡେ ଯିବାର ଦେଖିଛକି ?

ସେମାନେ କାହାରିକୁ ଦେଖି ନାହାନ୍ତି ବୋଲି ସିଧା ସିଧା ମନା କରିଦେଲେ। ପୁଲିସ ଗାଡି ଆଗକୁ ଗଡିଲା। ଟିକିଏ ଯାଇଛି ତ ନଜର ଗଲା ମାର୍କେଟକୁ ଲାଗିକି ଥିବା ଅନ୍ଧାରୁଆ ପାଚେରୀ ଆଡିକି। ମଟର ସାଇକେଲ୍‌ଟିଏ ଥୁଆ ହେଇଛି।

ଖପ୍‌ଖାପ୍ ଗାଡିରୁ ଡିଆଁମାରି ଛପି ଛପି ଆଗକୁ ମାଡିଗଲେ ପୁଲିସ୍। ଦେଖିଲେ- କିଏ ଜଣେ ବସିଛି। ---ଚିହ୍ନିବାକୁ ଚେଷ୍ଟା କଲେ। ଜଣାପଡୁନି ଚେହେରାରୁ। ଢାଙ୍କିଛି କପଡା ମୁହଁରେ। ଆଖିରେ ପିନ୍ଧିଛି କଳା ଚଷମା। ପୁଣି ତା' ଉପରେ ହେଲମେଟ।

ପୁଲିସ ଦି' ଜଣ ସିଧା ମାଡି ବସିଲେ ତାକୁ। ତଳେ କିଛି ପେପରରେ ଅଠା ବୋଳୁଥିଲା ବୋଧେ ହଡବଡେଇ ଗଲା। ତା' ବ୍ୟାଗକୁ ଚେକ୍ କଲେ-- କାଳେ ସଜସଜ ଚୋରୀ ହେଇଥିବା ପଇସାପତ୍ର କି ସୁନାଗହଣା ମିଳି ଯାଇପାରେ। ସେମିତି କିଛି ମିଳିଲାନି। ମିଳିଲା ଖାଲି ମେଞ୍ଚା ମେଞ୍ଚା କାଗଜ...ଗୁପ୍ତରୋଗ ବିଶେଷଜ୍ଞ ବିଜ୍ଞାପନର ପୁଳାପୁଳା ପ୍ରଚାରପତ୍ର ଆଉ ପୋଷ୍ଟର।

ମୁହଁରୁ ହେଲମେଟ ଆଉ କପଡା ହଟେଇଲା ପରେ... ତା'ର ଥଙ୍ଗଥଙ୍ଗ କାନ୍ଦୁରା ମୁହଁରୁ କଥାଟା ବୁଝିବାକୁ ବେଶି ଡେରି ଲାଗିଲା ନାହିଁ ଯେ-- ସିଏ ଏହି ଅଞ୍ଚଳର ଜଣେ ପାଠ ପଢୁଆ ଯୁବକ। ଅନ୍ଧାରୁଆ ଅନ୍ଧାରୁଆ ପୋଷ୍ଟର ମାରିବାର ପାର୍ଟ ଟାଇମ୍ କାମ କରୁଛି।

ପୁଲିସ ଦୁଇ ଜଣଙ୍କ ଏକା ସାଙ୍ଗରେ କହିଉଠିଲେ--- ସାର ! ଇଏ ଚୋର ନୁହଁ। ପୋଷ୍ଟରବାଲା। ଛାଡି ଦେବୁ.. ? ଫାଣ୍ଡି ଅଧିକାରୀ କହିଲେ---ନା... ନା... ଜମାରୁ ଛାଡ୍ ନା। ମିଳିଛି ସୁଯୋଗ... ମାର୍ଚ୍ଚ ମାସ ହେଲାଣି.. ଆର୍ଥିକ ବର୍ଷ ଶେଷ ସମୟ। ତାକୁ କୋର୍ଟ ଚାଲାଣ କରି ଗୋଟିଏ ହେଲେ କେସ୍ ଡାଏର କରାଯାଉ।

ପିଲାଟି ପୁଲିସବାବୁ ମାନଙ୍କ ମୁହଁକୁ ଖାଲି ବଲବଲ୍ କରି ଚାହିଁଥାଏ।

ବଡ ଆମୁଁଣି, ଝୁମ୍ପୁରା, କେନ୍ଦୁଝର-୩୧,
ମୋ-୯୪୩୭୭୧୮୫୦୦

# ଦୌଡ଼

ସୁଦର୍ଶନ ମହାପାତ୍ର



ସଦାଶିବ ଆଉ ତା ସ୍ତ୍ରୀ ଗୁମସୁମ ହୋଇ ବସିଥିଲେ। ଏତିକି ବେଳେ ସ୍ତ୍ରୀ ଆଖିରୁ ଲୁହ ଧାର ଗଡି ଆସିବାର ଦେଖିଲା ତ ଆଉ ଧୈର୍ଯ୍ୟ ଧରି ପାରିଲାନି। ସେ ସିନା ବୁଝେ ଆଜିକାଲି ଦୁନିଆର ରୀତିନୀତି ହେଲେ ଗୋଟିଏ ମା ମନକୁ ବୁଝାଇବା ତା କ୍ଷମତାର ବାହାରେ। ଶେଷକୁ ପରଦିନ ସକାଳକୁ ସହରକୁ ଯାଇ ପୁଅକୁ ଦେଖି ଆସିବ ବୋଲି କଥା ଦେଲା ସ୍ତ୍ରୀ କୁ।

ସତରେ କ'ଣ ମାଧକୁ ଜେଲ୍ ହୋଇଛି ? ଗାଁ ସାରା ଲୋକ କିନ୍ତୁ ଟୁପୁରୁ ଟାପର ହେଉଛନ୍ତି। ଏଣେ ମାଧର ଫୋନ୍ ଲାଗୁନି। କଉ ମାଆ ଧୈର୍ଯ୍ୟ ଧରିବ ସତରେ !

ହେଲେ କ'ଣ ପାଇଁ ପୁଅକୁ ଜେଲ୍ ହେବ ! ସଦାଶିବ ବିଶ୍ୱାସ କରିପାରୁନଥିଲା। ସେ ତ ଚୋରି, ଡକାୟତି କିମ୍ବା ଖରାପ କାମ କରିବା ପିଲା ନୁହେଁ। ଖାଲି ଖାଲିରେ ସେ ଜେଲ୍ ଯିବ କାହିଁକି ? ତା ଛଡା ବିକ୍ରମ ସାମନ୍ତରାୟ ଥାଉ ଥାଉ କାହାର ବହପ ହେବ ମୋ ପୁଅ ହାତରେ କଡ଼ି ପିନ୍ଧେଇଦେବ ?

ମାଧବର ପାଠ ଘର ଶୂନ୍ୟ। କୌଣସି ମତେ ଦଶମ ପର୍ଯ୍ୟନ୍ତ ଯାଇ ସେଇ ଘାଟିରେ ଦୁଇଥର ଅଟକିଲା। ବିକ୍ରମ ସାମନ୍ତରାୟ ବାପାଙ୍କ ପାଖରେ ଜୀବନ ସାରା କାମ କରିଛି ସଦାଶିବ। ସେଇ ସାହସରେ ପୁଅ କଥା ଯାଇଁ କହିଲେ ତ, ବିକ୍ରମ ବାବୁ ଏମିତି ବ୍ୟବସ୍ଥା କରିଲେ ଯେ ସେଇ ଥର ହିଁ ମାଧବ ପାଶ୍ କରିଗଲା। ତାଙ୍କରି ଦୟାରେ ମାଧ ପୁଣି କଲେଜ ମାଟି ମାଡ଼ିଲା।

କଲେଜରେ ଯେମିତି ପଢ଼ିବା କଥା ସିନା ପଢିଲା ନାହିଁ, ମାତ୍ର ପାଠ ଛଡା ସବୁଥିରେ ପାରଙ୍ଗମ ହୋଇଗଲା। ସମ୍ପର୍କର ଗୋଟିଏ ବିଶାଳ ବଳୟ ସୃଷ୍ଟି କରିଦେଲା ସେଇ ସମୟରେ। ଭାଷଣ ଦେଇ ସମସ୍ତଙ୍କ ମନ ମୋହିଲା, କଲେଜ ଫଙ୍କସନ ସବୁରେ ମାଧବ ଦାସର ସହଯୋଗ ବିଶେଷ ଅନୁଭୁତ ହେଲା। ସେ ନେତା ବନିଗଲା।

ପୁଅ ବିଷୟରେ ସବୁ କଥା ଗାଆଁରେ ଥାଇ ଶୁଣିଲା ସଦାଶିବ। ପୁଣି ଧାଇଁଲା ମାନ୍ୟବର ମନ୍ତ୍ରୀ ବିକ୍ରମ ସାମନ୍ତରାୟଙ୍କ ପାଖକୁ। ପୁଅ ଦ୍ୱାରା ପାଠପଢ଼ା ହେବ ନାହିଁ; ତାକୁ କୌଣସି ଗୋଟେ ଜାଗାରେ ଲଗେଇ ଦେବାକୁ ଅନୁରୋଧ କଲା। କିଛି ରୋଜଗାର କଲେ ସିନା ସେ କୂଳରେ ଲାଗିବ, ନହେଲେ ତା'ର ସଂସାର ଭାସିଯିବ ବୋଲି କାକୁତି ମିନତି ହୋଇ ଜଣାଇଲା।

ମନ୍ତ୍ରୀ କହିଲେ - 'ମାଧବର ବୁଦ୍ଧି ଅଛି। ପ୍ରତିଭା ଅଛି। ସେ ଢେର ଆଗକୁ ଯିବ।ତା ଦାୟିତ୍ୱ ମୋ ଉପରେ ଛାଡିଦେ..!!' ଏତିକି ଶୁଣି କୃତ୍ୟ କୃତ୍ୟ ହୋଇଗଲା ସଦାଶିବ ଆଉ ଗାଁ କୁ ଫେରିଗଲା।

ସେଇଦିନ ଠାରୁ ମାଧବ ମନ୍ତ୍ରୀଙ୍କ ପାଖରେ ଛାଇ ପରି ଲାଗି ରହିଲା। ତାଙ୍କ ନିର୍ବାଚନ ମଣ୍ଡଳି କଥା ବୁଝାବୁଝି କଲା। ସଭା ସମିତିକୁ ଲୋକ ବୋହିବାର ବ୍ୟବସ୍ଥା କଲା। ପୋଷ୍ଟର ଲଗେଇଲା। ଦରକାର ବେଳେ ଠେଙ୍ଗା ବାଡି ବି ଉଠାଇଲା। ପର ନିର୍ବାଚନରେ ମନ୍ତ୍ରୀ ଜିତିଲେ ବହୁ ଭୋଟରେ। ସେବେଠୁ ମାଧବ ମନ୍ତ୍ରୀଙ୍କର ଖାସ୍ ଲୋକ ରୂପେ ବିବେଚିତ ହେଲା।

ପାଞ୍ଚବର୍ଷ ପରେ ପୁଣି ଆସିଲା ଇଲେକ୍ସନ। ମାଧବର ସବୁ ଚେଷ୍ଟା ସତ୍ତ୍ୱେ ଏଥରର ବିରୋଧିଙ୍କ ଚାଲରେ ଧରାଶାୟୀ ହେଲେ ବିକ୍ରମ ସାମନ୍ତରାୟ।ଲୋକେ ନିମକ ହାରାମ ହେଲେ। ଖାଇ ମୁହଁ ପୋଛିଦେଲେ ଠିକଣା ବେଳକୁ। ସମସ୍ତଙ୍କ ହାତରେ ପାଞ୍ଚବର୍ଷରେ ଲକ୍ଷେ ଟଙ୍କା ଲେଖାଏଁ ରହିବ ବୋଲି ବିରୋଧୀଙ୍କ ପ୍ରତିଶ୍ରୁତିରେ ଲୋକେ ଭଳିଗଲେ ଆଉ ଢଳିଗଲେ ସେଇପଟକୁ।

ମନ୍ତ୍ରୀ ନଥାଇ ବି କ'ଣ କମ୍ ଖାତିରି କି ବିକ୍ରମ ସାର୍‌ଙ୍କର !
ହାତୀ ଜୀଇଁଥିଲେ ଲକ୍ଷେ ଟଙ୍କା, ମଲେ ବି ଲକ୍ଷେ ଟଙ୍କା । ମାଧକୁ ଜେଲ୍ ଯଦି ହୋଇଥିବ ତାଙ୍କରି ପାଇଁ। ତାଙ୍କୁ କିଏ କିଛି କହିଲେ ମାଧ ସହିପାରେନି। ରାଗରେ ହାତ ଉଠେଇ ଦେଇଥିବ କାହା ଉପରକୁ। ନହେଲେ ସାର୍‌ଙ୍କ କଥାରେ କେଉଁଠି ଆନ୍ଦୋଳନରେ ଭାଗ ନେଇଥିବ କିମ୍ବା କେଉଁଠି ଗଣ୍ଡଗୋଳଟିଏ କରିଦେଇଥିବ ! ସତରେ ଯଦି ଏସବୁ କାରଣ ପାଇଁ ମାଧକୁ ଜେଲ୍ ହୋଇଥିବ ବିକ୍ରମ ସାର୍ କ'ଣ ତାକୁ ମୁକୁଳେଇ ଆଣିବେନି ?

ସହରକୁ ଯିବା ବେଳକୁ ବସ୍‌ରେ ବସି ଏସବୁ କଥା ଭାବି ଚାଲିଥିଲା ସଦାଶିବ। ମନ କହୁଥିଲା ମାଧବର କିଛି ଅସୁବିଧା ହୋଇ ନଥିବ !

ହେଲେ ସତକୁ ସତ ସଦାଶିବ ପୁଅକୁ ଭେଟିଲା ଯାଇଁ ସେଇ ଜେଲରେ ଯେଉଁଟା ଥିଲା ତା'ର ଭୟର ହେତୁ। ଭିତରେ ଭିତରେ ଆସ୍ଫାଳନ କରୁଥିଲା ସିନା, ମନ ହାଇଁପାଇଁ ହେଲା ପୁଅକୁ ଦେଖି। ଧୈର୍ଯ୍ୟ ଧରି ପାରିଲାନି। ଧୀରେ ଧୀରେ କରୁଣ ଦିଶିଲା ତା ମୁହଁ। ନିଜ ଆୟତ୍ତରେ ଆଉ ରହିଲାନି ତା'ର ଆବେଗ। ଲୁହ ହୋଇ ଝରି ପଡିଲା ଆଖି କୋଣରୁ।

ସେପଟରେ ପତ୍ନୀ କେଇ ଥର ଫୋନ୍ କରି ପଚାରି ସାରିଥିଲା ପୁଅ ବିଷୟରେ। ସଦାଶିବ ଭାଙ୍ଗି ପଡୁଥିଲା ନିଜ ଭିତରେ। ମାଧ ବାପାକୁ ଆଶ୍ୱାସନା ଦେଲା। ତଥାପି ଲୁହ ତା'ର ବୋଲ ମାନୁ ନଥିଲା। ଶେଷରେ ମାଧବ ବାପାକୁ ଧୀର ସ୍ୱରରେ କ'ଣ ସବୁ କହିଲା।

ସଦାଶିବ ଜାଣିଲା ଅସଲ ଘଟଣା। ଯାହା ଅନୁମାନ କରୁଥିଲା ପ୍ରାୟତଃ ଠିକ୍ ଥିଲା। ବିକ୍ରମ ସାମନ୍ତରାୟ ପଣସ ଖାଇ ପୁଅ ମୁଣ୍ଡରେ ଅଠା ବୋଳିଛନ୍ତି। ଯେଉଁ ଅଠା ଏତେ ସହଜରେ ଛାଡ଼ିବାର ନୁହେଁ। କମଳପୁର ସରପଞ୍ଚଙ୍କ ହତ୍ୟା ମାମଲାରେ ମାଧବକୁ ପୋଲିସ ହେପାଜତକୁ ନେଇଛନ୍ତି। ହେଲେ ବିକ୍ରମ ସାର୍ ଆଶ୍ୱସ୍ତ କରିଛନ୍ତି ଖୁବ୍ ଶୀଘ୍ର ମାଧବକୁ ହାଜତରୁ ମୁକୁଳେଇ ଆଣିବେ।

ହେଲେ ଏ ଘଟଣାରେ ମାଧବ ଗୋଟିଏ ତୀରରେ ଦୁଇଟି ଶିକାର କରିଛି ବୋଲି ବାପାକୁ କହି ଆଚମ୍ବିତ କରିଦେଲା। ସଦାଶିବ ସାଷ୍ଟାମ ହୋଇ ଘରକୁ ଫେରିଲା।

' ଅପରାଧ କରିନଥିବା ଲୋକ ଆଜିକାଲି ଯୁଗରେ ରାଜନୀତିରେ ଆଗକୁ ବଢ଼ିବା କଷ୍ଟ। ଅପରାଧୀ ପରିଗଣିତ ହେଲେ ହେଁ ହାତକୁ ପଇସା ଆସେ। ଲୋକମାନଙ୍କ ମନରେ ଭୟ ବି ଜାଗ୍ରତ ହୁଏ। ପଇସା ଦେଇ ଅବା ଭୟ ଦେଖାଇ ନିର୍ବାଚନ ଜିତିବା ସହଜ ହୁଏ। ଆଉ ଗୋଟିଏ ଭିତିରି କଥା।ବିକ୍ରମ ସାମନ୍ତରାୟ ସରପଞ୍ଚଙ୍କୁ ହତ୍ୟା କରୁଥିବାର ଭିଡିଓ କ୍ଲିପ୍ ମାଧବ ପାଖରେ ଅଛି। କିଛି ଅସୁବିଧା ହେଲେ ସେଇ ଭିଡ଼ିଓର କ୍ଲିପ୍ ଘୁରି ବୁଲିବ ସଚରାଚର। ତାପରେ..' ଏସବୁ କଥା କହି ସ୍ତ୍ରୀକୁ ବୁଝାଇବାକୁ ଚେଷ୍ଟା କରିଥିଲା ସଦାଶିବ।

-'ସତରେ ମାଧ ମୋର ଖୁବ୍ ପାରିବାର। ସେ ଯେ ଲମ୍ବା ରେସର ଘୋଡ଼ା ବୋଲି କହିଥିବା ବିକ୍ରମ ସାମନ୍ତରାୟଙ୍କ କଥାକୁ ମୁଁ ହୃଦୟଙ୍ଗମ କରି ପାରୁଛି ଆଜି।' ହସି ହସି କହିଲା ସଦାଶିବ ତ ତା'ର ସ୍ତ୍ରୀ ମୁହଁରେ ଖେଳିଗଲା ଖୁସିର ଝଲକ...!!!

କୁଞ୍ଜବିହାରୀ ଲେନ,
କଟକ

# ପକ୍ଷୀ ମଣିଷ

ସୁନନ୍ଦା ମହାନ୍ତି



ନିଜକୁ ଭଲପାଇ ନିଜର ପିତୃମାତୃ ଦତ୍ତ ନାମ ଛାଡି ଆଜିକାଲି କିଏ କେତେ ନିଜକୁ ଅନ୍ୟ କୌଣସି ନାମରେ ବିଭୂଷିତ କଲାବେଳେ ପିଙ୍କି କେବେଠୁ ପକ୍ଷୀମଣିଷଟିଏ ହୋଇଯାଇଥିଲେ ତାଙ୍କୁ ନିଜକୁ ଜଣା ନଥିଲା। ତାଙ୍କ ଅଧିକାଂଶ ଗଳ୍ପରେ ଓ କବିତାରେ ପକ୍ଷୀ ଓ ପକ୍ଷୀ ବିଷୟରେ କିଛି ତଥ୍ୟ ବା ପକ୍ଷୀଙ୍କ ସହିତ କିଛି ଭାବ ଓ ସମ୍ପର୍କର କଥା ଠଉରେଇ ବାହାର ଲୋକ ତାଙ୍କୁ ପକ୍ଷୀମଣିଷ ଡାକିବା ସ୍ୱାଭାବିକ କିନ୍ତୁ ଘର ମଣିଷମାନେ ମଧ୍ୟ ଏଣିକି ପକ୍ଷୀମଣିଷ ଡାକିବାର ହୁଏତ ଦୁଇଟି କାରଣ ଥିଲା। ପ୍ରଥମ କାରଣ ଦିନକୁ ଦୁଇଥର ଛାତ ଉପରକୁ ଯାଇ ନିଜ ଘରର ଉତ୍ତର ଓ ପୂର୍ବ ପଟେ ଥିବା ଦୁଇ ଝଙ୍କାଳିଆ ବରଗଛ ଡାଳ ତଥା ଶାଖା ପ୍ରଶାଖା ମଧ୍ୟରେ ଆତଯାତ କରୁଥିବା ସବୁ ପ୍ରକାର ପକ୍ଷୀଙ୍କୁ ଅନୁସନ୍ଧାନ କରିବା ତାଙ୍କର ଏକ ଅଭ୍ୟାସରେ ପରିଣତ ହୋଇ ସାରିଥିଲା। ଦ୍ୱିତୀୟରେ ସକାଳ ପୂଜା ପରେ ପକ୍ଷୀଙ୍କ ପାଇଁ ଖାଦ୍ୟ ରଖିବା ସହ ଠାକୁ ଠା ପାଣି ରଖିବା ଓ କୌଣସି ପକ୍ଷୀ ସେହି ଖାଦ୍ୟକୁ ଖୁଣ୍ଟି ଖାଉଥିବାର ଦୃଶ୍ୟ ସହିତ ଅଣ୍ଟ ବୁଡେଇ ପାଣି ପିଇବା ଦୃଶ୍ୟରେ ବିମୋହିତ ହେବା ଦେଖି ପରିବାରର ଲୋକମାନେ ତାଙ୍କୁ ଏମିତି ପକ୍ଷୀମଣିଷ ବୋଲି ଡାକିବା ସ୍ୱାଭାବିକ ବୋଲି ଧରିନେଇଥିଲେ ପିଙ୍କି। ଖାଲି ଧରିନେଇଥିଲେ ନୁହେଁ ବରଂ ଆତ୍ମତୃପ୍ତି ପାଉଥିଲେ।

ଏବେ ସେହି ଦୁଇଟି ଅଭ୍ୟାସ ଜାରି ଥିଲେ ମଧ୍ୟ ସେ ସବୁ ପକ୍ଷୀଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ। ଏଇ ପକ୍ଷୀଦେଖିବା ଅଭ୍ୟାସ ଯୋଗୁଁ ଅର୍ଥାତ ପକ୍ଷୀମାନଙ୍କର ସ୍ୱର ଅନୁକରଣ କରି ଓ ତାଙ୍କ ଉଡିବା ପ୍ରଣାଳୀ ଅନ୍ୱେଷଣ ତଥା ନିରୀକ୍ଷଣ କରି ଗଛ ଡ଼ାଳରେ ଠାବ କରୁଥିଲେ ହଳଦୀବସନ୍ତ, କଜ୍ଜଳପାତି, କୁମ୍ଭାଟୁଆ, ପାରା, ଭଦଭଦଳିଆ, ବଣି, ଶୁଆ, କାଠହଣା ପକ୍ଷୀସହିତ ଅନେକ ନାମ ଜାଣି ନଥିବା ପକ୍ଷୀ, ଯେଉଁମାନଙ୍କୁ ସେ କେବଳ ବାର୍ଡଚଢେଇ ବୋଲି କୁହନ୍ତି ତାଙ୍କୁ ସମସ୍ତଙ୍କୁ ଏବେ ସେ ସନ୍ଦେହ କରିବାର କାରଣ ନିଶ୍ଚୟ ଥିଲା। କାରଣଟା ଏମିତି କି ନିର୍ଦ୍ଦିଷ୍ଟ ରାତିରେ କୌଣସି ପକ୍ଷୀର ବୋବାଳିରେ ନିଦ ଭାଙ୍ଗି ଯାଉଥିଲା ପିଙ୍କିଙ୍କର।

କାଉ ସଙ୍ଗେ ଅନ୍ୟ ଚଢେଇ ମାନଙ୍କର ଖୁବ କମ ପଡେ ତ କାଉ ସନ୍ଦେହ ଘେରକୁ ଆସୁନଥିଲା କିନ୍ତୁ ରାତ୍ରୀଚର ପକ୍ଷୀ ପେଚାର ଶତ୍ରୁ ଥିଲା କାଉ ବୋଲି ପିଙ୍କି ପଢିଥିଲେ ଓ ଅନୁଭବ ମଧ୍ୟ କରିଥିଲେ ତ କାଉ ବହୁ ସଂଖ୍ୟାରେ ଉଡ଼ିଲେ ସେ ନିରିଖେଇ ଦେଖନ୍ତି ପେଚା ପଛରେ ପଡିଛନ୍ତି କି ! ପଡନ୍ତୁ ପଡନ୍ତୁ, ଘଉଡ଼ାଇ ଦିଅନ୍ତୁ ଏ ଅଞ୍ଚଳରୁ ସେମାନଙ୍କୁ। ହେଲେ ପେଚାର ବା କି ଦୋଷ ? ପକ୍ଷୀଟିଏ ସିଏ, ଯିଏ ଦିନରେ ଦେଖିପାରେନି ବୋଲି ରାତିରେ ଶିକାର ଖୋଜୁଥାଏ ସ୍ୱର ଶବ୍ଦ କରି ସତ କିନ୍ତୁ ତା ରାବ ପିଙ୍କିଙ୍କୁ ଯେ କାହିଁକି ଶୁଭେ ଓ ନିଦ ଭାଙ୍ଗିଯାଏ ତାଙ୍କର ! ଏହା ଶୁଭ ନା ଅଶୁଭ, ପୁଣି କୋଉ ସଂକେତ ଜାଣିବାକୁ ନେଟ ଚଳାଇ ଖୋଜନ୍ତି ପିଙ୍କି ଆଉ ସନ୍ଦେହରେ ହଳଦିବସନ୍ତ ଯେଉଁ ପକ୍ଷୀ ପଛରେ ପଡେ ଅର୍ଥାତ ଘଉଡ଼ାଉ ଥାଏ ତାକୁ ନିରୀକ୍ଷଣ କରନ୍ତି ଆଉ ଭାବନ୍ତି ନା ମ ଏ ଚଢେଇ ନୁହେଁ, ନିଶ୍ଚୟ ପେଚା। ତ ପ୍ରତିକାର କରିବା ଦରକାର। ଲଗାତର ପେଚାର ବୋବାଳି ଶୁଣିବା ନିଶ୍ଚୟ ଅଶୁଭ ବୋଲି ସ୍ଥିର ନିଶ୍ଚିନ୍ତ ହୋଇପଡୁଥିବା ପିଙ୍କି ଭୟରେ ଜଡ଼ସଡ଼ ହୋଇପଡୁଥିଲେ। ନିଶ୍ଚିତ କେହି ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁକୁ ସେ କଦାପି ସହି ପାରିବେ ନାହିଁ ଭାବି ବ୍ୟସ୍ତ, ବିବ୍ରତ ଓ ବିଚଳିତ ହୋଇ ସକାଳୁ ସକାଳୁ ଘରର ଆଗ ଗେଟ ଖୋଲି ଦେଖନ୍ତି ତ କୁକୁରଟି ପାଟିରେ କଣ ଗୋଟେ କାମୁଡି ଧରି କୁଁ କୁଁ ହେଇ ଥୁଆ ହୋଇଥିବା ଯାତ୍ରୀବାହୀ ବସ ତଳକୁ ପଶି ଯାଉଥାଏ।

ପିଙ୍କି ସବୁଦିନ ପରି ବିସ୍କୁଟ ଧରି ଯେତେ ଡାକିଲେ ମଧ୍ୟ ଆସୁନଥାଏ ସେହି କୁକୁର ଯଦିଓ ଅନ୍ୟ କୁକୁରସବୁ ତାଙ୍କ ଛୁଆ ସହ ଆସିଯାଇଥିଲେ ବିସ୍କୁଟ ଖାଇବାକୁ ତ ପିଙ୍କି ଡାକୁଥାଆନ୍ତି ଚୁ ଚୁ। ତା ତଳୁ ବାହାରୁ ନଥାଏ ମାଆକୁକୁର। କୁଆଡେ ଗଲେ ତା ଛୁଆ ସବୁ ଆରେ ଏଇତ ସବୁ ଛୁଆ ତାର ଅନ୍ୟ ମାଆକୁକୁର ଓ ତା ଛୁଆମାନଙ୍କ ସହ ମିଶି ଖାଦ୍ୟ ରୂପେ ବିସ୍କୁଟ ପାଇ ଯାଇଛନ୍ତି। ତେବେ ଏତିକିବେଳେ ଯାତ୍ରୀବାହୀ ବସ ଡ୍ରାଇଭର ଗାଡି ଷ୍ଟାର୍ଟ ମାରିଲା ତ ପିଙ୍କି ଚମକି ପଡିବା ବେଳକୁ ମାଆ କୁକୁର ବାହାରି ଆସିଥିଲା ତା ସ୍ଥାନରୁ ଗାଡି ତଳୁ କିନ୍ତୁ ତା ମୁଁହଁରେ ଥିଲା ତା ମଲା କଳା କୁକୁର ଛୁଆଟା, ଯାହାକୁ କାଲି ସାଇକେଲ ମାଡିଯିବା ପରେ ଢେର ରାତି ଯାଏଁ କୁଁ କୁଁ ହୋଇ କଷ୍ଟ ପାଉଥିଲା ଆଉ ତା ମାଆ ଅନ୍ୟ ଛୁଆ ଓ ଅନ୍ୟ ମାଆ କୁକୁରମାନଙ୍କୁ ଭୁକି ତା ପାଖ ମଡ଼େଇ ଦେଉନଥିଲା। ସେ ଦୃଶ୍ୟର ଦୁଃଖରେ ସଞ୍ଜ ଆସିଗଲା ପରେ ପିଙ୍କିଙ୍କୁ ରାତ୍ରୀଚର ପକ୍ଷୀ ବୋବାଳିର ଭୟ ଘାରି କୁକୁରଛୁଆର କୁଁ କୁଁ କାନ୍ଦଣା ଆଉ ଶୁଭୁନଥିଲା। ସେ ଦିନ ପରଠୁ ରାତ୍ରୀଚର ପକ୍ଷୀର ବୋବାଳି ଆଉ ଶୁଭୁନଥିଲେ ମଧ୍ୟ ମାଆ କୁକୁରଟି ସ୍ୱାଭାବିକ ଅବସ୍ଥାକୁ ଫେରି ପୁଣି ବିସ୍କୁଟ ଖାଇବା ପାଇଁ ଅନ୍ୟ ଛୁଆମାନଙ୍କୁ ଆପଣେଇ ଦୌଡ଼ି ଆସିବାକୁ ଢେର ସମୟ ଲାଗିଥିଲା। ସେଦିନ ପିଙ୍କି ଗଛ ଡ଼ାଳକୁ ଅନେଇ ହଳଦୀବସନ୍ତ ଦେଖି ଖୁସି ହୋଇ ବିସ୍କୁଟ ଆଣି କୁକୁରମାଆକୁ ଡାକୁଥିଲେ ଆ ଚୁ ଚୁ। ଏପଟେ ପକ୍ଷୀମାନେ କିଚିରି ମିଚିରି କରି ତାଙ୍କ ଗିନାରୁ ଚାଉଳ ଖୁଣ୍ଟି ଖାଉଥିଲେ। ପୁରୁଣା କଥା ଭୁଲି ନୂତନତାକୁ ଆପଣେଇବାକୁ ପକ୍ଷୀଠୁ ପଶୁ ଯାଏଁ ଏମିତିକି ମଣିଷ ମଧ୍ୟ ଅଣ୍ଟାସଳଖି ଠିଆ ହୋଇ ଦେଖୁଥିଲେ ସୂର୍ଯ୍ୟଙ୍କୁ ଓ ତାଙ୍କ ତେଜକୁ।

ସାକ୍ଷୀଗୋପାଳ
ପୁରୀ
ମୋ-୯୦୪୦୯୭୭୩୨୭

# ଅନାହାର ଓ ଅନିଦ୍ରାରେ ଲକ୍ଷ୍ମଣ ବନବାସରେ

ସନ୍ତୋଷ ମିଶ୍ର

ପିତୃସତ୍ୟ ପାଳନ ପାଇଁ ଶ୍ରୀରାମଚନ୍ଦ୍ରଙ୍କୁ ଚଉଦ ବର୍ଷ ପାଇଁ ବନବାସ ଯିବାକୁ ପଡିଲା। ତାଙ୍କ ସହିତ ପତ୍ନୀ ସୀତା ଓ ଅନୁଜ ଲକ୍ଷ୍ମଣ ମଧ୍ୟ ବାହାରିଲେ। ଯିବା ପୂର୍ବରୁ ଲକ୍ଷ୍ମଣ ମାତା ସୁମିତ୍ରାଙ୍କ ସହିତ ଦେଖା କଲେ। ସେ ଲକ୍ଷ୍ମଣଙ୍କୁ କହିଲେ - ନିରନ୍ତର ଭାଇ, ଭାଉଜଙ୍କ ସେବାରେ ମନ ନିବେଶ କରିବୁ। ସାରା ରାତି ଅନିଦ୍ରା ରହି ଧନୁ ଶର ଧରି ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବୁ। ଲକ୍ଷ୍ମଣ କହିଲେ - ମା ' ସେଇଥି ପାଇଁ ତ ମୁଁ ଯାଉଛି। ମୋ ସେବାରେ ଯେପରି କିଛି ତ୍ରୁଟି ନରହେ , ସେଥିପାଇଁ ମୋତେ ଆଶୀର୍ବାଦ କର। ବନବାସ କାଳରେ ଲକ୍ଷ୍ମଣ ଖାଦ୍ୟ ପାଇଁ ବିଭିନ୍ନ ପ୍ରକାରର ଫଳ ସଂଗ୍ରହ କରି ଆଣନ୍ତି। ସୀତା ଫଳ ଗୁଡ଼ିକ ତିନି ଭାଗ କରନ୍ତି। ପ୍ରଥମ ଭାଗ ଟି ରାମଚନ୍ଦ୍ରଙ୍କୁ ଦେଇ କହନ୍ତି - ପ୍ରଭୁ , ଖାଆନ୍ତୁ । ତାପରେ ଲକ୍ଷ୍ମଣ ଙ୍କୁ ଗୋଟେ ଭାଗ ଦେଇ କହନ୍ତି - ତମ ଭାଗ ନିଅ। ମାତ୍ର ଖାଇବାକୁ କହନ୍ତି ନାହିଁ। ମା ସୀତାଙ୍କର ଏଭଳି କଥା ଲକ୍ଷ୍ମଣ ଙ୍କୁ ଖୁବ୍ ଆଘାତ ଦିଏ। ଅଭିମାନରେ ସେ ଖାଆନ୍ତି ନାହିଁ।

ବନବାସ ଯିବା ପୂର୍ବରୁ ଲକ୍ଷ୍ମଣ ଉର୍ମିଳାଙ୍କ ଠାରୁ ବିଦାୟ ନେବାକୁ ଆସିଥିଲେ। ଉର୍ମିଳା ଆଦର ପୂର୍ବକ ତାଙ୍କୁ ପାଛୋଟି ନେଇ ପଲଙ୍କରେ ବସାଇଲେ। ଲକ୍ଷ୍ମଣ କହିଲେ - ଉର୍ମିଳା ! ଭାଇ ଭାଉଜଙ୍କ ସେବା କରିବା ପାଇଁ ମୁଁ ସେମାନଙ୍କ ସହିତ ବନବାସ ଯାଉଚି। ଦୀର୍ଘ ଚଉଦ ବର୍ଷ କାଳ ମୋ ବିହୁନେ ତମେ ଏକାକିନୀ ରହିବ। ତୁମ ପ୍ରତି ଏହା ଘୋର ଅନ୍ୟାୟ ଅବଶ୍ୟ । ଉର୍ମିଳା କହିଲେ - ତମେ ସେମିତି କାହିଁକି ଭାବୁଛ। ତମେ ସେବକ ଭାବେ ଭାଇ ଭାଉଜଙ୍କ ସହିତ ଯାଉଚ ଜାଣି ମୁଁ ବହୁତ ଆନନ୍ଦିତ। ହେଲେ ବନବାସ ଜୀବନ କଣ୍ଟକିତ, ଦୁଃଖଦାୟକ। କେତେବେଳେ କ୍ଷୁଧା , ତୃଷା ନିବାରଣ ପାଇଁ ସୁବିଧା ନଥିବ, ତ କେତେବେଳେ ନିଦ୍ରା ଯିବା ପାଇଁ। କେମିତି ସହିବ ଏତେ କଷ୍ଟ। ସେଥିରେ ପୁଣି ଭାଇ ଭାଉଜଙ୍କ ସେବା। ତେବେ ଯେହେତୁ ମୁଁ ତୁମର ସହଧର୍ମିଣୀ ଘରେ ଥାଇବି ତୁମ ଦୁଃଖର ଭାଗୀଦାର ହୋଇ ପାରିବି। । ମୁଁ ଯଦି ସତୀ ନାରୀ , ମୋତେ ଆଶୀର୍ବାଦ କର.. ମୁଁ ଯାହା ଖାଇବି, ମୋହରି ଖାଦ୍ୟରେ ତୁମ ଉଦର ପରିପୁଷ୍ଟ ହେବ। କ୍ଷୁଧା ନିବାରଣ ହେବ। ମୁଁ ଶୋଇଲେ ତୁମ ଆଖିକୁ ନିଦ୍ରା ଆସିବନି। ଲକ୍ଷ୍ମଣ କହିଲେ - ମୋର ଆଶୀର୍ବାଦ ଆଉ ଭଲ ପାଇବା ସଦା ବେଳେ ତମ ସହିତ ଅଛି। ପରମବ୍ରହ୍ମ ନାରାୟଣଙ୍କୁ ପ୍ରାର୍ଥନା କରୁଛି ସେ ତୁମର ମନବାଞ୍ଛା ପୂର୍ଣ୍ଣ କରନ୍ତୁ । ସତୀ ଉର୍ମିଳାଙ୍କ ତ୍ୟାଗ ଓ ସାଧନା ଫଳରେ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଥିଲା।

ରାମ ରାବଣ ଯୁଦ୍ଧର ଅନ୍ତିମ ପର୍ଯ୍ୟାୟରେ ଇନ୍ଦ୍ରଜିତ ଆସିଲେ ରଣ ଭୂମିକୁ। ବିଭୀଷଣ କହିଲେ - ଇନ୍ଦ୍ରଜିତଙ୍କୁ ପରାସ୍ତ କରିବା ସହଜ ସାଧ୍ୟ ନୁହେଁ। କେବଳ ଇନ୍ଦ୍ରିୟ ମାନଙ୍କୁ ଜୟ କରିଥିବା ଏବଂ ବାର ବର୍ଷ କାଳ ଆହାର, ନିଦ୍ରା ପରିହାର କରିଥିବା ବ୍ୟକ୍ତିହିଁ ତାଙ୍କୁ ବଧ କରି ପାରିବେ। ଚିନ୍ତାରେ ପଡ଼ିଗଲେ ରାମଚନ୍ଦ୍ର। ଏଭଳି ବୀର ପୁରୁଷ ମିଳିବେ କାହୁଁ। ହାତଯୋଡି ହନୁମାନ କହିଲେ - ପ୍ରଭୁ, ସେଭଳି ବ୍ୟକ୍ତି ଆମ ପାଖରେ ଅଛନ୍ତି। ସେ ହେଲେ ଅନୁଜ ଲକ୍ଷ୍ମଣ। ରାମଚନ୍ଦ୍ର ଆନନ୍ଦରେ ଲକ୍ଷ୍ମଣଙ୍କୁ ଆଲିଙ୍ଗନ କଲେ। ଇନ୍ଦ୍ରଜିତ ସହିତ ଯୁଦ୍ଧ କରିବା ପୂର୍ବରୁ ଲକ୍ଷ୍ମଣ ଜ୍ୟେଷ୍ଠଙ୍କ ଆଶୀର୍ବାଦ ଭିକ୍ଷା କଲେ। ରାମଚନ୍ଦ୍ର କହିଲେ - ବିଜୟୀ ଭବ। ତାପରେ ଲକ୍ଷ୍ମଣ ଏବଂ ଇନ୍ଦ୍ରଜିତ ମଧ୍ୟରେ ଭୟଙ୍କର ଯୁଦ୍ଧ ହେଲା। ଯୁଦ୍ଧର ଶେଷ ପରିଣତି - ଇନ୍ଦ୍ରଜିତର ଶୋଚନୀୟ ପରାଜୟ ଓ ମୃତ୍ୟୁ। ଏ ସବୁ ସମ୍ଭବ ହୋଇଥିଲା କେବଳ ସ୍ତ୍ରୀ ଉର୍ମିଳାଙ୍କର ସତୀତ୍ୱ ଏବଂ ତ୍ୟାଗ ଯୋଗୁ !!!!

ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦

# ଅସମ୍ପୂର୍ଣ୍ଣ ଇଚ୍ଛା

ପ୍ରଭାତ କୁମାର ମହାପାତ୍ର



ବୋଉ... ବୋଉ ... ଟିକିଏ ଶୁଣିଲୁ ..କଣ ହେଲା ମୋ କଣ୍ଢେଇ ରାଣୀ ! ସକାଳୁ ସକାଳୁ ଏତେ ବଡ ପାଟିରେ କ'ଣ କହୁଛୁ ? ବୋଉ .... ଟିକିଏ ଧୀର ଗଳାରେ କହି ପଛ ପଟୁ ଆଲିଙ୍ଗନ କଲା ମିନି .। ଆଛା ...କଣ କହିବୁ ବୋଲି କହୁଥିଲୁ ! ମିନି କହିବାକୁ ଲାଗିଲା, ବୋଉ..ଆଜି ପାଇଁ ମୋ ମନରେ ଗୋଟିଏ ବଢିଆ ଆଇଡିଆ ଆସିଛି ! ଆଜି କଣ କିଛି ଖାସ୍ ଦିନ କି ? ମିନି ଆଶ୍ଚର୍ଯ୍ୟ ସହିତ ବୋଉକୁ ବଡ ବଡ ଆଖିରେ ଦେଖିବାକୁ ଲାଗିଲା । ସେତେବେଳେ ମିନିର ବାପା ମଧ୍ୟ ରୋଷେଇ ଘର ଆସି ପହଞ୍ଚି ଯାଇ ଦୁଇ ଜଣଙ୍କୁ ପଚାରିବାକୁ ଲାଗିଲେ, କଥା କଣ କିରେ ! ଆଜି ମା ଆଉ ଝିଅ ଭିତରେ କି ଫୁସୁରୁ ଫାସୁରୁ ଚାଲିଛି .. ! ବାପା ଟିକିଏ ମଜାଳିଆ ଢଙ୍ଗରେ ପଚାରିଲେ।

ନା..ନା....ସେମିତି କିଛି କଥା ନୁହେଁ.. ବାପା... ଏତିକି କହି ମିନି ରୋଷେଇ ଘରୁ ଚାଲି ଆସିଲା। ବାପା ଅଫିସ ଯିବାର ସମୟ ହୋଇ ଯାଇଥିଲା। ମିନି ଚୁପ୍ ହୋଇ କିଛି ଭାବୁଥିଲା...ଠିକ୍ ବାପା ଅଫିସ ଯିବା ପରେ ପରେ ମିନି କହିବାକୁ ଲାଗିଲା, ବୋଉ ତୁ ବି ନା...

ଓହୋ ...ଠିକ୍ ଅଛି ବାବା କହିଲୁ କଣ କଣ ସବୁ କରିବା ? ମିନି ଭାବିଥିବା ଯୋଜନା ବିଷୟରେ ତା ବୋଉକୁ ସବୁ କହିଲା। ବୋଉ ସବୁ ଶୁଣି ଖୁବ୍ ଖୁସି ହୋଇଗଲେ ଏବଂ କହିବାକୁ ଲାଗିଲେ, ଝିଅଟିଏ ହିଁ ସବୁ କିଛି କରିପାରେ..ନିଜ ବାପାଙ୍କ ଜୀବନର ଯେ କୌଣସି ଛୋଟ ବଡ ସ୍ୱପ୍ନକୁ ସାକାର କରିବାକୁ ଲାଗି ପଡ଼ିଥାଏ...ଏବଂ ମାଆ ଭଳି ଯତ୍ନ ମଧ୍ୟ ନେଇଥାଏ। ଏତିକି ଭିତରେ ମିନି ବୋଉ ଭାବ ବିଭୋର ହୋଇ ତାଙ୍କ ଆଖିରୁ କେତେବେଳେ ଲୁହ ବୋହି ତଳେ ପଡ଼ିଲାଣି ସେ ଜାଣି ପାରି ନ ଥିଲେ...।

ସନ୍ଧ୍ୟା ହେଲା ବେଳକୁ ବାପା ଅଫିସରୁ ଘରକୁ ଫେରିଲେ। କିଛି ସମୟ ପରେ ମିନି ବାପାଙ୍କୁ କହିଲା, ବାପା ଆଜି ମୋ ରୁମ୍‌କୁ ଟିକିଏ ଯିବା। କାହିଁକି ? ବାପା ପ୍ରଶ୍ନ କଲେ। ଏମିତି ଟିକିଏ ତୁମକୁ କିଛି ଦେଖାଇବାକୁ ଚାହୁଁ ଥିଲି , ସେଥି ପାଇଁ ଆଛା ଠିକ୍ ଅଛି ଚାଲ ଯିବା...ମିନି ବାପା, ବୋଉ ତିନି ଜଣ ମିଶି ରୁମ୍ ଭିତରକୁ ଗଲେ। କିନ୍ତୁ ଏ କଣ ରୁମ୍ ଭିତର ଖୁବ୍ ଅନ୍ଧାର ଯେ-

ଆରେ ଝିଅ ଲାଇଟ୍ କାହିଁ ? ଲାଇଟ୍ ତ ଲଗାଅ । ଧୈର୍ଯ୍ୟ ଧର ବାପା। ଏମିତି ଶୀଘ୍ରତା କଣ ପାଇଁ ଯେ ...! ମିନି ବାପାଙ୍କ ଖୁବ୍ ଗେହ୍ଲି ଝିଅ ଥିଲା ନା... ଓ କେ ବେଟା। ଲାଇଟ୍ ଜଳାଉ ଜଳାଉ ବାପା ପୁରା ବିସ୍ମିତ ଭାବରେ ଦେଖିବାକୁ ଲାଗିଲେ। ହଠାତ୍ ଫୁଲର ବର୍ଷା ହେବାକୁ ଲାଗିଲା। ଛୋଟ ଛୋଟ ଆଲୋକ ଅଗ୍ନି ପ୍ରବାହ ଭଳି ଝଲସିବାକୁ ଲାଗିଲା। କୋଇଲିର ସୁ ମଧୁର କଣ୍ଠ ସ୍ୱରରେ ଗୋଟିଏ ଗୀତ ଖୁବ୍ ଧିମା ଗତିରେ ବାଜୁଥିଲା, ଏକ ପ୍ୟାର୍ କା ନଗମା ହୈ...। ଟି ଟେବୁଲ୍‌ରେ ଅନେକ ମିଠା ସହିତ ଫୁଲ ଫଳ, କେକ୍ ଅନ୍ୟାନ୍ୟ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ...। କେକ କାଟି ସାରିବା ପରେ ପୂର୍ବରୁ ଆଣିଥିବା ଏକ ଗିଫ୍ଟ କୁ ଧୀରେ ଖୋଲିବା ପାଇଁ ମିନି ବାପାଙ୍କୁ ଅନୁରୋଧ କଲା।ବାପା ମଧ୍ୟ ଖୁସି ରେ ଧୀରେ ଧୀରେ ଗିଫ୍ଟକୁ ଖୋଲି ଯେମିତି ଦେଖିଛନ୍ତି ନିମିଷକ ମଧ୍ୟରେ ତାଙ୍କ ଆଖି ସମ୍ପୂର୍ଣ୍ଣ ଓଦା ହୋଇଗଲା ଓ ମିନିକୁ ସ୍ନେହରେ ଆଲିଙ୍ଗନ କରି ନେଲେ।ବାପାଙ୍କ ପ୍ରିୟ ଏକ ଲାପଟପ ତାଙ୍କ ସାମ୍ନାରେ ହିଁ ରଖା ଯାଇଥିଲା, ଯାହାକି ବାପାଙ୍କ ବହୁ ବର୍ଷର ଅଭିଳାଷ ଥିଲା।

ଝିଅ ! ଏ ଲାପଟପ୍ ! ନା..ନା ବାପା କିଛି କୁହନ୍ତୁ ନାହିଁ।ଏହି ଲାପ୍‌ଟପ୍ ଆପଣଙ୍କ ବହୁ କାମରେ ଆସିବ। ତୁମେ ଦିନ ରାତି ଅନିଦ୍ରା ହୋଇ ମୋବାଇଲ୍‌ରେ ହିଁ ନିଜ କବିତା ଟାଇପ କରୁଛ....ସେଥି ପାଇଁ ମୁଁ ଆଉ ବୋଉ ଭାବିଲୁ , ବାପାଙ୍କୁ ଗୋଟିଏ ସରପ୍ରାଇଜ ଦେଲେ କେମିତି ହୁଅନ୍ତା !

ବାପା କହିବାକୁ ଲାଗିଲେ,ଆଜି ମୋ ଝିଅ ଏତେବଡ ହୋଇ ଗଲାଣି ଯେ, ବାପାଙ୍କ ଇଛାକୁ ସେ ପୂରଣ କଲାଣି...।

ମିନି ବାପାଙ୍କୁ ଜନ୍ମ ଦିବସର ଅଭିନନ୍ଦନ ସ୍ନେହ ଆଲିଙ୍ଗନ କରି ଜଣାଇଲା...ହାପି ବାର୍ଥ୍ ଡେ ବାପା.. ହାପି ବାର୍ଥ ଡେ ମୋ ସବୁଠୁ ଭଲ ବାପା କହୁଥିବା ବେଳେ କାନରେ ବୋଉଙ୍କ ଡାକ ଶୁଭିବାକୁ ମିଳିଲା... ମିନି..ମିନି..ଆରେ ମୋ କଣ୍ଢେଇ ରାଣୀ .. ଶୀଘ୍ର ଉଠ। ସକାଳ ହେଲାଣି ପରା ..କେତେ ଡେରି ପର୍ଯ୍ୟନ୍ତ ଶୋଇବୁ ? ଏ ଝିଅ ବି ଅଜବ .. ଜଣା ନାହିଁ..ଆଜି ତାକୁ କଣ ହୋଇଛି ?ମିନିର ଆଖି ଖୋଲିଲା .. ଦେଖିଲା ଚାରି ଆଡ଼େ ଖାଲି ଖାଲି ... ନିରବତା ...ଯାହାବି ହେଲା ତାହା ଏକ ସ୍ୱପ୍ନ ଥିଲା। ଭାଙ୍ଗି ପଡ଼ିଲା ମିନି.. ତା ପାଦ ତଳୁ ମାଟି ଖସିଲା ଭଳି ବୋଧ ହେଲା।

ବୋଉକୁ ଆଲିଙ୍ଗନ କରି ନିଜ ବାପାଙ୍କୁ ମନେ ପକାଇ ଭୋ ଭୋ ହୋଇ କାନ୍ଦିବାକୁ ଆରମ୍ଭ କରି ଦେଲା। ବାପା ସେମାନଙ୍କୁ ଛାଡ଼ି ଯିବାର ଦୁଇ ବର୍ଷ ହୋଇ ସାରିଥିଲା।

ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ,
କୋରାପୁଟ,ମୋବାଇଲ୍ ୭୮୯୪୦୦୫୪୫୫

# କ୍ୟାଚ୍ ସହଜ କରିବାକୁ ଅନନ୍ୟ କୌଶଳ ଆପଣାଇ ଚର୍ଚ୍ଚାରେ କ୍ୱିଣ୍ଟନ୍ ଡି କକ୍




**ନୂଆଦିଲ୍ଲୀ**

ରାଜସ୍ଥାନ ରୟାଲ୍ସ ବିପକ୍ଷରେ କୋଲକାତା ନାଇଟ ରାଇଡର୍ସର ୱିକେଟକିପର କ୍ୱିଣ୍ଟନ ଡି କକ୍ ତାଙ୍କର କ୍ରିକେଟ ଜ୍ଞାନର ଖୁବ୍ ଭଲ ପ୍ରଦର୍ଶନ କରିଥିଲେ। ଏହି କାରଣରୁ କେକେଆରର ୱିକେଟକିପରଙ୍କୁ ବହୁତ ପ୍ରଶଂସା କରାଯାଉଛି। ପ୍ରକୃତରେ, କ୍ୱିଣ୍ଟନ ଡି କକ୍ ରିୟାନ ପରାଗଙ୍କ କ୍ୟାଚ୍ ଧରିବା ପାଇଁ ଏକ ସହଜ ଉପାୟ ପାଇଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସୂଚନାଯୋଗ୍ୟ, ବରୁଣ ଚକ୍ରବର୍ତ୍ତୀ ଇନିଂସର ଅଷ୍ଟମ ଓଭର ବୋଲିଂ କରୁଥିଲେ। ଚତୁର୍ଥ ବଲରେ ରିୟାନ ପରାଗ ଏକ ଏରିଆଲ ସଟ୍ ଖେଳିଥିଲେ। ତାଙ୍କର ଟାଇମିଂ ଭଲ ନଥିଲା କିନ୍ତୁ ବଲଟି ବହୁତ ଉପରକୁ ଚାଲିଗଲା। ୱିକେଟକିପିଂରେ ଥିବା କ୍ୱିଣ୍ଟନ ଡି କକ୍ ପ୍ରଥମେ ତାଙ୍କ ହେଲମେଟ୍ କାଢ଼ି 'ମାଇନ' (ମୋର କ୍ୟାଚ୍) କହି ଆଗକୁ ବଢ଼ିଲେ। ଯେହେତୁ ବଲଟି ବହୁତ ଉପରକୁ ଯାଇଥିଲା, ତେଣୁ ଏହା ଉପରେ ସବୁବେଳେ ନଜର ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। କ୍ୱିଣ୍ଟନ ଡି କକ୍ ଠିକ୍ ସେହିପରି କରିଥିଲେ। ସେ ଶେଷ ପର୍ଯ୍ୟନ୍ତ ବଲ ଉପରେ ନଜର ରଖିଥିଲେ ଏବଂ ଦୁଇ ହାତ ଆଗକୁ ବଢାଇ ଏକ ଚମତ୍କାର କ୍ୟାଚ ନେଇଥିଲେ। ଏହାକୁ ଦେଖି କକଙ୍କ କ୍ରିକେଟ ଜ୍ଞାନ ଏବଂ ବୁଝାମଣାକୁ ବହୁତ ପ୍ରଶଂସା କରାଯାଉଛି। କ୍ୱିଣ୍ଟନ ଡି କକ୍ କ୍ୟାଚ୍ ନେବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କକ୍ଙ୍କ କ୍ୟାଚ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ କ୍ୟାଚ୍ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଉଛି।

# ହାଇଦ୍ରାବାଦକୁ ୫ ୱିକେଟରେ ହରାଇ ବିଜୟ ଅଭିଯାନ ଆରମ୍ଭ କଲା ଲକ୍ଷ୍ନୌ

**ହାଇଦ୍ରାବାଦ**

ଆଇପିଏଲ୍ର ସପ୍ତମ ମ୍ୟାଚ୍ରେ ସନରାଇଜର୍ସ ହାଇଦ୍ରାବାଦକୁ ପାଞ୍ଚ ୱିକେଟରେ ପରାସ୍ତ କରିଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ସନରାଇଜର୍ସ ହାଇଦ୍ରାବାଦ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ୱିକେଟ୍ ହରାଇ ୧୯୦ ରନ୍ କରିଥିଲା। ଜବାବରେ ଲକ୍ଷ୍ନୌ ୨୩ଟି ବଲ୍ ବଳକା ଥାଇ ମ୍ୟାଚ୍ ଜିତି ନେଇଥିଲା। ଲକ୍ଷ୍ନୌ ପାଇଁ ନିକୋଲାସ୍ ପୁରନ୍ ଓ ମିଚେଲ୍ ମାର୍ଶଙ୍କ ଧୂଆଁଧାର ବ୍ୟାଟିଂ କରିଥିଲେ।

୧୯୧ ରନର ଟାର୍ଗେଟକୁ ପିଛା କରିବା ସମୟରେ ଲକ୍ଷ୍ନୌ ସୁପର



ଜାଏଣ୍ଟସର ଆରମ୍ଭ ଖରାପ ହୋଇଥିଲା। ଦଳ ଦ୍ୱିତୀୟ ଓଭରରେ ଏଡେନ୍ ମାର୍କରମଙ୍କ ରୂପେ ପ୍ରଥମ ୱିକେଟ୍ ହରାଇଲା। ମାର୍କରମ କେବଳ ଏକ ରନ୍ ଆଉଟ୍ ହୋଇଥିଲେ। ଏହାପରେ, ପୁରନ୍ ଏବଂ ମାର୍ଶ ଇନିଂସ ସମ୍ଭାଳିଥିଲେ ଏବଂ ଦ୍ୱିତୀୟ ୱିକେଟ ପାଇଁ ୧୧୬ ରନ୍ ଭାଗୀଦାରି କରିଥିଲେ। ନିକୋଲାସ୍ ପୁରନ୍ ୨୬ ବଲ୍ରେ ୭୦ ରନ୍ କରି ଆଉଟ୍ ହୋଇଥିଲେ ଏବଂ ମିଚେଲ ମାର୍ଶ ୩୧ ବଲ୍ରେ ୫୨ ରନ୍ କରି ଆଉଟ୍ ହୋଇଥିଲେ। ଆୟୁଷ ବାଡୋନି ୬ ରନ କରି ପ୍ୟାଭିଲିୟନ ଫେରିଥିଲେ ଏବଂ ରିଷଭ ପନ୍ତ ୧୫ ରନ୍ କରି ଫେରିଥିଲେ। ହାଇଦ୍ରାବାଦ ପାଇଁ ପାଟ୍ କମିନ୍ସ ସର୍ବାଧିକ ୨ ୱିକେଟ୍ ନେଇଥିଲେ। ଶାମି, ଜାମ୍ପା, ହର୍ଶଲ ପଟେଲଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

# ପୁଣି ବାତିଲ ହେଲା ଭାରତୀୟ ବକ୍ସିଂ ମହାସଂଘ ନିର୍ବାଚନ

**ନୂଆଦିଲ୍ଲୀ**

ଶୁକ୍ରବାର ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍ଆଇ)ର ହେବାକୁଥିବା ନିର୍ବାଚନକୁ ମହାସଂଘ ବାତିଲ କରିଦେଇଛି। ଇଲେକ୍ଟୋରାଲ କଲେଜରୁ ବାଦ୍ ଦିଆଯାଇଥିବା ନାମକୁ ପୁନଃ ସାମିଲ କରିବା ପାଇଁ ଦିଲ୍ଲୀ ଓ ହିମାଚଳ ପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପୂର୍ବରୁ ଧାର୍ଯ୍ୟ ସମୟସୀମାରେ ସମସ୍ତ ପ୍ରକ୍ରିୟା ଶେଷ କରିବା ସମ୍ଭବ ନୁହେଁ ବୋଲି କୁହାଯାଇଛି। ୨୮ରେ ଭାରତୀୟ ବକ୍ସିଂ ମହାସଂଘର ହେବାକୁଥିବା ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)କୁ ମଧ୍ୟ ବାତିଲ କରିଦିଆଯାଇଛି। ଗତ ୨୧ ତାରିଖରେ ରିଟର୍ଣ୍ଣିଂ ଅଫିସର (ଅବସରପ୍ରାପ୍ତ ବିଚାରପତି) ଆର୍.କେ. ଗାଉବାଙ୍କ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ଏହି



ନିଷ୍ପତ୍ତି ଜରୁରୀ ଥିଲା। ଇଲେକ୍ଟୋରାଲ କଲେଜ ତାଲିକାରେ ପରିବର୍ତ୍ତନ ଲାଗି କୋର୍ଟଙ୍କ ନିର୍ଦ୍ଦେଶ ଥିବାରୁ ପୂର୍ବରୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ଶେଷ କରିବା ସମ୍ଭବ ନୁହେଁ ବୋଲି ବିଏଫ୍ଆଇ ପକ୍ଷରୁ ଏହାର ସମସ୍ତ ସଦସ୍ୟ ରାଜ୍ୟକୁ ସୂଚନା ଦିଆଯାଇଛି। ନିର୍ବାଚନ ଲାଗି ମାର୍ଚ୍ଚ ୧୩ରେ ଇଲେକ୍ଟୋରାଲ କଲେଜ ଚୂଡ଼ାନ୍ତ କରା ଯାଇଥିବା ବେଳେ ନାମାଙ୍କନ ପାଇଁ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା। ମାର୍ଚ୍ଚ ୭ ତାରିଖରେ ରାଜ୍ୟ ଆସୋସିଏସନର ନିର୍ବାଚିତ ସଦସ୍ୟ ନ ଥିବା କର୍ମକର୍ତ୍ତା ଇଲେକ୍ଟୋରାଲ କଲେଜର ସଦସ୍ୟ ହୋଇପାରିବେ ନାହିଁ ବିଏଫ୍ଆଇ ସଭାପତି ଅଜୟ ସିଂ ନିର୍ଦ୍ଦେଶ ଜାରି କରିଥିଲେ। ହେଲେ ଦିଲ୍ଲୀ ଓ ହିମାଚଳ ପ୍ରଦେଶ ହାଇକୋର୍ଟ ଏହା ଉପରେ ରୋକ୍ ଲଗାଇଥିଲେ। ଦିଲ୍ଲୀ ହାଇକୋର୍ଟ ବିଏଫ୍ଆଇ ନିର୍ବାଚନ ପ୍ରକ୍ରିୟା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ହିମାଚଳ ପ୍ରଦେଶ ହାଇକୋର୍ଟ ନାମାଙ୍କନ ଦାଖଲର ତାରିଖ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ, ଯାହାଫଳରେ ପୂର୍ବରୁ ଅଯୋଗ୍ୟ ଘୋଷିତ ହୋଇସାରିଥିବା ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ନାମାଙ୍କନ ଦାଖଲ କରିପାରିବେ। ବିଏଫ୍ଆଇ ପକ୍ଷରୁ ହିମାଚଳ ପ୍ରଦେଶ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରାଯାଇଥିଲା। ହେଲେ ଏହି ଆବେଦନକୁ ମଙ୍ଗଳବାର ପ୍ରତ୍ୟାଖ୍ୟାନ କରି ଦିଆଯାଇଥିଲା।

# ଗମ୍ଭୀରଙ୍କ ପାଉଣାକୁ ନେଇ ପ୍ରଶ୍ନ ଉଠାଇଲେ ଗାଭାସ୍କର

**ନୂଆଦିଲ୍ଲୀ**

୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ଟିମ୍ ଇଣ୍ଡିଆକୁ ଚାମ୍ପିଅନ କରିବା ପରେ ବିସିସିଆଇ ଦଳକୁ ୫୮ କୋଟି ଟଙ୍କାର ପୁରସ୍କାର ଦେବାକୁ ଘୋଷଣା କରିଥିଲା। ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ୩ କୋଟି ଟଙ୍କା ଦିଆଯିବ ବୋଲି ମଧ୍ୟ ଘୋଷଣା କରାଯାଇଥିଲା। ଏବେ ପୂର୍ବତନ ଅଧିନାୟକ ତଥା କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର ଏହି ପୁରସ୍କାର ରାଶିକୁ ନେଇ ଏକ ପ୍ରଶ୍ନ ଉଠାଇଛନ୍ତି। କ'ଣ ନୂତନ ପ୍ରଶିକ୍ଷକ ଗମ୍ଭୀର ପୂର୍ବତନ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ଙ୍କ ପରି ସପୋର୍ଟ ଷ୍ଟାଫଙ୍କଠାରୁ ଅଧିକ ବୋନସ୍ ନେବାକୁ ମନା କରିବେ କି ବୋଲି ସେ ଏକ ଲେଖାରେ ପଚାରିଛନ୍ତି।

ଗତ ବର୍ଷ ଜୁନରେ ଭାରତୀୟ ଦଳ ୨୦୨୪ ଟି-୨୦ ବିଶ୍ୱକପ ଜିତିଥିଲା, ଯାହା ପରେ ବିସିସିଆଇ ପ୍ରଶିକ୍ଷକ ଏବଂ ଖେଳାଳିମାନଙ୍କୁ




ବିପୁଳ ପୁରସ୍କାର ରାଶି ଦେଇଥିଲା। ଦ୍ରାବିଡ଼ ଅନ୍ୟ ପ୍ରଶିକ୍ଷକ କର୍ମଚାରୀଙ୍କ ତୁଳନାରେ ଅଧିକ ଟଙ୍କା ପାଉଥିଲେ, କିନ୍ତୁ ସେ ଏହାକୁ ନେବାକୁ ମନା କରିଥିଲେ। ସେ କହିଥିଲେ ଯେ ସେ ଅନ୍ୟ କର୍ମଚାରୀଙ୍କ ପରି ସମାନ ପରିମାଣର ଟଙ୍କା ନେବେ। ଦ୍ରାବିଡ଼ଙ୍କ ଏହି ନିଷ୍ପତ୍ତି ସମସ୍ତଙ୍କ ହୃଦୟ ଜିତିଥିଲା। ଏହାକୁ ଉଲ୍ଲେଖ କରି ଗାଭାସ୍କର ତାଙ୍କ ଏକ ଲେଖାରେ ଲେଖିଛନ୍ତି- 'ଟି-୨୦ ବିଶ୍ୱକପ ଜିତିବା ପରେ, ଦ୍ରାବିଡ଼ ପ୍ରମାଣ କଲେ ଯେ ସେ ଜଣେ ପ୍ରକୃତ ଟିମ୍ମ୍ୟାନ୍।' ସେ ପୁରସ୍କାର ରାଶିକୁ ପ୍ରଶିକ୍ଷକ କର୍ମଚାରୀଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ଏକ ମହାନ ଉଦାହରଣ ସ୍ଥାପନ କରିଥିଲେ। ବିସିସିଆଇ ଚାମ୍ପିଅନ୍ସ ଟ୍ରଫି ପାଇଁ ପୁରସ୍କାର ରାଶି ଘୋଷଣା କରିବାର ଦୁଇ ସପ୍ତାହ ବିତିଗଲାଣି, କିନ୍ତୁ ଗମ୍ଭୀର ଏପର୍ଯ୍ୟନ୍ତ କହିନାହାନ୍ତି ଯେ ସେ ଦ୍ରାବିଡ଼ଙ୍କ ପରି ସପୋର୍ଟ ଷ୍ଟାଫଙ୍କ ସହ ପୁରସ୍କାର ରାଶି ବାଣ୍ଟିବେ କି ନାହିଁ। ଏହି କ୍ଷେତ୍ରରେ ଦ୍ରାବିଡ଼ କ'ଣ ତାଙ୍କ ପାଇଁ ଜଣେ ଆଦର୍ଶ ନୁହଁନ୍ତି ବୋଲି ସେ କହିଛନ୍ତି। ତେବେ ଏହି ପ୍ରଶ୍ନ ବାବଦରେ ଏଯାବତ ଗମ୍ଭୀରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ସେ ଦଳ ଏକତାର ବାର୍ତ୍ତା ଦେବେ ନା ଭିନ୍ନ ପଥ ବାଛିବେ ଏହା ଦେଖିବା ଆକର୍ଷଣୀୟ ହେବ। ଗମ୍ଭୀର ବର୍ତ୍ତମାନ ତାଙ୍କ ପରିବାର ସହିତ ଛୁଟି ପାଳନ କରିବା ପାଇଁ ଫ୍ରାନ୍ସରେ ଅଛନ୍ତି।

# ସିଏମ୍ ଟ୍ରଫି ଫୁଟବଲ୍ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ

**ବାଲେଶ୍ୱର, ନ୍ୟୁଜ୍**

ଜିଲ୍ଲାରେ କ୍ରୀଡ଼ା ଓ କ୍ରୀଡ଼ାବିତ୍ମାନଙ୍କର ସାମଗ୍ରିକ ବିକାଶ ତଥା ତୃଣମୂଳ ସ୍ତରରେ କ୍ରୀଡ଼ାବିତ୍ମାନଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିବା ସହ କ୍ରୀଡ଼ା ପ୍ରତିଭା ବିକାଶ କରିବା ନିମନ୍ତେ ଭୀମପୁରାସ୍ଥିତ କ୍ରୀଡ଼ା ହଷ୍ଟେଲ ପଡ଼ିଆଠାରେ ଆସନ୍ତା ଏପ୍ରିଲ ତା ୨ରିଖ ଠାରୁ ୯ରିଖ ପର୍ଯ୍ୟନ୍ତ ସିଏମ୍ ଟ୍ରଫି ଫୁଟବଲ ଚାମ୍ପିଅନସିପ୍ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। ଉକ୍ତ ପ୍ରତିଯୋଗିତା ୧୫ ବର୍ଷରୁ କମ୍ କ୍ରୀଡ଼ାବିତ୍ ବର୍ଗ ପାଇଁ (ଅଣ୍ଡର-୧୫ କ୍ୟାଟାଗୋରିରେ) ଆୟୋଜିତ କରାଯାଉଛି।

ଜିଲ୍ଲାସ୍ତରୀୟ ସିଏମ୍ ଟ୍ରଫି ଫୁଟବଲ ଚାମ୍ପିଅନସିପ୍ର ଆୟୋଜନ ହେବା ସମ୍ବନ୍ଧରେ ଗୁରୁବାର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛ। ଉକ୍ତ ବୈଠକରେ ଜିଲ୍ଲା କ୍ରୀଡ଼ା ଅଧିକାରୀ



ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରାଚୀ ତନୟା ଗିରି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତଙ୍କ ସମେତ ବିଭିନ୍ନ କ୍ରୀଡା ଆସୋସିଏସନର ଅଧିକାରୀ ମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ଜିଲ୍ଲାର ମୋଟ ୭ ଗୋଟି ଫୁଟବଲ କ୍ଲବ୍ ଏହି ପ୍ରତିଯୋଗିତାରେ ଭାଗ ନେବେ। ନିଉ ଏନ୍ଏସି ରେମୁଣା, ଟାଉନ କ୍ଲବ, ବିଏସକେ ଆରମଳା ଫୁଟବଲ କ୍ଲବ, ମାର୍କୋଣା ଫୁଟବଲ କ୍ଲବ, ବଣଭୂଇଁ ଫୁଟବଲ କ୍ଲବ, ଓଏସଏଲ ଫୁଟବଲ କ୍ଲବ ଏବଂ ବାଲେଶ୍ୱର ଫୁଟବଲ କ୍ଲବ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରକାଶଯୋଗ୍ୟ ଯେ, ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭାମାନଙ୍କୁ ଚୟନ କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ଦ୍ୱାରା ସଶକ୍ତ କରାଇବା ଏବଂ କ୍ରୀଡ଼ାବିତ୍ମାନଙ୍କର ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସିଏମ୍ ଟ୍ରଫି ଚାମ୍ପିଅନସିପ୍ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଆଗାମୀ ଭବିଷ୍ୟତରେ କ୍ରୀଡ଼ାବିତ୍ମାନେ ଯେପରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆୟୋଜିତ ହେଉଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବେ ତାହା ଲକ୍ଷ୍ୟ ରଖାଯାଇଛି।

# ଆଇପିଏଲ-୨୦୨୫ ଲଜ୍ଜାଜନକ ରେକର୍ଡ ହାସଲ କଲେ ରିୟାନ ପରାଗ



**ନୂଆଦିଲ୍ଲୀ**

ରାଜସ୍ଥାନ ରୟାଲ୍ସ ପାଇଁ ଆଇପିଏଲ-୨୦୨୫ ସିଜିନର ଆରମ୍ଭ ଭଲ ହୋଇନାହିଁ। ଏହି ଦଳକୁ ପ୍ରଥମ ମ୍ୟାଚ୍ରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଏହା ପରେ କୋଲକାତା ନାଇଟ ରାଇଡର୍ସ ସେମାନଙ୍କୁ ପରାସ୍ତ କରିଛି। ଏହି ପରାଜୟ ପରେ, ରାଜସ୍ଥାନ ରୟାଲ୍ସ ଅଧିନାୟକ ରିୟାନ ପରାଗଙ୍କ ନାମରେ ଏକ ଲଜ୍ଜାଜନକ ରେକର୍ଡ ହୋଇଛି। ଆଇପିଏଲ ଇତିହାସରେ, ରିୟାନ ପରାଗ ରାଜସ୍ଥାନ ରୟାଲ୍ସର ପ୍ରଥମ ଅଧିନାୟକ, ଯାହାଙ୍କ ଅଧିନାୟକତ୍ୱରେ ଦଳକୁ ପ୍ରଥମ ଦୁଇଟି ମ୍ୟାଚ୍ରେ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଏପର୍ଯ୍ୟନ୍ତ ରିୟାନ ପରାଗ ରାଜସ୍ଥାନ ରୟାଲ୍ସର ଦୁଇଟି ମ୍ୟାଚ୍ରେ ଅଧିନାୟକ ଭୂମିକା ଗ୍ରହଣ କରିଛନ୍ତି। ରାଜସ୍ଥାନ ରୟାଲ୍ସର ନିୟମିତ ଅଧିନାୟକ ସଞ୍ଜୁ ସାମସନ ଜଣେ ପ୍ରଭାବଶାଳୀ ଖେଳାଳି ଭାବରେ ଖେଳୁଛନ୍ତି। ତେଣୁ ସଞ୍ଜୁ ସାମସନଙ୍କ ଅନୁପସ୍ଥିତିରେ, ରିୟାନ ପରାଗ ଅଧିନାୟକ ଭୂମିକା ନିର୍ବାହ କରୁଛନ୍ତି। ତଥାପି, ଅଧିନାୟକ ଭାବରେ ରିୟାନ ପରାଗଙ୍କ ଆରମ୍ଭ ଭଲ ହୋଇନାହିଁ। ରାଜସ୍ଥାନ ରୟାଲ୍ସ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୪୪ ରନରେ ପରାଜୟର ସମ୍ମୁଖୀନ ହୋଇଥିଲା। ଏହା ପରେ କୋଲକାତା ନାଇଟ ରାଇଡର୍ସ ୮ ଉଇକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଥିଲା। ରିୟାନ ପରାଗଙ୍କ ଅଧିନାୟକତ୍ୱରେ, ରାଜସ୍ଥାନ ରୟାଲ୍ସ ପ୍ରଥମ ଦୁଇଟି ମ୍ୟାଚ୍ରେ ପରାଜୟର ସାମ୍ନା କରିଛି। ଏପର୍ଯ୍ୟନ୍ତ ରିୟାନ ପରାଗ ୭୧ଟି ଆଇପିଏଲ ମ୍ୟାଚ୍ ଖେଳି ସାରିଛନ୍ତି। ଏଥିରେ ଏହି ଅଲରାଉଣ୍ଡର ୨୪.୦୪ ହାରରେ ୧୨୦୨ ରନ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ, ରିୟାନ ପରାଗ ୬ ଥର ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହା ବ୍ୟତୀତ ସେ ୮୩ ହାରରେ ୪ ଜଣ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିଛନ୍ତି।

# ୧୬ ଓ ୧୯ ବର୍ଷରୁ କମ୍ ଜୁନିୟର ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ୨୮ ରୁ ୦୩ ତାରିଖ ମଧ୍ୟରେ ନାମ ପଞ୍ଜିକରଣ

**ବାରିପଦା, ନ୍ୟୁଜ୍ବ୍ୟୁରୋ**

ମୟୂରଭଞ୍ଜ ଆଥ୍ଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ୧୬ ଓ ୧୯ ବର୍ଷରୁ କମ୍ ଓ ସିଏ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବାକୁ ଯାଉଛି ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସୂତ୍ରରୁ ପ୍ରକାଶ। ଏଥିପାଇଁ ଇଚ୍ଛୁକ ଖେଳାଳିମାନେ ଚଳିତ ମାସ ୨୮ ତାରିଖରୁ ଏପ୍ରିଲ ୩ ତାରିଖ ମଧ୍ୟରେ ବାରିପଦା ଷ୍ଟାଡ଼ିୟମ ଅଫିସରେ ନିଜ ନିଜର ନାମ ପଞ୍ଜିକରଣ କରିପାରିବେ। ୧୬ ବର୍ଷରୁ କମ୍ ଖେଳାଳିଙ୍କ ଜନ୍ମ ୦୧/୦୯/୨୦୦୯ ରୁ ୩୧/୦୮/୨୦୧୧ ମଧ୍ୟରେ ଏବଂ ୧୯ ବର୍ଷରୁ କମ୍ ଖେଳାଳିଙ୍କ ଜନ୍ମ ୦୧/୦୯/୨୦୦୬ ରୁ ୦୧/୦୯/୨୦୦୯ ମଧ୍ୟରେ ହୋଇଥିବା ଆବଶ୍ୟକ। ପଞ୍ଜିକରଣ ସମୟରେ ଡିଜିଟାଲ ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ, ମାଟ୍ରିକ ସାର୍ଟିଫିକେଟ ବା ପଢୁଥିବା ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କ ପ୍ରମାଣ ପତ୍ର ଦାଖଲ କରିବାକୁ ହେବବୋଲି କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି।

# ଭାରତୀୟ ଦଳର କୋଚିଂ ଷ୍ଟାଫ୍ରେ ହେବ ବଡ଼ ପରିବର୍ତ୍ତନ



**ନୂଆଦିଲ୍ଲୀ**

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳର ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ସପୋର୍ଟ ଷ୍ଟାଫରେ କିଛି ବଡ଼ ପରିବର୍ତ୍ତନ କରାଯାଇପାରେ। ଏକ ଜାତୀୟ ହିନ୍ଦୀ ଖବରକାଗଜରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ସହାୟକ କୋଚ ଅଭିଷେକ ନାୟର ଓ ଫିଲ୍ଡିଂ କୋଚ ଟି. ଦିଲୀପଙ୍କୁ ଦଳରୁ ହଟାଯାଇପାରେ। ଦଳରେ ଅତ୍ୟଧିକ ସପୋର୍ଟ ଷ୍ଟାଫଙ୍କ ଉପସ୍ଥିତିକୁ ବିସିସିଆଇ ନାପସନ୍ଦ କରୁଛି। ଏ ସଂକ୍ରାନ୍ତରେ ଆସନ୍ତା ୨୯ ତାରିଖରେ ଗୁଆହାଟୀଠାରେ ହେବାକୁ ଥିବା ହାଇପ୍ରୋଫାଇଲ ବୈଠକରେ ନିଷ୍ପତ୍ତି ନିଆଯିବ। ଗମ୍ଭୀର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱଭାର ସମ୍ଭାଳିବା ପରେ ରିୟାନ ଟେନ ଡୋଏଟ ଓ ଅଭିଷେକ ନାୟରଙ୍କୁ ସହାୟକ କୋଚ ଭାବେ ନିଯୁକ୍ତ କରାଯାଇଥିଲା। ଏନ୍ସିଏ ଓ ଇଣ୍ଡିଆ 'ଏ' ଦଳର କୋଚ ସିତାଂଶୁ କୋଟାକଙ୍କୁ ବ୍ୟାଟିଂ ଓ ଦକ୍ଷିଣ ଆଫ୍ରିକାର ମର୍ନେ ମୋର୍କେଲଙ୍କୁ ବୋଲିଂ କୋଚ କରାଯାଇଥିଲା। ଏମାନଙ୍କ ବ୍ୟତୀତ ସପୋର୍ଟ ଷ୍ଟାଫରେ ୩ ଥ୍ରୋଡାଉନ ସ୍ପେଶାଲିଷ୍ଟ, ଦୁଇ ମସାଜ ଥେରାପିଷ୍ଟ, ଜଣେ ସିନିୟର ଓ ଜୁନିୟର ଫିଜିଓଥେରାପିଷ୍ଟ, ଜଣେ ଟିମ୍ ଡକ୍ଟର, ଜଣେ ସୁରକ୍ଷା ଓ ଅପରେଶନ୍ସ ମ୍ୟାନେଜର, ଜଣେ କମ୍ପ୍ୟୁଟର ଆନାଲିଷ୍ଟ ଓ କିଛି ଲଜିଷ୍ଟିକାଲ ଓ ମିଡିଆ ମ୍ୟାନେଜର ରହିଛନ୍ତି।


**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
CAD-2969

ପତ୍ର ସଂଖ୍ୟା ୫୪୨୦/ଭୁ.ଉ.କ.,ଭୁବନେଶ୍ୱର ତା ୧୮.୦୩.୨୫ରିଖ
AVH-II-D-10/09

**ସୂଚନା**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଅନନ୍ତ ବିହାର ହାଉସିଂ ସ୍କିମ୍, ଫେଜ୍-୨, ମୌଜା-ପୋଖରୀପୁଟ, ଭୁବନେଶ୍ୱର ଅନ୍ତର୍ଗତ HIG ଗୃହ ନଂ- A-11 କୁ **ଶ୍ରୀ ରବିନ୍ଦ୍ର କୁମାର ରାଉତ, ପିତା-ସ୍ୱର୍ଗତ ପଦ୍ମଚରଣ ରାଉତ, ଗ୍ରାମ-ପ୍ଲଟ୍ ନଂ-୮୬, ଟ୍ୟାଙ୍କ ରୋଡ଼, ସାକ୍ଚି, ଥାନା-ସାକ୍ଚି, ଜାମସେଦପୁର-୮୩୧୦୦୧ ଜିଲ୍ଲା-ସିଂଘଭୂମ୍, ଝାରଖଣ୍ଡ**ଙ୍କ ନାମରେ ଆବଣ୍ଟନ କରାଯାଇଥିଲା।

ଆବଣ୍ଟନଗ୍ରାହୀ **ରବିନ୍ଦ୍ର କୁମାର ରାଉତ** ଗତ ତା-୨୩.୦୮.୨୦୨୩ ରିଖରେ ମୃତ୍ୟୁବରଣ କରିଅଛନ୍ତି। **(Death certificate No.A1274814** dated **08.10.2023 of U.S.A.).**

**Legal heir certificate Misc.Case No.No. E-LHC/2023/198289 dated 17.11.23 issued by the Govt. of Odisha** ଅନୁଯାୟୀ **ରବିନ୍ଦ୍ର କୁମାର ରାଉତ**ଙ୍କର ଉତ୍ତରାଧିକାରୀ (୧) ଚିତ୍ରା ରାଉତ (ସ୍ତ୍ରୀ), (୨) ଶ୍ୱାତୀ ରାଉତ (ବିବାହିତ କନ୍ୟା) ଓ (୩) ପ୍ରିତି ରାଉତ (ଅବିବାହିତା କନ୍ୟା) ଅଟନ୍ତି।

ବର୍ତ୍ତମାନ **ଶ୍ୱାତୀ ରାଉତ ଓ ପ୍ରିତି ରାଉତ** ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment-No.C24SS531017 daed 15.04.24 & No.20010726733407 dated 02.04.2024) ମାଧ୍ୟମରେ ଉକ୍ତ ଗୃହରେ ଥିବା ନିଜର ଅଧିକାର/ଅଂଶକୁ **ଚିତ୍ରା ରାଉତ**ଙ୍କୁ ହସ୍ତାନ୍ତର କରିଅଛନ୍ତି।

ସୁତରାଂ ଉକ୍ତ ଗୃହଟି **ଚିତ୍ରା ରାଉତଙ୍କ** ନାମରେ ସମ୍ପୂର୍ଣ୍ଣ ମାଲିକାନା ସତ୍ୱ ପରିବର୍ତ୍ତନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହେଲେ ଉକ୍ତ ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0266/2425


# ୱାକଫ୍ (ସଂଶୋଧନ) ବିଧେୟକ, ୨୦୨୪ କିପରି ଭାବରେ ଭାବନା ଏବଂ ପ୍ରସଙ୍ଗର କରିବ ସମାଧାନ



ହର୍ଷ ରଂଜନ
ବରିଷ୍ଠ ସାମ୍ବାଦିକ

ୱାକଫ୍ ସମ୍ପତ୍ତି ସାମଗ୍ରିକ ଭାବରେ ମାନବ କଲ୍ୟାଣ ସାଧନ ନିମନ୍ତେ ଅଭିପ୍ରେତ ଏବଂ ଏହି ଜନକଲ୍ୟାଣ ଶିକ୍ଷା, ସ୍ୱାସ୍ଥ୍ୟସେବା ଅଥବା ଧାର୍ମିକ ଉଦ୍ଦେଶ୍ୟ ସହିତ ସଂଶ୍ଲିଷ୍ଟ ହୋଇପାରେ। ସାମ୍ପ୍ରତିକ ସ୍ଥିତିରେ ଏଭଳି ସମ୍ପତ୍ତି ହଡ଼ପ କରିବା, ମିଥ୍ୟା ଦାବି ଏବଂ ରାଜନୈତିକ ରୂପରେ ଜଡ଼ିତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଏହାର ଦୁରୁପଯୋଗ ଭଳି ମାମଲା ଚିନ୍ତା ବୃଦ୍ଧିର କାରଣ ପାଲଟିଛି। ଗରିବ ଲୋକମାନଙ୍କ ଉପକାର ସାଧନା କରିବା ବଦଳରେ, ଏହିସବୁ ସମ୍ପତ୍ତିର ବ୍ୟବହାର ଅଧିକତର ନିଜ ସ୍ୱାର୍ଥ ସାଧନ ଓ ସେଥିରୁ ଫାଇଦା ହାସଲ ଲାଗି କରାଯାଉଛି। ଏହି ନୂତନ ବିଧେୟକ ଏହା ସୁନିଶ୍ଚିତ କରୁଛି ଯେ ୱାକଫ୍ ସମ୍ପତ୍ତିକୁ କିପରି ସୁରକ୍ଷିତ ରଖାଯାଇ ପାରିବ ଏବଂ ଏହାର ଉପଯୋଗ ଉଦ୍ଦିଷ୍ଟ ସାମୂହିକ ହିତସାଧନ ନିମନ୍ତେ କରାଯାଇପାରିବ।

ୱାକଫ୍ ସଂଶୋଧନ ବିଧେୟକ, ୨୦୨୪ ୱାକଫ୍ ସମ୍ପତ୍ତିରୁ କୁପ୍ରବନ୍ଧନ, ଭ୍ରଷ୍ଟାଚାର ଓ ଅତିକ୍ରମଣ ଭଳି ଦୀର୍ଘ ଦିନଧରି ଚାଲିଆସୁଥିବା ସମସ୍ୟାଗୁଡ଼ିକର ସମାଧାନ କରିବା ଉଦ୍ଦେଶ୍ୟରେ ଏକ ମହତ୍ୱପୂର୍ଣ୍ଣ ବିଧେୟକ ପଦକ୍ଷେପ ବୋଲି ବିବେଚନା କରାଯାଇପାରେ। ଏହି ପ୍ରସ୍ତାବିତ ସଂଶୋଧନ ପାରଦର୍ଶିତା ବୃଦ୍ଧି, ଆଇନଗତ ଭାବରେ ସ୍ୱାମୀତ୍ୱ (ମାଲିକାନା) ସୁନିଶ୍ଚିତ କରିବା, ଏବଂ ୱାକଫ୍ ବୋର୍ଡଗୁଡ଼ିକ ମଧ୍ୟରେ ଉତ୍ତରଦାୟି ଏବଂ ପ୍ରଶାସନିକ ବ୍ୟବସ୍ଥା କରିବା ଦିଗରେ ଏକ ସୁଦୃଢ଼ ତନ୍ତ୍ର ସ୍ଥାପନ କରିବା ଉପରେ କେନ୍ଦ୍ରିତ। ୱାକଫ୍ ସମ୍ପତ୍ତି ପ୍ରବନ୍ଧନ ମଧ୍ୟରେ ମୁଖ୍ୟ ଚିନ୍ତାଟି ହେଉଛି ଏହାକୁ ଉଚିତ ଭାବରେ ଚିହ୍ନଟ କରିବା ଏବଂ ଏହାର ଡିଜିଟାଲିକରଣ କରିବା। ଏହି ବିଧେୟକର ଧାରା ୫୪ ଏବଂ ୫୫ ପ୍ରଭାବୀ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରେ ଯାହା ଯେକୌଣସି ପ୍ରକାର ଅତିକ୍ରମଣକୁ ରୋକିବାରେ ସକ୍ଷମ ହୋଇପାରିବ। ୱାକଫ୍ ସମ୍ପତ୍ତିର ସୁରକ୍ଷା ସୁନିଶ୍ଚିତ କରିବା ସକାଶେ ଏହି ବିବାଦୀୟ ସମ୍ପତ୍ତି ସମ୍ପର୍କୀତ ମୋକଦ୍ଦମା ଗୁଡ଼ିକର ଶୀଘ୍ରାତିଶୀଘ୍ର ସମାଧାନ କରାଯିବା ସହିତ ଏଭଳି ସମସ୍ତ ସମ୍ପତ୍ତିକୁ ଚିହ୍ନଟ କରିବା ଏବଂ ତାହାର ଡିଜିଟାଲିକରଣକୁ ବାଧ୍ୟତାମୂଳକ କରେ। ଏହିଭଳି ଭାବରେ ଡିଜିଟାଲ ରେକର୍ଡର ବ୍ୟବସ୍ଥା କରାଗଲେ, ଅନଧିକୃତ ଦାବି ଏବଂ ଜାଲ୍ କାରବାର ଉପରେ ମଧ୍ୟ ଅଙ୍କୁଶ ଲାଗାଯାଇ ପାରିବ। ଏହାଦ୍ୱାରା ଏକଥା ମଧ୍ୟ ସୁନିଶ୍ଚିତ ହେବ ଯେ ୱାକଫ୍ ସମ୍ପତ୍ତିଗୁଡ଼ିକର ଉପଯୋଗ ସେମାନଙ୍କ ଇଚ୍ଛିତ ଧର୍ମାଦି କାର୍ଯ୍ୟ ଏବଂ ଧାର୍ମିକ ଉଦ୍ଦେଶ୍ୟରେ ହିଁ ସମ୍ପାଦନ କରାଯାଇ ପାରିବ।

୨୦୧୩ ମସିହାରେ ସଂଶୋଧିତ ୱାକଫର ବର୍ତ୍ତମାନର ପରିଭାଷା ଯେକୌଣସି ବ୍ୟକ୍ତିଙ୍କୁ ୱାକଫ୍ ରୂପରେ ନିଜର ସମ୍ପତ୍ତି ଦାନ କରିବାର ଅଧିକାର ପ୍ରଦାନ କରେ। କିନ୍ତୁ ସେଥିରେ ବିଭିନ୍ନ ପ୍ରକାର ଧୋକାବାଜି ଭଳି ଦାବି ରହିଛି। ସଂଶୋଧନ ବିଧେୟକ ୨୦୧୩ ମସିହା ପୂର୍ବରୁ ସ୍ଥିତିକୁ ବହାଲ କରେ, ଯେଉଁଥିରେ ଏହା ଆବଶ୍ୟକ ହୋଇଥାଏ ଯେ କେବଳ ଇସ୍ଲାମୀୟ ଆସ୍ଥାରେ ବିଶ୍ୱାସୀ ବ୍ୟକ୍ତି ଯିଏ କି ସମ୍ପତ୍ତିର ଆଇନଗତ ମାଲିକ, କେବଳ ସେହି ବ୍ୟକ୍ତି ଏହାକୁ ୱାକଫ୍ ରୂପରେ ଘୋଷଣା କରିପାରିବେ। ଏଥି ସହିତ ଏହା ମଧ୍ୟ ଆବଶ୍ୟକ ଯେ ସେହି ବ୍ୟକ୍ତି ଅନ୍ୟୁନ ପାଞ୍ଚ ବର୍ଷ ଧରି ଇସଲାମ ନୀତି ନିୟମକୁ ଅନୁପାଳନ କରିଥିବେ। ଏଭଳି ପ୍ରାବଧାନ ସନ୍ଦିଗ୍ଧ ଦାନକୁ ରୋକିବ ଏବଂ ଏକଥା ସୁନିଶ୍ଚିତ କରିବ ଯେ କେବଳ ବାସ୍ତବିକ ଧାର୍ମିକ ବନ୍ଦୋବସ୍ତୀଙ୍କ ହିଁ ଏପରି ମାନ୍ୟତା ପ୍ରଦାନ କରାଯିବ। ଏଭଳି ପ୍ରାବଧାନ ଏପରି ମାମଲାକୁ ରୋକିବାରେ ସହାୟକ ହେବ ଯେଉଁଠାରେ ମୂଳ ମାଲିକ ନିକଟରେ ଆଇନଗତ ମାଲିକାନା ନଥିବା ସତ୍ତ୍ୱେ, ୱାକଫ ରୂପରେ ସମ୍ପତ୍ତି ଉପରେ ସେ ବେଆଇନ ଭାବରେ ମାଲିକାନା ଜାହିର କରିପାରୁଥିଲେ।

ଆଉ ଏକ ମହତ୍ୱପୂର୍ଣ୍ଣ ସଂଶୋଧନା 'ଉପଯୋଗକର୍ତ୍ତାଙ୍କ ଦ୍ୱାରା ୱାକଫ୍' ଭଳି ପ୍ରାବଧାନକୁ ହଟାଯିବା। ଯାହା ପୂର୍ବରୁ ସମ୍ପତ୍ତିମାନଙ୍କର ଦୀର୍ଘକାଳୀନ ଉପଯୋଗ ଆଧାରରେ ୱାକଫ୍ ଭାବରେ ନାମିତ କରିବାର ଅନୁମତି ପ୍ରଦାନ କରାଯାଉଥିଲା। ଏଭଳି ବ୍ୟବସ୍ଥା ଯୋଗୁ ଅନେକ ମାମଲା ସାମ୍ନାକୁ ଆସିଥିଲା ଯେଉଁଠାରେ ସରକାରୀ ମାଲିକାନାଯୁକ୍ତ ସମ୍ପତ୍ତିଗୁଡ଼ିକ ସହିତ ଆହୁରି ଅନେକ ସମ୍ପତ୍ତିକୁ ବେଆଇନ ଢ଼ଙ୍ଗରେ ୱାକଫ୍ ଭାବରେ ବର୍ଗୀକୃତ କରାଯାଇଥିଲା। ଏହି ସଂଶୋଧନ ଅଧୀନରେ, କେବଳ ଔପଚାରିକ ୱାକଫ୍ ବିଲେଖଯୁକ୍ତ ସମ୍ପତ୍ତିକୁ ହିଁ ୱାକଫ୍ ଭାବରେ ମାନ୍ୟତା ପ୍ରଦାନ କରାଯିବ ଯଦ୍ୱାରା ଅନଧିକୃତ ଦାବିକୁ ସଫଳତାର ସହିତ ରୋକାଯାଇ ପାରିବ। ସମ୍ପ୍ରତି, 'ଉପଯୋଗକର୍ତ୍ତାଙ୍କ ଦ୍ୱାରା ୱାକଫ୍' ଅଧୀନରେ ବର୍ତ୍ତମାନର ପଞ୍ଜୀକୃତ ସମ୍ପତ୍ତିକୁ ସଂରକ୍ଷଣ କରାଯିବ, ଏବଂ ଯେ ପର୍ଯ୍ୟନ୍ତ ସେଗୁଡ଼ିକ ବିବାଦରେ ନଥିବ କିମ୍ବା ସରକାରୀ ମାଲିକାନାଯୁକ୍ତ ହୋଇ ନଥିବ, ଯଦ୍ୱାରା ସାମୁଦାୟିକ ହିତ ଏବଂ ସାର୍ବଜନୀନ ସମ୍ପତ୍ତି ଅଧିକାରଗୁଡ଼ିକ ମଧ୍ୟରେ ସନ୍ତୁଳନ ବଜାୟ ରହୁଥିବ। ୱାକଫ୍ ବୋର୍ଡମାନଙ୍କ ଦ୍ୱାରା ସମ୍ପତ୍ତିମାନଙ୍କର ଅନୁଚିତ ଢଙ୍ଗରେ ଅଧିଗ୍ରହଣକୁ ରୋକିବା ସକାଶେ ଏହି ବିଧେୟକରେ ସ୍ପଷ୍ଟ ରୂପରେ ପ୍ରାବଧାନ କରାଯାଇଛି ଯେ ୱାକଫର ସମାନ ଉଦ୍ଦେଶ୍ୟ ନିମନ୍ତେ ମୁସଲମାନଙ୍କ ଦ୍ୱାରା ସ୍ଥାପିତ କିନ୍ତୁ ଅନ୍ୟ ବୈଧାନିକ ପ୍ରାବଧାନଗୁଡ଼ିକ ଅଧୀନରେ ଅନିୟମିତ ଟ୍ରଷ୍ଟକୁ ୱାକଫ୍ ସମ୍ପତ୍ତି ଭାବରେ ବିବେଚନା କରାଯିବନାହିଁ। ଏହି ସ୍ପଷ୍ଟୀକରଣ ସ୍ୱତନ୍ତ୍ର ମୁସଲମାନ ଧର୍ମାର୍ଥ ଟ୍ରଷ୍ଟଗୁଡ଼ିକର ପ୍ରଶାସନରେ ୱାକଫ୍ ବୋର୍ଡମାନଙ୍କ ଦ୍ୱାରା କରାଯାଉଥିବା ଅନୁଚିତ ହସ୍ତକ୍ଷେପକୁ ରୋକିପାରିବ।

ଏହି ବିଧେୟକ ୱାକଫ୍ ବୋର୍ଡମାନଙ୍କ ମଧ୍ୟରେ ଥିବା ପ୍ରଶାସନିକ ଅପାରଗତାକୁ ମଧ୍ୟ ଦୂର କରିବ। ଏ ସମ୍ପର୍କୀତ ରେକର୍ଡର ଡିଜିଟାଲୀକରଣ କରାଯିବା ଏବଂ ଏହାକୁ ୱାକଫ୍ ପରିଚାଳନା ବ୍ୟବସ୍ଥା ପୋର୍ଟାଲରେ ଅପଲୋଡ୍ କରିବାରେ ବିଫଳତା ଏକ ପ୍ରମୁଖ ପ୍ରସଙ୍ଗ ହୋଇ ରହିଆସିଛି। ଏହାର ସଂଶୋଧନରେ କୁହାଯାଇଛି ଯେ ସମସ୍ତ ୱାକଫ୍ ସମ୍ପତ୍ତିକୁ ଛଅମାସ ମଧ୍ୟରେ ଅନଲାଇନରେ ପଞ୍ଜୀକରଣ କରାଯିବା ଦରକାର ଯଦ୍ୱାରା ଅଧିକ ପାରଦର୍ଶିତା ଏବଂ ସୁଗମତା ସୁନିଶ୍ଚିତ ହୋଇପାରିବ।

ଏ ଦିଗରେ ଆଉ ଏକ ମୁଖ୍ୟ ଚିନ୍ତା ହେଉଛି, ବେଆଇନ ଢଙ୍ଗରେ ସରକାରୀ ସମ୍ପତ୍ତିକୁ ୱାକଫ୍ ରୂପରେ ଘୋଷଣା କରାଯିବା। ଯେପରି ଦିଲ୍ଲୀରେ ୧୨୩ ଗୋଟି ୱାକଫ୍ ସମ୍ପତ୍ତି ଏବଂ ସୁରତନଗରର ନିଗମ ସହିତ ସଂଯୁକ୍ତ ମାମଲାରେ ଦେଖିବାକୁ ମିଳିଛି। ଏହାର ମୁକାବିଲା କରିବା ସକାଶେ ଧାରା-୩ସିରେ ପ୍ରାବଧାନ କରାଯାଇଛି ଯେ ପୂର୍ବରୁ ଅବା ବର୍ତ୍ତମାନ ୱାକଫ୍ ଭାବରେ ଘୋଷଣା କରାଯାଇଥିବା ଯେକୌଣସି ସରକାରୀ ସମ୍ପତ୍ତି ସେ ପର୍ଯ୍ୟନ୍ତ ୱାକଫର ବୋଲି ସ୍ୱୀକାର କରାଯିବନାହିଁ, ଯେ ପର୍ଯ୍ୟନ୍ତ ତାହା କୌଣସି ଜଣେ ଉଚ୍ଚ ଅଧିକାରୀଙ୍କ ଦ୍ୱାରା ସତ୍ୟପାଠ ହୋଇ ନଥିବ। ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଅଧିକାରୀ ଏହାର ଯାଞ୍ଚ କରିବେ ଏବଂ ଏହା ସୁନିଶ୍ଚିତ କରିବେ ଯେ ସରକାରୀ ସମ୍ପତ୍ତି ସୁରକ୍ଷିତ ରହିଛି।

ଏହି ବିଧେୟକରେ ସୁଦୀର୍ଘ ୱାକଫ୍ ସର୍ବେକ୍ଷଣ ଦାୟିତ୍ୱ ଜିଲ୍ଲାପାଳଙ୍କ ଅଧିକାର କ୍ଷେତ୍ରକୁ ସ୍ଥାନାନ୍ତରୀତ କରାଯିବାର ମଧ୍ୟ ପ୍ରସ୍ତାବ ରହିଛି ଯିଏ ଏହି ପ୍ରକ୍ରିୟାକୁ ସାକାର କରିବା ନିମନ୍ତେ ରାଜ୍ୟର ରାଜସ୍ୱ ଆଇନଗୁଡ଼ିକର ଅନୁପାଳନ କରିବେ। ଏହି ସଂଶୋଧନ ଏକଥା ସୁନିଶ୍ଚିତ କରେ ଯେ ୱାକଫ୍ ସମ୍ପତ୍ତି ସର୍ବେକ୍ଷଣ ଅଧିକ କୁଶଳତା ପୂର୍ବକ ଏବଂ କୌଣସି ପକ୍ଷପାତ ବିନା ସଂପାଦନ କରାଯିବ। ଉତ୍ତର ଦାୟିତ୍ୱ ନଥିବା, କ୍ଷମତାର ଦୁରୁପଯୋଗ ଏବଂ ବାହ୍ୟ ପକ୍ଷମାନଙ୍କ ସହିତ ଅସାଧୁ ମେଣ୍ଟ କରି ଏହାକୁ ହାତେଇବା ଭଳି ସମସ୍ୟା ଯୋଗୁଁ ରାଜ୍ୟ ୱାକଫ୍ ବୋର୍ଡମାନଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରାଯାଇ ଆସୁଅଛି। ଏହି ସମସ୍ୟାର ନିରାକରଣ ସକାଶେ, ବିଧେୟକରେ ରାଜ୍ୟ ୱାକଫ୍ ବୋର୍ଡଗୁଡ଼ିକର ମାସିକ ବୈଠକ ଆୟୋଜନ କରାଯିବା, ନିୟମିତ ଭାବରେ ଏହି ପ୍ରସଙ୍ଗ ଉପରେ ନଜର ରଖିବା ଏବଂ ନିଷ୍ପତ୍ତି ଗ୍ରହଣ ନିମନ୍ତେ ଆଦେଶ ପ୍ରଦାନ କରାଯାଇଛି। ଏହାତିରିକ୍ତ, ୱାକଫ୍ ପଞ୍ଜୀକରଣ ନିମନ୍ତେ ଯେକୌଣସି ପ୍ରକାର ଆବେଦନର ସତ୍ୟପାଠ ନିମନ୍ତେ ଆବେଦନପତ୍ର ଜିଲ୍ଲା କଲେକ୍ଟରଙ୍କ ନିକଟକୁ ହିଁ ପଠାଯିବ। ଏହି ପ୍ରକ୍ରିୟାରେ ନିରପେକ୍ଷତା ସୁନିଶ୍ଚିତ କରାଯିବ ଏବଂ ୱାକଫ୍ ବୋର୍ଡମାନଙ୍କ ଦ୍ୱାରା ନିଆଯାଉଥିବା ମନୋମୁଖୀ ନିର୍ଣ୍ଣୟକୁ ସମ୍ପୂର୍ଣ୍ଣ ରୂପେ ରୋକାଯାଇ ପାରିବ।

ଏହା ବ୍ୟତୀତ, ବିଧେୟକର ଧାରା ୪୦କୁ ହଟାଇ ୱାକଫ୍ ବୋର୍ଡମାନଙ୍କର କୌଣସି ସମ୍ପତ୍ତିକୁ ୱାକଫ୍ ବୋଲି ଘୋଷଣା କରିବାର ବିଶେଷ କ୍ଷମତାକୁ ଯୁକ୍ତିସିଦ୍ଧ କରିଥାଏ। ଏହା ପୂର୍ବରୁ ସମ୍ପୂର୍ଣ୍ଣ ରୂପେ ଯାଞ୍ଚ ବିନା ଏପରି ଘୋଷଣାକୁ ଅନୁମତି ପ୍ରଦାନ କରୁଥିଲା। ୱାକଫ୍ ପ୍ରବନ୍ଧନର ଅଖଣ୍ଡତା ବଜାୟ ରଖିବା ନିମନ୍ତେ, ନୂତନ ପ୍ରାବଧାନରେ କଦାଚାରରେ ସାମିଲ 'ମୁତବଲ୍ଲୀ'ମାନେ (ୱାକଫ୍ ସମ୍ପତ୍ତିର ସଂରକ୍ଷକ) ନିମନ୍ତେ ସୁଦୃଢ଼

ଅଯୋଗ୍ୟତା ମାନଦଣ୍ଡ ପେସ୍ କରାଯାଇଛି। ହିତଧାରକମାନଙ୍କ ନିମନ୍ତେ ଉତ୍ତମ ଆଇନଗତ ସହାୟତା ପ୍ରଦାନ କରିବା ଲାଗି, ବିଧେୟକର ଧାରା ୮୩ (୯) ଅଧୀନରେ ଏକ ଆବେଦନ ବ୍ୟବସ୍ଥା ସାମିଲ କରାଯାଇଛି, ଯାହା ଏ କଥାକୁ ସୁନିଶ୍ଚିତ କରେ ଯେ ନ୍ୟାୟାଧୀକରଣଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ୍ ଦିଆଯାଇପାରିବ ଯାହା ଫଳରେ ଆଇନଗତ ଉପାୟ ମଜଭୁତ ହୋଇପାରିବ। ଏହା ବ୍ୟତୀତ, ୱାକଫ୍ ବିବାଦଗୁଡ଼ିକ ନିମନ୍ତେ ସୀମା ଅଧିନିୟମର ପ୍ରୟୋଜନୀୟତା ଅନିଶ୍ଚିତ କାଳ ଧରି ମାଲିମୋକଦ୍ଦମା ଜାରି ପ୍ରକ୍ରିୟାକୁ ରୋକିପାରିବ। ଏହା ଫଳରେ ଏ ସମ୍ପର୍କୀତ ବିବାଦଗୁଡ଼ିକ ସମୟୋଚିତ ଭାବରେ ସମାଧାନ କରିହେବ।

ପରିଶେଷରେ, ଏହି ବିଧେୟକର ଧାରା ୧୦୮-ଏ'କୁ ହଟାଇ ଦିଆଯିବାର ପ୍ରସ୍ତାବ ରହିଛି ଯାହା ପୂର୍ବରୁ ଅନ୍ୟ ଆଇନ ଉପରେ ଅଧିଭାବୀ ଅଧିକାର ପ୍ରଦାନ କରୁଥିଲା। ଏହା ୱାକଫ୍ ଶାସନ ନିମନ୍ତେ ଏବଂ ଅଧିକ ସାମ୍ୟ ତଥା ଆଇନଗତ ରୂପରେ ସୁଦୃଢ଼ ଦୃଷ୍ଟିକୋଣ ସୁନିଶ୍ଚିତ କରୁଛି। ସାମଗ୍ରିକ ଭାବରେ ୱାକଫ୍ ସଂଶୋଧନ ବିଧେୟକ, ୨୦୨୪ ଭ୍ରଷ୍ଟାଚାର ଉପରେ ଅଙ୍କୁଶ ଲଗାଇବା, ଅନଧିକୃତ ଦାବିକୁ ରୋକିବା ଏବଂ ୱାକଫ୍ ସମ୍ପତ୍ତି ପାଇଁ କୁଶଳ ପ୍ରବନ୍ଧନକୁ ସୁନିଶ୍ଚିତ କରିବାକୁ ସୁନିର୍ଶ୍ଚିତ କରେ। ଏଥିପାଇଁ ଏଭଳି ଜରୁରି ସଂଶୋଧନ ଉପସ୍ଥାପନ କରାଯାଇଛି। ପାରଦର୍ଶିତା, ଆଇନଗତ ସ୍ୱାମୀତ୍ୱ ସତ୍ୟପାଠ ଏବଂ ପ୍ରଶାସନିକ ଉତ୍ତରଦାୟିତ୍ୱ ଉପରେ ପ୍ରାଧାନ୍ୟ ଆରୋପ ପୂର୍ବକ, ଏହି ବିଧେୟକ ମୁସଲମାନ ସମାଜ ଏବଂ ଅବଶିଷ୍ଟ ନାଗରିକ-ଉଭୟଙ୍କ ହିତକୁ ସୁରକ୍ଷା ପ୍ରଦାନ କରିବ ଏବଂ ଏଥି ସହିତ ୱାକଫ୍ ବୋର୍ଡ ମାନଙ୍କ ବିଶ୍ୱସନୀୟତାକୁ ମଧ୍ୟ ବଜାୟ ରଖିବ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ମାର୍ଚ୍ଚ ୨୦୨୫ ଶୁକ୍ରବାର







ଭୁବନେଶ୍ୱର : ରାଜ୍ୟରେ ମହିଳା ନିର୍ଯାତନା ବୃଦ୍ଧି ପାଇବା ପ୍ରତିବାଦରେ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଦଳ ପକ୍ଷରୁ ବିଧାନସଭା ଘେରାଉ କରାଯିବା ଅବସରରେ ଦଳୀୟ କର୍ମୀ ଓ ପୋଲିସଙ୍କ ମଧ୍ୟରେ ରଣକ୍ଷେତ୍ର ପାଲଟିଛି ଲୋୟର ପିଏମ୍‌ଜି। (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଖୁବ୍‌ଶୀଘ୍ର ଭାରତ ...

ଯୁଦ୍ଧ, ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବା ପରେ ବିଶ୍ୱ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବେ ବୋଲି ଆଶା କରାଯାଉଛି । ୟୁକ୍ରେନ ଯୁଦ୍ଧରେ ଭାରତ ସର୍ବଦା ନିରପେକ୍ଷ ମନୋଭାବ ବଜାୟ ରଖିଆସିଛି । ପ୍ରଧାନମନ୍ତ୍ରୀ ମୋଦି ପୁଟିନଙ୍କୁ କହିଥିଲେ ଯେ, ଏହା ଯୁଦ୍ଧର ଯୁଗ ନୁହେଁ ଭାରତ ମଧ୍ୟ ରୁଷିଆ ବିରୋଧରେ ଜାତିସଂଘରେ ଗୃହୀତ ପ୍ରସ୍ତାବ ଉପରେ ଭୋଟ ଦେବାରୁ ନିବୃତ୍ତ ରହିଛି ଏବଂ ପୁଟିନଙ୍କ ପ୍ରତି ସାର୍ବଜନୀନ ସମାଲୋଚନାକୁ ଏଡାଇ ଯାଇଛି।

ପ୍ରଧାନମନ୍ତ୍ରୀ ମୋଦି ୨୦୨୪ରେ ଏକ ପଦକ୍ଷେପ ନେଇଥିଲେ ଯାହା ବହୁତ କମ ନେତା କରିଥିଲେ। ସେ ରୁଷିଆ ଏବଂ ୟୁକ୍ରେନ ଉଭୟ ଗସ୍ତ କରିଥିଲେ ଏବଂ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କୁ ମଧ୍ୟ ଭେଟିଥିଲେ। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦି ଅକ୍ଟୋବରରେ ରୁଷର କାଜାନରେ ବ୍ରିକ୍ସ ଶିଖର ସମ୍ମିଳନୀରେ ମଧ୍ୟ ଯାଇଥିଲେ। ପୁଟିନଙ୍କ ଏହି ଆଗାମୀ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିପାରିବ ଏବଂ ରୁଷିଆ-ୟୁକ୍ରେନ ଯୁଦ୍ଧର ପ୍ରଭାବ ଉପରେ ନୂତନ ଆଲୋଚନା ପାଇଁ ପଥ ଖୋଲିପାରିବ।

ପୁଟିନ ପୂର୍ବରୁ ୨୦୨୧ ଡିସେମ୍ବର ୬ ତାରିଖରେ ଭାରତ ଗସ୍ତରେ ଆସିଥିଲେ। ସେହି ସମୟରେ ସେ ମାତ୍ର ୪ ଘଣ୍ଟା ପାଇଁ ଭାରତ ଆସିଥିଲେ ଏବଂ ଏହି ସମୟ ମଧ୍ୟରେ ଭାରତ ଏବଂ ରୁଷିଆ ମଧ୍ୟରେ ୨୮ଟି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏଥିରେ ସାମରିକ ଏବଂ ବୈଷୟିକ ଚୁକ୍ତିନାମା ମଧ୍ୟ ଅନ୍ତର୍ଭୁକ୍ତ ଥିଲା।

## ଶାରୀରିକ ପରୀକ୍ଷାବେଳେ...

ତାଙ୍କୁ ମୃତ ଘୋଷଣା କରିଥିଲେ। ଆଶାୟୀଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ୪ ଲକ୍ଷର ଅନୁକମ୍ପା ସହାୟତା ରାଶି ଘୋଷଣା କରିଛନ୍ତି ।

## ଓଏସ୍‌ଆରଟିସିର ...

୨୦୨୩-୨୪ ଆର୍ଥିକ ବର୍ଷରେ ବହୁତ କ୍ଷତି ସହିଛି।

ଗତ ଦୁଇଟି ଆର୍ଥିକ ବର୍ଷରେ ଓଏସ୍‌ଆରଟିସି ଦ୍ୱାରା ହୋଇଥିବା ଲାଭ ଏବଂ କ୍ଷତିର ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ ମନ୍ତ୍ରୀ। ତଥ୍ୟ ଅନୁଯାୟୀ ଓଏସଆରଟିସି ୨୦୨୨-୨୦୨୩ ଆର୍ଥିକ ବର୍ଷରେ ୧୪୫.୨୮ କୋଟି ଟଙ୍କା ଏବଂ ୨୦୨୩-୨୦୨୪ଆର୍ଥିକ ବର୍ଷରେ ୧୫୬.୪୪ କୋଟି ଟଙ୍କାର ନିଟ କାରବାର ରେକର୍ଡ କରିଥିଲା। ତଥାପି ମୋଟ ଖର୍ଚ୍ଚ ୨୦୨୨-୨୩ରେ ୧୬୪.୧୨ କୋଟି ଟଙ୍କା ଏବଂ ୨୦୨୩-୨୪ରେ ୧୮୩.୦୭ କୋଟି ଟଙ୍କା ଥିଲା।

୨୦୨୨-୨୩ ମସିହାରେ ମୋଟ କ୍ଷତି ୧୮.୮୩ କୋଟି ଟଙ୍କା ଥିଲା ଏବଂ ୨୦୨୩-୨୪ ମସିହାରେ ନିଗମ ୨୬.୬୩ କୋଟି ଟଙ୍କା କ୍ଷତି କରିଥିଲା। ଏହିପରି ଗତ ଦୁଇ ବର୍ଷ ମଧ୍ୟରେ ଓଏସଆରଟିସି ମୋଟ ୪୫.୪୭ କୋଟି ଟଙ୍କାର କ୍ଷତିର ସମ୍ମୁଖୀନ ହୋଇଛି ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

## ସପ୍ତାହକୁ ୩...

ଦିଆଯିବ। ସେହିପରି ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ, ଏପ୍ରିଲ ୧ରୁ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପୋଷଣ ଲଡୁ ଦିଆଯିବ। ସପ୍ତାହର ସୋମବାର, ମଙ୍ଗଳବାର ଓ ଗୁରୁବାର ଦିନ ଏହି ପୋଷଣ ଲଡୁ ଦିଆଯିବ। ଗୋଟିଏ ଲଡୁର ଦାମ ୩ ଟଙ୍କା ୫୦ ପଇସା ରହିବ ଓ ପୋଷଣ ଲଡୁ କେବଳ ସକାଳ ବେଳା ଦିଆଯିବ।

## ଆୟୁଷ୍ମାନ ଭାରତ...

ଭାରତ, ନେପାଳ, ସେନେଗାଲ, ଘାନା ଏବଂ ବୁରୁଣ୍ଡିର ଉଦାହରଣ ଦିଆଯାଇଛି ଏବଂ ଶିଶୁ ମୃତ୍ୟୁହାର ରୋକିବାରେ ହୋଇଥିବା ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଭିନ୍ନ ରଣନୀତି ଉପରେ ଆଲୋକପାତ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଏହି ଦେଶଗୁଡ଼ିକ ଦର୍ଶାଇଛନ୍ତି ଯେ ରାଜନୈତିକ ଇଚ୍ଛାଶକ୍ତି, ପ୍ରମାଣ-ଆଧାରିତ ରଣନୀତି ଏବଂ ନିରନ୍ତର ନିବେଶ ମୃତ୍ୟୁହାରକୁ ଯଥେଷ୍ଟ ପରିମାଣରେ ହ୍ରାସ କରିପାରିବ।

ଭାରତ ବିଷୟରେ ରିପୋର୍ଟରେ କୁହାଯାଇଛି ଯେ, ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ନିବେଶ ମାଧ୍ୟମରେ ଦେଶ ପରିସ୍ଥିତିରେ ଉନ୍ନତି ଆଣିଛି । ଭାରତ ପୂର୍ବରୁ ଲକ୍ଷ ଲକ୍ଷ ଜୀବନ ବଞ୍ଚାଇ ସାରିଛି ଏବଂ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ସୁସ୍ଥ ଜୀବନର ପଥ ପ୍ରଶସ୍ତ କରିଛି । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୦୦ ଠାରୁ ଭାରତ ପାଞ୍ଚ ବର୍ଷରୁ କମ ବୟସର ଶିଶୁ ମୃତ୍ୟୁହାରରେ ୭୦ ପ୍ରତିଶତ ହ୍ରାସ ଏବଂ ନବଜାତ ମୃତ୍ୟୁହାରରେ ୬୧ ପ୍ରତିଶତ ହ୍ରାସ ହାସଲ କରିଛି।

ଜାତିସଂଘ ଏହାର ରିପୋର୍ଟରେ ଭାରତରେ ସ୍ୱାସ୍ଥ୍ୟ ପ୍ରତି ନିଆଯାଇଥିବା ପଦକ୍ଷେପରୁ ଅନ୍ୟ ଦେଶମାନେ ଶିଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି। ସ୍ୱାସ୍ଥ୍ୟ କଭରେଜ ବୃଦ୍ଧି, ବିଦ୍ୟମାନ ପରିସ୍ଥିତିରେ ଉନ୍ନତି, ସ୍ୱାସ୍ଥ୍ୟ ଭିତ୍ତିଭୂମି ଏବଂ ମାନବ ସମ୍ବଳ ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ଯୋଗୁ ଏହା ସମ୍ଭବ ହୋଇପାରିଛି । ଆୟୁଷ୍ମାନ ଭାରତର ଉଦାହରଣ ଦେଇ ଏହା କୁହାଯାଇଛି ଯେ, ଆୟୁଷ୍ମାନ ଭାରତ ହେଉଛି ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ ବୀମା ଯୋଜନା, ଯାହା ପ୍ରତି ପରିବାର ପାଇଁ ବାର୍ଷିକ ପ୍ରାୟ ୫,୫୦୦ ଆମେରିକୀୟ ଡଲାରର।

## ପୁଣି ବଢିବ...

କିମ୍ବା ତାଠାରୁ ଅଧିକ ତାପମାତ୍ରା ରହିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଗୋଟିଏ କିମ୍ବା ଦୁଇଟି ଜିଲାରେ ହିଟ୍‌ୱେଭ ନେଇ ୱାର୍ଣ୍ଣିଂ ଜାରି କରାଯାଇଛି । ୨୮ ତାରିଖ ପାଇଁ ସମ୍ବଲପୁର ଏବଂ ବୌଦ୍ଧ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୯ ତାରିଖରେ ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୩୦ ତାରିଖରେ ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତା ୩୦ ତାରିଖ ପରେ ତାପମାତ୍ରା ୨ ଡିଗ୍ରୀ କମିବ। ସେହିପରି ୨ ତାରିଖ ବେଳକୁ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

## ମହଙ୍ଗା ହେବ ...

ମୂଲ୍ୟ ନିର୍ଦ୍ଧାରଣ ଉପରେ ନିୟମାବଳୀକୁ ବାରମ୍ବାର ଉଲ୍ଲଂଘନ କରୁଛି। ଔଷଧର ମୂଲ୍ୟ ନିର୍ଦ୍ଧାରଣ କରୁଥିବା ଭାରତର ନିୟାମକ ସଂସ୍ଥା ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ ଔଷଧ କମ୍ପାନୀ ଉଲ୍ଲଂଘନ କରିଥିବା ୩୦୭ଟି ମାମଲା ଚିହ୍ନଟ କରିଛି ।

## ଆସୁଛି ବଡ଼ ...

ମତରେ, ଯଦି ଆମେରିକା ଏବଂ ବ୍ରିଟେନ ସମେତ ପାଞ୍ଚଟି ପ୍ରମୁଖ ଦାତା ଦେଶ ଦ୍ୱାରା ପ୍ରସ୍ତାବିତ ପାଣ୍ଠି ହ୍ରାସକୁ ହ୍ରାସ କରା ନ ଯାଏ, ତେବେ ୨୦୨୫ରୁ ୨୦୩୦ ମଧ୍ୟରେ ଅତିରିକ୍ତ ୪.୪ରୁ ୧୦.୮ ନିୟୁତ ନୂତନ ଏଚ୍‌ଆଇଭି ସଂକ୍ରମଣ ଏବଂ ୭୭୦,୦୦୦ରୁ ୨.୯ ନିୟୁତ ମୃତ୍ୟୁ ହୋଇପାରେ।

ଆମେରିକାର ନୂତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ପରେ ଜାନୁଆରୀ ୨୦ରେ ପାଣ୍ଠିରେ ବିଶ୍ୱର ସବୁଠାରୁ ବଡ଼ ଯୋଗଦାନକାରୀ ଆମେରିକା ସମସ୍ତ ସହାୟତା ବନ୍ଦ କରିଦେଇଥିଲା । ଅଧ୍ୟୟନ ଅନୁଯାୟୀ, ରାଷ୍ଟ୍ରପତିଙ୍କ ଏଡ୍‌ସ ରିଲିଫ ପାଇଁ ଜରୁରୀକାଳୀନ ଯୋଜନା ଗାଏବ ଏବଂ ଅନ୍ୟାନ୍ୟ ପାଣ୍ଠି ହ୍ରାସ ୨୦୩୦ ସୁଦ୍ଧା ଦୂର କରିବା ଦିଗରେ ଅଗ୍ରଗତିକୁ ବାଧା ଦେଇପାରେ।

ଏଚଆଇଭି ଚିକିତ୍ସା ଏବଂ ନିବାରଣକୁ ଉନ୍ନତ କରିବା ପାଇଁ ବିଶ୍ୱସ୍ତରୀୟ ପ୍ରୟାସରେ ଆମେରିକା ସର୍ବାଧିକ ଅବଦାନ ଦେଇଛି, କିନ୍ତୁ ବର୍ତ୍ତମାନର କଟକଣା ଆଣ୍ଟିରେଟ୍ରୋଭାଇରାଲ ଥେରାପି, ଏଚ୍‌ଆଇଭି ପରୀକ୍ଷା ଏବଂ ନିବାରଣ ଭଳି ଅତ୍ୟାବଶ୍ୟକୀୟ ସେବାଗୁଡ଼ିକର ଉପଲବ୍ଧତାକୁ ବାଧା ଦେଉଛି, ବର୍ଣ୍ଣେଟ ଇନଷ୍ଟିଚ୍ୟୁଟର ସହ-ଅଧ୍ୟୟନ ଲେଖକ ଡକ୍ଟର ଡେବ୍ରା ଟେନ ବ୍ରିଙ୍କ କହିଛନ୍ତି।

ଅଧ୍ୟୟନ ଫଳାଫଳରୁ ଜଣାପଡିଛି ଯେ, ଉପ-ସାହାରା ଆଫ୍ରିକା ଏବଂ ନିଶା ଇଞ୍ଜେକ୍ସନ ନେଉଥିବା ଲୋକ, ଯୌନ କର୍ମୀ ଏବଂ ପୁରୁଷମାନଙ୍କ ସହିତ ଯୌନ ସମ୍ପର୍କ ରଖୁଥିବା ପୁରୁଷ ଏବଂ ପିଲାମାନଙ୍କ ଭଳି ଉପେକ୍ଷିତ ଗୋଷ୍ଠୀ ସବୁଠାରୁ ଅଧିକ ପ୍ରଭାବିତ ହେବେ। ପ୍ରତିଷ୍ଠାନର ସହ-ଲେଖକ ଡକ୍ଟର ରୋୱାନ ମାର୍ଟିନ-ହ୍ୟୁଜ କହିଛନ୍ତି ଯେ, ଉପ-ସାହାରା ଆଫ୍ରିକାରେ କଣ୍ଡୋମ ବଣ୍ଟନ ଏବଂ ପ୍ରି-ଏକ୍ସପୋଜର ପ୍ରୋଫାଇଲାକ୍ସିସ ଭଳି ଔଷଧ ପ୍ରଦାନ ସମେତ ବ୍ୟାପକ ପ୍ରତିରୋଧ ପ୍ରୟାସରେ ମଧ୍ୟ ହ୍ରାସ ଘଟିବ। ଡକ୍ଟର ବ୍ରିଙ୍କ ଆହୁରି ମଧ୍ୟ କହିଛନ୍ତି ଯେ, ସ୍ଥାୟୀ ଆର୍ଥିକ ସହାୟତା ସୁନିଶ୍ଚିତ କରିବା ଏବଂ ଏଚ୍‌ଆଇଭି ମହାମାରୀ ପୁନରୁତ୍ଥାନକୁ ରୋକିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ନଚେତ ଏହାର ବିନାଶକାରୀ ପରିଣାମ ସାରା ବିଶ୍ୱରେ ଦେଖାଯାଇପାରେ।

## ଲୋୟର ପିଏମ୍‌ଜି ...

କଂଗ୍ରେସ କର୍ମୀଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହେବାରୁ ପୋଲିସ ଆନ୍ଦୋଳନକାରୀଙ୍କ ଉପରେ ଲାଠି ମାଡ଼ କରିଥିଲା। ଆନ୍ଦୋଳନକାରୀ କଂଗ୍ରେସ କର୍ମୀଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲା ପୋଲିସ। ଶେଷରେ ପୋଲିସ ଆନ୍ଦୋଳନର ନେତୃତ୍ୱ ନେଉଥିବା ପିସିସି ସଭାପତି ଭକ୍ତ ଦାସ, ବରିଷ୍ଠ କଂଗ୍ରେସ ନେତା ତାରା ବାହିନୀପତି, ମହମ୍ମଦ ମୋକିମଙ୍କ ସମେତ ଅନ୍ୟ କିଛି ନେତାଙ୍କୁ ଆନ୍ଦୋଳନ ସ୍ଥଳରୁ ଉଠାଇ ନେଇଥିଲା । କଂଗ୍ରେସ କର୍ମୀଙ୍କ ଆକ୍ରମଣରେ ୧୫ ପୋଲିସ କର୍ମଚାରୀ ଆହତ ହେବା ସହ ପୋଲିସର ପାଲଟା କାର୍ଯ୍ୟାନୁଷ୍ଠାନରେ ମଧ୍ୟ ବହୁ କଂଗ୍ରେସ କର୍ମୀ ଆହତ ହୋଇଥିବା ଦଳ ଅଭିଯୋଗ କରିଛି।

ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ କଠୋର ପଦକ୍ଷେପ ନିଆଯାଇଛି। କଂଗ୍ରେସ ନେତା ମାନସ ଚୌଧୁରୀଙ୍କ ସହ କିଛି ଯୁବ ଓ ଛାତ୍ର କଂଗ୍ରେସ କର୍ମକର୍ତ୍ତାଙ୍କୁ ଗୁରୁବାର ସକାଳୁ ପୋଲିସ ଅଟକ ରଖିଥିଲା । ଅନ୍ୟ ଜିଲ୍ଲାରୁ ଆସିଥିବା କିଛି କଂଗ୍ରେସ ନେତା ଓ କର୍ମୀଙ୍କୁ ମଧ୍ୟ ବିଭିନ୍ନ ଥାନାରେ ଅଟକ ରଖା ଯାଇଥିବା ଜଣାପଡିଛି।

## ପଛୁଆବର୍ଗଙ୍କ ...

ନିଷ୍ପତ୍ତି ହୋଇଥିଲେ ସୁଦ୍ଧା ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ଏ କ୍ଷେତ୍ରରେ ପୂର୍ବ ସରକାର ଅବହେଳା କରିଛନ୍ତି। ତେବେ ଆମ ସରକାର ଏହା ଉପରେ ବିଚାର କରୁଛନ୍ତି ବୋଲି ଶ୍ରୀ ଗଣ୍ଡ କହିଥିଲେ। ମନ୍ତ୍ରୀଙ୍କ ଏହି ଉତ୍ତରରେ ଅସନ୍ତୋଷବ୍ୟକ୍ତ କରି ବିରୋଧୀ ବିଜେଡ଼ି ବିଧାୟକମାନେ କକ୍ଷତ୍ୟାଗ କରିଥିଲେ।

## ଖାଦ୍ୟ ଯୋଗାଣ...

ମନ୍ତ୍ରୀ କହିଥିଲେ। ସେ କହିଥିଲେ ପୁଷ୍ଟିହୀନତା ଜନିତ ସମସ୍ୟାର ସମାଧାନ ପାଇଁ ରାଜ୍ୟରେ ପିଡିଏସ୍ ବ୍ୟବସ୍ଥାରେ ସମନ୍ୱିତ ଶିଶୁ ବିକାଶ ଯୋଜନା, ପିଏମ୍ ପୋଷଣ କାର୍ଯ୍ୟକାରୀ ହେଉଛି। ସେହିପରି ରାସନକାର୍ଡ ତଥ୍ୟାବଳୀକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ପାଇଁ ସମସ୍ତ ହିତାଧିକାରୀଙ୍କୁ ଆଧାର ଭିତ୍ତିକ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ୨୦୨୪ ଅଗଷ୍ଟରୁ ଆରମ୍ଭ ହୋଇଛି। ୨୦୨୫ ମାର୍ଚ୍ଚ ୨୦ ତାରିଖ ସୁଦ୍ଧା ୩୦୧୯୨୩୨୭ ହିତାଧିକାରୀଙ୍କ ଇ-କେୱାଇସି ସଫଳତାର ସହ କରାଯାଇଛି। ଏହା ବ୍ୟତୀତ ରାଜ୍ୟ ବାହାରେ ଥିବା ୧ଲକ୍ଷ ୩୯ ହଜାର ୪୯୩ଜଣ ଓଡ଼ିଶାର ହିତାଧିକାରୀ ସେମାନଙ୍କର ଇ-କେୱାଇସି କରାଯାଇଛି। ୨୦୨୫ ମାର୍ଚ୍ଚ ୨୪ ତାରିଖ ସୁଦ୍ଧା ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ମାଧ୍ୟମରେ ୪୩୧୮୪୬ ଜଣ ମୃତ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ରାସନ କାର୍ଡ ତଥ୍ୟାବଳୀରୁ ବାଦ୍ ଦିଆଯାଇଛି। ସେହିପରି ୨୪୧୨୨ଜଣ ଅଯୋଗ୍ୟ ରାସନ କାର୍ଡ ଧାରିଙ୍କୁ ଚିହ୍ନଟ କରାଯାଇ ଖାଦ୍ୟ ସୁରକ୍ଷା ନିୟମରୁ ବାଦ୍ ଦିଆଯାଇଛି। ମନ୍ତ୍ରୀ କହିଥିଲେ ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ସଦୃଶ୍ୟ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ସମସ୍ତ ହିତାଧିକାରୀଙ୍କୁ ମାସିକ ୫ କେଜି ଚାଉଳ ବିନା ମୂଲ୍ୟରେ ୫ବର୍ଷ ପର୍ଯ୍ୟନ୍ତ ବଣ୍ଟନ କରିବାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ୪୪୬.୦୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଉତ୍ତର ବେଳେ ବିରୋଧୀ ବିଜେଡ଼ି ବିଧାୟକମାନେ ଅସନ୍ତୋଷ ବ୍ୟକ୍ତ କରି କକ୍ଷତ୍ୟାଗ କରିଥିଲେ। ଏହା ପରେ ଖର୍ଚ୍ଚ ଦାବି ବାଚନିକ ଭୋଟ୍‌ରେ ଗୃହୀତ ହୋଇଥିଲା। ପୂର୍ବରୁ ଖର୍ଚ୍ଚ ଦାବି ଆଲୋଚନାରେ ଭାଗ ନେଇ ବିରୋଧୀ ଦଳରୁ ବିଜେଡ଼ିର ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ କହିଥିଲେ ଟାର୍ଗେଟେଡ଼ ପବ୍ଲିକ ଡିଷ୍ଟ୍ରିବ୍ୟୁସନ ସିଷ୍ଟମ ବା ଟିପିଡିଏସ୍ ବ୍ୟବସ୍ଥାର ବିକାଶ କରି ସାଧାରଣ ଖାଉଟିଙ୍କ ପାଖରେ ରାସନ ସାମଗ୍ରୀ ପହଞ୍ଚାଇବା ଦିଗରେ ସରକାର ତ୍ୱରିତ ବ୍ୟବସ୍ଥା ଗ୍ରହଣ କରିବା, ଅତ୍ୟାଧୁନିକ ଢାଞ୍ଚାରେ ଖାଦ୍ୟଶସ୍ୟ ନୀତି ନିର୍ଦ୍ଧାରଣ କରିବା, ମାପ ଓ ଓଜନ ଶାଖାକୁ ସକ୍ରିୟ କରିବା ଏବଂ ମାର୍କେଟ ଇଣ୍ଟେଲିଜେନ୍ସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାରେ ସରକାର ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି। ଶାସକ ଦଳରୁ ବିଧାୟକ ଅମର କୁମାର ନାୟକ ଗରିବ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସାମଗ୍ରୀର ସୁଷମ ବଣ୍ଟନ ଦିଗରେ ସରକାର ଉନ୍ନତ ବ୍ୟବସ୍ଥା ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ। ବିଜେଡ଼ି ବିଧାୟକ ବ୍ୟୋମକେଶ ରାୟ ପେଟ୍ରୋଲ ଓ ଡିଜେଲ ଉପରୁ ଜିଏସ୍‌ଟି ଛାଡ଼ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସନ୍ତୋଷ ଖଟୁଆ, ଦିବ୍ୟଶଙ୍କର ମିଶ୍ର, ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଖର୍ଚ୍ଚ ଦାବି ଆଲୋଚନାରେ ଭାଗ ନେଇଥିଲେ।

# ଶୂନ୍ୟକାଳରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଲେ ବିଧାୟକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଶୂନ୍ୟକାଳରେ ବିଧାୟକମାନେ ରାଜ୍ୟ ସ୍ୱାର୍ଥ ଜଡ଼ିତ ଏବଂ ନିଜ ନିଜ ନିର୍ବାଚନ ମଣ୍ଡଳୀ ସମସ୍ୟା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ। ବିଜେଡ଼ି ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ତାଙ୍କ ନିର୍ବାଚନ ମଣ୍ଡଳୀ ବରୀର ଏରବାଙ୍ଗ ପଞ୍ଚାୟତରେ ଜେଲ୍ ତିଆରି ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଗ୍ରାମବାସୀ ଏଥିଯୋଗୁ ପ୍ରଭାବିତ ହେବେ ଏବଂ ସେମାନଙ୍କର ଚାଷଜମି କ୍ଷତିଗ୍ରସ୍ତ ହେବ ବୋଲି ଅନୁଭବ କରି ଚିନ୍ତିତ ରହିଥିବାରୁ ତୁରନ୍ତ ମୁଖ୍ୟମନ୍ତ୍ରୀ ଏହାକୁ ଗ୍ରାମ ଠାରୁ ଦୂର ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ନିବେଦନ କରିଥିଲେ। ଅନ୍ୟ ପକ୍ଷରେ ଶାସକ ଦଳ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ଦକ୍ଷିଣ ଓଡ଼ିଶାର ବୃହତ୍ ବୈଷୟିକ ଶିକ୍ଷାନୁଷ୍ଠାନ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜରେ ଖାଲି ରହିଥିବା ଶିକ୍ଷକ ପଦବୀ ଯଥାଶୀଘ୍ର ପୂରଣ କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ବିଜେଡ଼ି ବିଧାୟକ ରମେଶ ଚନ୍ଦ୍ର ବେହେରା ତାଙ୍କ ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ଉନ୍ନତିକରଣ କରିବା ସହ ନୂଆ ଶିକ୍ଷକ ନିଯୁକ୍ତି ପାଇଁ ଅନୁରୋଧ ଜଣାଇଥିଲେ। ବିଜେଡ଼ିର ବରିଷ୍ଠ ବିଧାୟକ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ବରଗଡ଼ରେ ଏସିସି ସିମେଣ୍ଟ କାରଖାନାକୁ ବନ୍ଦ କରିଦେବା ପାଇଁ ଏବଂ ଏହାର କର୍ମଚାରୀମାନଙ୍କୁ ଛଟେଇ କରିବା ପାଇଁ ବର୍ତ୍ତମାନ ଆଦାନୀ କମ୍ପାନୀ ଚଳାଇଥିବା ଉଦ୍ୟମ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ ଏବଂ ଏହି ଘଟଣାରେ ସରକାର ତୁରନ୍ତ ହସ୍ତକ୍ଷେପ କରି ଦୀର୍ଘ ବର୍ଷର ଏହି ପୁରୁଣା ସିମେଣ୍ଟ କାରଖାନାକୁ ଚଳାଇ ରଖିବା ଓ କର୍ମଚାରୀମାନଙ୍କ ଚାକିରି ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ବିଧାୟକ ଶ୍ରୀ ନବକିଶୋର ମଲ୍ଲିକ ତାଙ୍କ ଅଞ୍ଚଳର ଚାଷୀମାନଙ୍କ ସ୍ୱାର୍ଥରକ୍ଷା ଲାଗି ଧନୁଆ ଓ ପ୍ରାଚୀ ନଦୀର ପୁନରୁଦ୍ଧାର ଏବଂ ସୁରକ୍ଷା ପାଇଁ ସରକାର ବିହିତ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ।

ବିଧାୟକ ଅମରେନ୍ଦ୍ର ଦାସ ଜଗତସିଂହପୁର ଜିଲ୍ଲାରେ ବନ୍ୟାଦାଉରୁ ସ୍ଥାନୀୟ ଲୋକମାନଙ୍କୁ ରକ୍ଷା କରିବା ଏବଂ ପରିବେଶ ପ୍ରଦୂଷଣକୁ ରୋକିବା ଦିଗରେ ସାଗର ମେଳା ପ୍ରୋଜେକ୍ଟର ପୂର୍ବ ନିର୍ଦ୍ଧାରିତ ମାର୍ଗ ଅନୁସାରେ କାର୍ଯ୍ୟକାରୀ କରିବା ଲାଗି ଅନୁରୋଧ ଜଣାଇଥିଲେ। ସେହିପରି ବିଜେଡ଼ିର ବିଧାୟକ ଶ୍ରୀ ସୁନିଲ ମହାନ୍ତି ନୂଆ ସରକାର କ୍ଷମତାକୁ ଆସିବା ପରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଦ୍ୱାରା ଠାକୁର ଦର୍ଶନ ପାଇଁ ଅସମ୍ଭବ ପ୍ରକାର ଭିଡ଼ ହେଉଥିବାରୁ ଏହାକୁ ନିୟନ୍ତ୍ରଣ କରିବା ଦିଗରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ ସହ ପୁରୀର ବାସିନ୍ଦା, ଶ୍ରଦ୍ଧାଳୁ ଓ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସପ୍ତାହରେ ଥରେ ଓ ମାସକୁ ଚାରିଥର ଶ୍ରୀମନ୍ଦିରକୁ ଗୋଟିଏ ନିର୍ଦ୍ଦିଷ୍ଟ ପଥରେ ଯାଇ ଠାକୁର ଦର୍ଶନ କରିବାର ବ୍ୟବସ୍ଥା କରିବାକୁ ସରକାରଙ୍କୁ ଅନୁରୋଧ ଜଣାଇଥିଲେ। ଏଥିସହ ଆସନ୍ତା ରଥଯାତ୍ରା ପୂର୍ବରୁ ବିଧାନସଭା ଗୃହ କମିଟି ପୁରୀ ଗସ୍ତ କରି ସେଠାରେ ଆଲୋଚନା ବୈଠକ ଡକାଇ ମନ୍ଦିର ସମସ୍ୟା ଏବଂ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଆଦି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିବାକୁ ବାଚସ୍ପତିଙ୍କୁ ଅନୁରୋଧ ଜଣାଇଥିଲେ। ବିଧାୟକ ସର୍ବଶ୍ରୀ ଉମାଚରଣ ମଲ୍ଲିକ, ରୁପୁ ଭାତ୍ରା, ଅଭିମନ୍ୟୁ ସେଠୀ, ସରୋଜ କୁମାର ପାଢୀ, ଯୋଗେଶ କୁମାର ସିଂ, ପ୍ରଦୀପ କୁମାର ସାହୁ, ରୁପେଶ କୁମାର ପାଣିଗ୍ରାହୀ, ସିଦ୍ଧାନ୍ତ ମହାପାତ୍ର, ନିରଞ୍ଜନ ପୂଜାରୀ, ସନ୍ତୋଷ ଖଟୁଆ ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ଉତ୍‌ଥାପନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପର ୨୪୦ କି.ମି ଲାଇନ୍ କାର୍ଯ୍ୟକ୍ଷମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ରୋଡ଼ ଓ ବଲାଙ୍ଗୀର ମଧ୍ୟରେ ଉଭୟ ପାର୍ଶ୍ୱରୁ ପ୍ରାୟ ୨୪୦ କିଲୋମିଟରର ରେଳ ଲାଇନ କାର୍ଯ୍ୟକ୍ଷମ ହୋଇଛି ଏବଂ ଦଶପଲ୍ଲା ଏବଂ ପୁରୁଣାକଟକ ମଧ୍ୟରେ ୬୨ କିଲୋମିଟର ନିର୍ମାଣାଧୀନ ଚାଲୁରହିଛି। ରେଳ ସୁରକ୍ଷା ଆୟୁକ୍ତ ବ୍ରିଜେଶ ମିଶ୍ର ତାଙ୍କର ଦୁଇ ଦିନିଆ ପୂର୍ବତଟ ରେଳପଥ ପରିଦର୍ଶନ ସମୟରେ ବୌଦ୍ଧ ଏବଂ ପୁରୁଣାକଟକ ମଧ୍ୟରେ ନବନିର୍ମିତ ୨୬.୮୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରେଳ ଲାଇନର ଯାଞ୍ଚ କରିଛନ୍ତି ଯାହା ଦ୍ୱାରା ନିର୍ମାଣ କାର୍ଯ୍ୟ ଚାଲୁଥିବା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପର ନୂତନ ଭାବରେ ନିର୍ମାଣ ହୋଇଥିବା ରେଳ ଲାଇନ୍‌ର ସୁରକ୍ଷା ଦିଗଗୁଡ଼ିକର ସମୀକ୍ଷା କରାଯାଇଥିଲା। ସମସ୍ତ ସୁରକ୍ଷା ସମ୍ବନ୍ଧୀୟ ମାନଦଣ୍ଡ ଆକଳନ କରିବା ପାଇଁ ଏକ ହାଲୁକା ଟ୍ରେନ୍‌ର ପରୀକ୍ଷାମୂଳକ ଚଳାଚଳ ମଧ୍ୟ କରାଯାଇଥିଲା । ଏହି ଯାଞ୍ଚ ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସମୟସୀମା ସମାପ୍ତି ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ଓଡ଼ିଶାର ଦୁର୍ଗମ ଏବଂ ଆକାଂକ୍ଷୀ ଅଞ୍ଚଳରେ ଯୋଗାଯୋଗକୁ ଉନ୍ନତ କରିବା ପାଇଁ ପ୍ରସ୍ତୁତ। କମିଶନର ରେଳ ସୁରକ୍ଷା ୨୫ ଏବଂ ୨୬ ମାର୍ଚ୍ଚ ୨୦୨୫ ରେ ତାଙ୍କର ନିରୀକ୍ଷଣ ସମୟରେ ଏହି ନୂତନ ଭାବରେ ନିର୍ମାଣ ହୋଇଥିବା ରେଳ ଲାଇନ ଯାଞ୍ଚ କରିଥିଲେ ଏବଂ ଏହି ସେକ୍ସନକୁ କାର୍ଯ୍ୟକ୍ଷମ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ସିଆରଏସ ନୂତନ ଭାବରେ ନିର୍ମିତ ରେଳ ଟ୍ରାକ, ସିଗନାଲିଂ ସିଷ୍ଟମ, ସେତୁଗୁଡ଼ିକର ସୁରକ୍ଷା ପାରାମିଟରଗୁଡ଼ିକ ଯାଞ୍ଚ କରିଥିବାବେଳେ ନିର୍ମାଣ ଚାଲୁଥିବା ୩୦୧ କିଲୋମିଟରର ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ ଲାଇନ ପ୍ରକଳ୍ପର ନୂତନ ଭାବରେ ନିର୍ମିତ ରେଳ ଲାଇନ ସେକ୍ସନକୁ ଫିଟ୍ ଘୋଷଣା କରି ରେଳ ଚଳାଚଳ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ପୂର୍ବତଟ ରେଳପଥର ବରିଷ୍ଠ ରେଳ ଅଧିକାରୀଙ୍କ ଏକ ଦଳ ଯାଞ୍ଚ ସମୟରେ ସିଆରଏସଙ୍କୁ ସହାୟତା କରିଥିଲା। ମୋଟାମୋଟି ଭାବରେ ୩୦୧ କିଲୋମିଟର ମଧ୍ୟରୁ ୨୪୦ କିଲୋମିଟର ରେଳ ଲାଇନର କାର୍ଯ୍ୟକ୍ଷମ କରାଯାଇଛି। ପ୍ରକଳ୍ପର ଶୀଘ୍ର ସମାପ୍ତି ପାଇଁ ରେଳବାଇ ଉଭୟ ପାର୍ଶ୍ୱରୁ, ଅର୍ଥାତ୍ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀର ପାର୍ଶ୍ୱରୁ ପ୍ରକଳ୍ପ ନିର୍ମାଣ କରୁଛି। ପୂର୍ବତଟ ରେଳପଥ ଏହି ଅଞ୍ଚଳରେ ରେଳ ଭିତ୍ତିଭୂମି ବିକାଶ କରିବାକୁ ଏବଂ ପ୍ରକଳ୍ପକୁ ଶୀଘ୍ର ସମାପ୍ତ କରିବା ପାଇଁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରେ ଏହି ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧରେ ନିରନ୍ତର ତଦାରଖ କରୁଛନ୍ତି ଏବଂ ରେଳ ମନ୍ତ୍ରଣାଳୟ ମଧ୍ୟ ଖୋର୍ଦ୍ଧା ରୋଡ୍ ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ଶୀଘ୍ର ସମାପ୍ତି ପାଇଁ ପ୍ରାଥମିକତା ଦେଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମଧ୍ୟ ନିୟମିତ ଭାବରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ପ୍ରକଳ୍ପ ଗୁଡିକର ସ୍ଥିତି ସମୀକ୍ଷା କରୁଛନ୍ତି ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ କାର୍ଯ୍ୟ ତ୍ୱରାନ୍ୱିତ କରିବା ଏବଂ ରେଳ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅବଶିଷ୍ଟ ଅଂଶ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି।

# ଇଙ୍ଫା କମ୍ପାନୀ ପକ୍ଷରୁ ଖେଦାପଡା ଠାରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପଣ

**ରାୟଗଡ, ନ୍ୟୁଜ ବ୍ୟୁରୋ**



ରାୟଗଡା ଜିଲ୍ଲା ଥରୁବାଲିରେ ଅବସ୍ଥିତ ଥିବା ଇମ୍ଫା କମ୍ପାନୀ ଶିଳ୍ପାଞ୍ଚଳର ପାର୍ଶ୍ୱବର୍ତ୍ତୀ ଗ୍ରାମ ଖେଦାପଡ଼ାଠାରେ ଗ୍ରାମବାସୀଙ୍କ ଅନୁରୋଧକ୍ରମେ, ଇମ୍ଫା ଏବଂ ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନ ଦ୍ୱାରା ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଜରିଆରେ ପ୍ରତିଷ୍ଠିତ ଏକ, ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଇମ୍ଫା ଶିଳ୍ପ ଗୋଷ୍ଠୀର ପୂର୍ଣ୍ଣ କାଳୀନ ନିର୍ଦ୍ଦେଶକ-ତଥା- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମାନ୍ ବିଜୟନନ୍ଦ ମହାପାତ୍ରଙ୍କ କରକମଳରେ, ଇମ୍ଫା ଶିଳ୍ପ ଗୋଷ୍ଠୀର ବ୍ୟବସାୟିକ ମୁଖ୍ୟ ଶ୍ରୀମାନ୍ ସୁରେଶ କୁମାର ବାବୁ, ଇମ୍ଫା ଥେରୁବାଲିର ଉପସଭାପତି-ତଥା-ନିର୍ବାହୀ ଅଧିକାରୀ ଶ୍ରୀମାନ୍ ଆଶିଷ କୁମାର ରାୟ, କୋଲନାରା ପଞ୍ଚାୟତ ସମିତିର ଉପଧ୍ୟକ୍ଷ୍ୟ ହଲଧର ହିମିରିକା, ଖେଦାପଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମାନ୍ ନରସିଂହ କିଲାକା ଓ ଗ୍ରାମର ବରିଷ୍ଠ ନାଗରିକ ଓ ଗ୍ରାମବାସୀଙ୍କ ସଦୟ ଉପସ୍ଥିତିରେ ଶୁଭ ଉଦ୍‌ଘଟିତ ହୋଇଯାଇଛି। ଏହି ସମାରୋହରେ ଅନେକ ସମ୍ମାନିତ ବ୍ୟକ୍ତି, ଶତାଧିକ ଗ୍ରାମବାସୀ, ପୁରୁଷ ଓ ମହିଳା, ଏହି କାର୍ଯ୍ୟକ୍ରମ ଦେଖିବାକୁ ଉପସ୍ଥିତ ଥିଲେ। ଖେଦାପଡ଼ାର ଆଦିବାସୀ ସମୁଦାୟ ଗ୍ରାମଦେବୀଙ୍କ ବିଜେ ସ୍ଥଳୀରେ ପାରମ୍ପାରିକ ପୂଜା ସହିତ ସମ୍ମାନିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ତାଙ୍କୁ ଆଦିବାସୀମାନେ ସେମାନଙ୍କର ପାରମ୍ପରିକ ଘିରିକା ନାଚ ଓ ବାଦ୍ୟର ତାଳେ ତାଳେ ପାଛୋଟି ନେଇଥିଲେ । "ଅତିଥି ଦେବୋ ଭବ"ର ମନୋଭାବନେଇ ସମ୍ମାନିତ ଅତିଥିମାନଙ୍କୁ ଆଦିବାସୀ ପରମ୍ପରାନୁସାରେ ଉତ୍ତରୀୟ ପ୍ରଦାନ କରାଯାଇ ଶ୍ରୀରାମ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କର ବୈଦିକ ନୀତି ନିୟମ ଅନୁଯାୟୀ ପୂଜା ଆୟୋଜିତ କରାଯାଇଥିଲା। ମୁଖ୍ୟଅତିଥି ବିଜୟନନ୍ଦ ମହାପାତ୍ର ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପର ଫଳକ ଉନ୍ମୋଚନ କରିବା ପମ୍ପ ଚାଲୁକରି ପ୍ରକଳ୍ପକୁ ଉଦ୍ଘାଟିତ କରିଥିଲେ । ଗ୍ରାମବାସୀଙ୍କୁ ଉଦ୍‌ବୋଧନ ଦେଇ ଏହି ଅଞ୍ଚଳର ସାମାଜିକ ବିକାଶ ପାଇଁ ଆଗାମୀ ସମୟରେ ଇମ୍ଫାର ସହଯୋଗ ରହିବ ବୋଲି ଆଶ୍ୱସ୍ତ କରିବା ସହ ଲୋକଙ୍କର ସହଯୋଗ କାମନା କରିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଓ ଖେଦପଡା ସରପଞ୍ଚ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଇମ୍ଫାର ଏବଂ ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନ ଅବଦାନର ପ୍ରଶଂସା କରି, ଇମ୍ଫାକୁ ଏହି ଅଞ୍ଚଳର 'ଭାତହାଣ୍ଡି' ବୋଲି ବର୍ଣ୍ଣନା କରିଥିଲେ । ଏକ ଉତ୍ତମ ଶିଳ୍ପ ସମ୍ପର୍କର ଆବଶ୍ୟକତା ରହିଛି ବୋଲି ଅଲୋଚନା କରିଥିଲେ। ଖେଦପଡା ଗ୍ରାମର ବରିଷ୍ଠ ନାଗରିକ ତଥା ଶ୍ରୀରାମ ମନ୍ଦିର ପରିଚାଳନା କମିଟିର ସଭାପତି ହରିଶ୍ଚନ୍ଦ୍ର ପାଣିଗ୍ରାହୀ, ଗ୍ରାମର ଅନ୍ୟତମ ବରିଷ୍ଠ ନାଗରିକ କିଶୋର ଚନ୍ଦ୍ର ପାଣିଗ୍ରାହୀ, ଜେ.ନାରାୟଣ ରାଓ, ଗୋପାଳ ସିଂହଙ୍କ ଉପସ୍ଥିତିରେ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ଲିଙ୍ଗରାଜ ପାଣିଗ୍ରାହୀ ଧନ୍ୟବାଦ ଜଣାଇଥିଲେ। ଇମ୍ଫାର ପୂର୍ଣ୍ଣ କାଳୀନ ନିର୍ଦ୍ଦେଶକ-ତଥା- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଇମ୍ଫା ଶିଳ୍ପ ଗୋଷ୍ଠୀର ବ୍ୟବସାୟିକ ମୁଖ୍ୟ, ଇମ୍ଫା ଥେରୁବାଲିର ଉପସଭାପତି-ତଥା-ନିର୍ବାହୀ ଅଧିକାରୀ ଖେଦାପଡ଼ାର କନ୍ୟା ଏକ୍ସପ୍ରେସ୍ କାର୍ଯ୍ୟକ୍ରମର ହିତାଧିକାରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହିତ ଆଲୋଚନା କରିଥିଲେ।

ଭୁବନେଶ୍ୱର
୨୮ ମାର୍ଚ୍ଚ,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀଲିଙ୍ଗରାଜଙ୍କ ରଥଯାତ୍ରା ନୀତି ନିର୍ଘଣ୍ଟ : ଅପରାହ୍ଣ ସାଢ଼େ ୩ଟାରେ ରଥଟଣା



ଭୁବନେଶ୍ୱର,୨୭/୦୩
ନ୍ୟୁଜ ବ୍ୟୁରୋ

ଆସନ୍ତା ମାସ ୫ ତାରିଖରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଯାତ୍ରା ଓ ୯ ତାରିଖରେ ବାହୁଡା ଯାତ୍ରା ଅନୁଷ୍ଠିତ ହେବ । ଶ୍ରୀଜୀଉଙ୍କ ଏହି ମହାନ ପରମ୍ପରା ନିମନ୍ତେ ମନ୍ଦିର କାର୍ଯ୍ୟାଳୟ ପରିସରରେ ସେବାୟତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ନୀତି ନିର୍ଘଣ୍ଟ ପ୍ରସ୍ତାବ ରଖାଯାଇଛି । ପ୍ରସ୍ତାବ ଅନୁଯାୟୀ ଭୋର ୫ଟାରୁ ସାଢେ ୫ଟା ମଧ୍ୟରେ ମଙ୍ଗଳ ଆଳତୀ ଓ ଅବକାଶ, ସକାଳ ସାଢେ ୫ଟାରୁ ସାଢେ ୬ଟା ମଧ୍ୟରେ ସାହାଣମେଲା ଦର୍ଶନ, ଛାମୁ ପରିଷ୍କାର ସକାଳ ୭ଟା, ସୂର୍ଯ୍ୟପୂଜା ୮ଟା, ବଲ୍ଲଭ ଓ ସକାଳଧୂପ ସକାଳ ୮ଟାରୁ ୯ଟା ୧୫, ଭୁବନେଶ୍ୱରୀଙ୍କ ସକାଳ ଧୂପ ୯ଟା୪୫ ମଧ୍ୟେ, ଭୋଗ ମଣ୍ଡପ ୧୦ଟା ୪୫, ବେଶ ଦିନ ୧୨ଟା, ଯାତ୍ରା ପୂଜା ସାଢେ ୧୨ଟା, ପହଣ୍ଡି ସାଢେ ୧୨ରୁ ଦେଢଟା, ରଥରେ ପୂଜା ଅପରାହ୍ଣ ସାଢେ ୩ଟା ଯାଏ ହେବ । ପରେ ସାଢେ ୩ଟାରେ ରଥ ଟଣା ଆରମ୍ଭ ହେବ । ରାମେଶ୍ୱର ମନ୍ଦିରକୁ ବିଜେ ସନ୍ଧ୍ୟା ସାଢେ ୭ଟାରେ ହେବ । ସେହିପରି ବାହୁଡାରେ ସକାଳ ସାଢେ ୬ଟା ସୁଦ୍ଧା ମଙ୍ଗଳ ଆଳତୀ ଓ ଅବକାଶ ନୀତି କରାଯାଇ ଅନ୍ୟାନ୍ୟ ନୀତି ଦିନ ସାଢେ ଗୋଟାଏ ମଧ୍ୟରେ ଶେଷ ହେବ । ସାଢେ ଗୋଟାଏରୁ ୩ଟା ମଧ୍ୟରେ ପହଣ୍ଡି କରାଯାଇ ଅପରାହ୍ଣ ଠିକ୍ ସାଢେ ୩ଟାରେ ରଥ ଟଣାଯିବ । ପ୍ରସ୍ତାବିତ ନୀତି ନିର୍ଘଣ୍ଟ ଟ୍ରଷ୍ଟବୋର୍ଡର ଅନୁମୋଦନ ନିମନ୍ତେ ପଠାଯିବ । ନେତ୍ର ଉତ୍ସବରେ ରଥ ପ୍ରତିଷ୍ଠା ନୀତି ଠିକଣା ସମୟରେ ଓ ରଥଯାତ୍ରା ସଅଳ ହେବ ବୋଲି ନିଷ୍ପତ୍ତି ହୋଇଛି । ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ନିଯୋଗର ସେବାୟତ ପ୍ରତିନିଧି ଓ କାର୍ଯ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ମାତ୍ର ବଡୁ ନିଯୋଗର କୌଣସି ପ୍ରତିନିଧି ଉପସ୍ଥିତ ନ ଥିଲେ।

## ଏପ୍ରିଲ ୭ରେ ଆରବିଆଇ ଏମ୍‌ପିସି ବୈଠକ

# ପୁଣି ହ୍ରାସ ହୋଇପାରେ ରେପୋରେଟ୍




ନୂଆଦିଲ୍ଲୀ,୨୭/୦୩

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଆର୍ଥିକ ବର୍ଷ ୨୦୨୫-୨୬ ଲାଗି ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ସମ୍ପର୍କରେ ଘୋଷଣା କରିଛି । ଆର୍ଥିକ ବର୍ଷର ପ୍ରଥମ ଏମ୍‌ପିସି ବୈଠକ ଏପ୍ରିଲ ୭ରୁ ୯ ଯାଏ ଅନୁଷ୍ଠିତ ହେବ । ଏହି ବୈଠକରେ ପୁଣି ଥରେ ରେପୋ ରେଟ୍ ହ୍ରାସ ହେବ ବୋଲି ବିଶେଷଜ୍ଞ ଆଶା ପ୍ରକଟ କରିଛନ୍ତି । ୫ରୁ ୭ ଫେବ୍ରୁୟାରୀ ଯାଏ ଅନୁଷ୍ଠିତ ଏମ୍‌ପିସି ବୈଠକରେ ଆରବିଆଇ ୫ ବର୍ଷ ପରେ ସୁଧହାରରେ ପରିବର୍ତ୍ତନ କରିଥିଲା । ଗଭର୍ଣ୍ଣର ସଞ୍ଜୟ ମାଲ୍‌ହୋତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରିବା ଯୋଗୁ ଏହା ୬.୨୫% ସ୍ତରରେ ରହିଛି । ୨୦୨୦ ମେ' ପରେ ପ୍ରଥମ ଥର ଲାଗି ରେପୋ ରେଟ୍ ଖସିଛି । ଆର୍ଥିକ ବର୍ଷ ୨୦୨୫-୨୬ରେ ଦେଶର ଜିଡିପି ୬.୭% ଏବଂ ମୁଦ୍ରାସ୍ଫୀତି ୪.୨% ରହିବ ବୋଲି ଆରବିଆଇ ଅନୁମାନ କରିଥିଲା।

# ସ୍ଥାନୀୟ ବ୍ୟବସାୟୀଙ୍କ ବ୍ୟବସାୟିକ ସମସ୍ୟାର ସ୍ଥାୟୀ ସମାଧାନ ନେଇ କିଟ୍ ଓ ୱାଶିଂଟନ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମିଳିତ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୭।୩ ନ୍ୟୁଜ ବ୍ୟୁରୋ

ମାର୍ଚ୍ଚ ୧୯ ତାରିଖରୁ ୧୦ ଦିନିଆ ଶୈକ୍ଷିକ କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌କୁ ଆସିଥିବା ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲର ୧୮ ଜଣିଆ ପ୍ରତିନିଧିମଣ୍ଡଳ କିଟ୍ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ପ୍ରକଳ୍ପରେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଇତି ମଧ୍ୟରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲ ଓ କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଏକ ପ୍ରକଳ୍ପ ଉପରେ ଆଲୋଚନା କରିଛନ୍ତି। ଏହି ଉଦ୍ୟୋଗୀଙ୍କ ବ୍ୟବସାୟିକ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ସେମାନେ ଆଲୋଚନା କରିଥିଲେ। ତଥ୍ୟ-ସମର୍ଥିତ ସୁପାରିଶ ଓ ବିଶ୍ୱବ୍ୟାପୀ ସେଗୁଡ଼ିକର ଅନୁଶୀଳନଠାରୁ ବ୍ୟବସାୟୀମାନେ କିଭଳି ଉପକୃତ ହୋଇପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟ ଆରମ୍ଭ କରିଛନ୍ତି। ଫଳରେ ଏହା ଦ୍ୱାରା ସମସ୍ତ ହିତାଧିକାରୀ ଉପକୃତ ହୋଇପାରିବେ। ଏହା ସହିତ ସ୍ଥାନୀୟ ତଥ୍ୟ ଜରିଆରେ ଛାତ୍ରଛାତ୍ରୀମାନେ ସେମାନଙ୍କ ପ୍ରାସଙ୍ଗିକ ସମସ୍ୟାର ସମାଧାନ କ୍ଷମତାକୁ ଆହୁରି ବୃଦ୍ଧି କରିପାରିବେ। ଏହା ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ପାରମ୍ପରିକ ବିନିମୟ କାର୍ଯ୍ୟକ୍ରମ ଧାରଣାରୁ ଆଗକୁ ବଢ଼ିବା ଏବଂ ବାସ୍ତବ-ବିଶ୍ୱ ସମସ୍ୟା ସମାଧାନକୁ ପ୍ରାଥମିକତା ଦେଉଥିବା ସହଯୋଗୀ ଶିକ୍ଷାଦାନ ମଡେଲଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥାଏ। ଏହି ସହଯୋଗିତାକୁ ପ୍ରଶଂସା କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଶିକ୍ଷାର ଅନ୍ତର୍ଜାତୀୟକରଣ ପ୍ରତି କିଟ୍ ବିଶ୍ୱବିଦ୍ୟାଳୟର ଦୃଷ୍ଟିକୋଣକୁ ମଧ୍ୟ ପ୍ରଦର୍ଶିତ କରେ ବୋଲି କହିଛନ୍ତି। କିଟ୍ ଓ ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲ ମଧ୍ୟରେ ଏହି ସହଭାଗିତାର ସଫଳତା ବିଶ୍ୱର ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଏକ ଉଦାହରଣ ଭାବେ ନିଆଯାଇପାରେ ବୋଲି ସେ କହିଛନ୍ତି।

## ବିଶେଷ ସରକାରୀ ରିହାତି ଦରରେ ବୟନିକାର ବିକ୍ରୟ ଆରମ୍ଭ

# ହସ୍ତତନ୍ତ ସାମଗ୍ରୀର ପ୍ରଚାର ପ୍ରସାର ଓ ବୁଣାକାରଙ୍କ ଆର୍ଥିକ ବିକାଶ ନେଇ ପଦକ୍ଷେପ



ଭୁବନେଶ୍ୱର, ୨୭/୩
ନ୍ୟୁଜ ବ୍ୟୁରୋ

ଓଡ଼ିଶା ଦିବସ ଉପଲକ୍ଷେ ବିଶେଷ ସରକାରୀ ରିହାତି ଦରରେ ବୟନିକାର ବିକ୍ରୟ ଗୁରୁବାରଠାରୁ ଆରମ୍ଭ ହୋଇଛି। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଛନ୍ତି, ବୟନିକା ହସ୍ତତନ୍ତ ସାମଗ୍ରୀର ପ୍ରଚାର ପ୍ରସାର ଓ ବୁଣାକାରଙ୍କ ଆର୍ଥିକ ସମୃଦ୍ଧିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ଏହା ସହ ସେ କହିଛନ୍ତି, ହସ୍ତତନ୍ତ କ୍ଷେତ୍ରର ନିରନ୍ତର ଅଭିବୃଦ୍ଧି ଏବଂ ଅନ୍ତର୍ଜାତୀୟ ସ୍ୱୀକୃତି ସୁନିଶ୍ଚିତ କରିବା ସହିତ ଏହାର ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ଓଡ଼ିଶା ସରକାର ପ୍ରତିବଦ୍ଧ ଅଛନ୍ତି। ଓଡ଼ିଶା ଦିବସ ପାଳନ ଅବସରରେ ଏହା ପର୍ଯ୍ୟଟକ ତଥା ଗ୍ରାହକମାନଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତର ଐତିହ୍ୟ ସମ୍ପର୍କରେ ମଧ୍ୟ ପରିଚିତ କରାଇବ।
ଏହି ସୁବିଧା ୨୭ରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଉପଲବ୍ଧ ହେବ। ସମସ୍ତ ହସ୍ତତନ୍ତ ଉତ୍ପାଦ ଉପରେ ୨୦% + ୧୦% + ୫% ବିଶେଷ ରିହାତିର ସୁବିଧା ମିଳିବ। ବୟନିକାର ସମସ୍ତ ବିକ୍ରୟ ଶାଖା, ସ୍ଥାନୀୟ ପ୍ରଦର୍ଶନୀ ପଡିଆରେ ଚାଲିଥିବା ଜାତୀୟ ହସ୍ତତନ୍ତ ମେଳାରେ ଖୋଲିଥିବା ବୟନିକା ଷ୍ଟଲ ଓ ଜନତା ମଇଦାନରେ ଚାଲିଥିବା ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳାରେ ଥିବା ବୟନିକା ଷ୍ଟଲରେ ଏହି ବିଶେଷ ରିହାତି ସୁବିଧା ଉପଲବ୍ଧ ହେବ। ବୟନ ଭବନ ସ୍ଥିତ "ବୟନିକା ଅନନ୍ୟ" ଶାଖାରେ ରାତି ୧୧ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବିକ୍ରୟ ଉପରେ ଅତିରିକ୍ତ ୫% ରିହାତି (୨୦%+୧୦%+ ୫%+୫%) ସୁବିଧା ମିଳିବ।
ବୟନିକା ଅନନ୍ୟ ଶାଖା ରାତ୍ରୀ ବଜାର ସମୟରେ ଶାସ୍ତ୍ରୀୟ ସଂଗୀତ ପ୍ରଦର୍ଶନ, ଲାଇଭ୍ ଲୁମ୍ ପ୍ରଦର୍ଶନ ଏବଂ ଖାଦ୍ୟ କାଉଣ୍ଟର ବ୍ୟବସ୍ଥା ରହିବ। ବିଳମ୍ବିତ ରାତିରେ ପରିଦର୍ଶକମାନଙ୍କ ପାଇଁ ଏକ ଜୀବନ୍ତ ଓ ଆକର୍ଷଣୀୟ ପରିବେଶ ସୃଷ୍ଟି ସହ ସପିଂ ଅନୁଭବକୁ ବୃଦ୍ଧି କରିବା ଲକ୍ଷ୍ୟରେ ଏହି ଆୟୋଜନ ବୟନିକା ପକ୍ଷରୁ ଗ୍ରହଣ କରାଯାଇଛି।
ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରୀ, ବୟନିକାର ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ବୟନିକାର ସାଧାରଣ ପ୍ରବନ୍ଧକ ତଥା ସମ୍ପାଦକ ସୁଷମା ବାରିକ, ବୟନିକାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ପୃଷ୍ଠପୋଷକ ଓ ଗ୍ରାହକମାନେ ଆଗେଇ ଆସି ଖଣ୍ଡିଏ ଖଣ୍ଡିଏ ହସ୍ତତନ୍ତ ସାମଗ୍ରୀ କିଣି ନେଇ ଓଡ଼ିଶାର ଏହି ସମୃଦ୍ଧ ପରମ୍ପରାକୁ ଆଗେଇ ନେବାକୁ ମନ୍ତ୍ରୀ ନିବେଦନ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ

# ଓଡ଼ିଶା ବିଜେପି ସଂଗଠନ ଓ ରାଜ୍ୟର ବିକାଶ ଦିଗରେ କଲେ ଆଲୋଚନା

ନୀଳଗିରି, ୨୬/୩ ନ୍ୟୁଜ ବ୍ୟୁରୋ

ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ । ଏହି ସାକ୍ଷାତକାର ସମୟରେ ଉଭୟ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଓଡ଼ିଶାରେ ବିଜେପି କ୍ଷମତାକୁ ଆସିଥିବାରୁ ରାଜ୍ୟରେ ଯେପରି ଜନହିତକର କାର୍ଯ୍ୟ ତ୍ୱରାନ୍ୱିତ ହେବ, ଏହା ସହ ଦଳ କିପରି ବୁଥ୍ ସ୍ତରରୁ ମଜଭୁତ ହେବ ସେନେଇ ଆଲୋଚନା କରିଛନ୍ତି। ତେବେ ରାଜ୍ୟ ବିଜେପି ସଭାପତି ଚୟନ ହୋଇନଥିବା ବେଳେ ପ୍ରଧାନମନ୍ତ୍ରୀଙ୍କୁ ପ୍ରତାପ ଷଡ଼ଙ୍ଗୀଙ୍କ ସାକ୍ଷାତ ପରେ ରାଜ୍ୟ ରାଜନୀତି ଉଷ୍ମତା ବୃଦ୍ଧି ପାଇଛି। କାରଣ ପ୍ରତାପ ଷଡ଼ଙ୍ଗୀ ବିଜେପି ଦଳରେ ନିର୍ବାଚନ ଅଧିକାରୀ ଭାବେ ନିୟୋଜିତ ହୋଇଛନ୍ତି। ସେପଟେ ଏହି ସାକ୍ଷାତକାରକୁ ନେଇ ସାଂସଦ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ମୋ ଭିତରେ ଉତ୍ସାହକୁ ନୂଆ କରିଦେବ। ପ୍ରତିକ୍ରିୟା ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



# 'ଗଛ କାଟିବା ମଣିଷ ମାରିବାଠୁ ବି ଜଘନ୍ୟ' : ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ



ନୂଆଦିଲ୍ଲୀ,୨୭/୦୩

ରାସ୍ତା, କୋଠା ତିଆରି କରିବାକୁ ଜଙ୍ଗଲ ନଷ୍ଟ କରାଯାଉଛି । ଶହ ଶହ ଗଛ କାଟି ଦିଆଯାଉଛି । ଫଳରେ ପରିବେଶ ସନ୍ତୁଳନ ହରାଉଛି । ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ । ଗଛ କାଟିବା ମଣିଷ ମାରିବାଠୁ ବି ଜଘନ୍ୟ । ପରିବେଶକୁ କ୍ଷତି ପହଞ୍ଚାଉଥିବା ଲୋକଙ୍କୁ କୌଣସି ପ୍ରକାର ଦୟା ଦେଖାଇବା ଉଚିତ୍ ନୁହେଁ ବୋଲି କହିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଏହା ସହିତ ତାଜମହଲ ନିକଟରୁ କଟାଯାଇଥିବା ପ୍ରତି ଗଛ ବାବଦକୁ ୧ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଦେବାକୁ ଜଣେ ବ୍ୟକ୍ତିଙ୍କୁ ଆଦେଶ ଦେଇଛନ୍ତି। ଜଷ୍ଟିସ୍ ଅଭୟ ଏସ୍ ଓକା ଓ ଉଜ୍ଜାଳା ଭୂୟାଁଙ୍କ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, "ସମ୍ପୃକ୍ତ କର୍ତ୍ତୃପକ୍ଷ ଓ ଅନୁଷ୍ଠାନର ଅନୁମତି ବିନା କୌଣସି ବ୍ୟକ୍ତି ଗଛ କାଟି ପାରିବେ ନାହିଁ । ଗଛ କାଟିବା ମଣିଷ ମାରିବାଠୁ ବି ଜଘନ୍ୟ । ପରିବେଶକୁ କ୍ଷତି ପହଞ୍ଚାଉଥିବା ଲୋକଙ୍କୁ କୌଣସି ପ୍ରକାର ଦୟା ଦେଖାଇବା ଉଚିତ୍ ନୁହେଁ ।'' ଆଗ୍ରାର ତାଜମହଲ ପାଖାପାଖି ଅଞ୍ଚଳରୁ ବେଆଇନ ଭାବେ ପ୍ରାୟ ୪୫୪ ଗଛ କଟାଯାଇଛି । ପ୍ରତ୍ୟେକ ଗଛ ପାଇଁ ୧ ଲକ୍ଷ ଟଙ୍କା ହିସାବରେ ମୋଟ୍ ୪.୪୫ କୋଟି ଜରିମାନା ଦେବାକୁ ଆଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ଏହା ସହିତ ଜରିମାନା ବିରୋଧରେ ହୋଇଥିବା ଆବେଦନକୁ ଖାରଜ କରି ଦେଇଛନ୍ତି । ଗଛ କାଟିବାକୁ ନେଇ ଜଣେ ବ୍ୟକ୍ତିଙ୍କୁ ହୋଇଥିବା ଜରିମାନା ବିରୋଧରେ କରିଥିବା ଆବେଦନର ଶୁଣାଣି କରିଥିଲେ ସୁପ୍ରିମକୋର୍ଟ। ବରିଷ୍ଠ ଆଇନଜୀବୀ ଏଡିଏମ ରାଓଙ୍କ ପରାମର୍ଶକୁ ଖଣ୍ଡପୀଠ ଗ୍ରହଣ କରିଥିଲେ । ଆଇନ ଓ ଗଛ କାଟିବାକୁ ହାଲୁକା ଭାବେ ନିଆଯାଇ ପାରିବ ନାହିଁ ବୋଲି କହିଥିଲେ । ଏ ମାମଲାରେ କେତେ ଜରିମାନା ଆଦାୟ କରାଯିବ ସେ ନେଇ ଅଦାଲତ ଏକ ମାନଦଣ୍ଡ ସ୍ଥିର କରିବା ଆବଶ୍ୟକ । ଗତବର୍ଷ ତାଜମହଲ ଆଖପାଖ ଅଞ୍ଚଳରେ ୪୫୪ଟି ଗଛ କାଟିବା ପାଇଁ ଶିବ ଶଙ୍କର ଅଗ୍ରୱାଲଙ୍କୁ ଫାଇନ୍ ହୋଇଥିଲା । ପ୍ରତ୍ୟେକ ଗଛ ବାବଦରେ ୧ ଲକ୍ଷ ଟଙ୍କା ହିସାବରେ ମୋଟ ୪.୪୫ କୋଟି ଜରିମାନା ଦେବାକୁ କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି (ସିଇସି)ର ଆଦେଶକୁ କୋର୍ଟ ଗ୍ରହଣ କରିଛନ୍ତି । ଆବେଦନକାରୀ ଶଙ୍କର ଅଗ୍ରୱାଲଙ୍କ ପକ୍ଷରୁ ଆଇନଜୀବୀ ମୁକୁଲ ରୋହତଗୀ ଖଣ୍ଡପୀଠଙ୍କୁ କହିଥିଲେ କ୍ଲାଏଣ୍ଟ ଦୋଷ ସ୍ୱୀକାର କରିଛନ୍ତି କ୍ଷମା ମାଗିଛନ୍ତି । ତାଙ୍କ ଜରିମାନା ରାଶି କମ୍ କରାଯାଉ ବୋଲି ଅନୁରୋଧ କରିଛନ୍ତି ।

# ବିଧାନସଭାରେ ଗଙ୍ଗାଜଳ ସିଞ୍ଚନ କଲେ ବିଜେଡି ବିଧାୟକ



ଭୁବନେଶ୍ୱର, ୨୬/୩ ନ୍ୟୁଜ ବ୍ୟୁରୋ

ଗୁରୁବାର ବିଧାନସଭାର ପ୍ରଥାମାର୍ଦ୍ଧ ବୈଠକରେ ପ୍ରଶ୍ନୋତ୍ତର, ଶୂନ୍ୟକାଳ ଏବଂ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଉପରେ ସରଗରମ ଆଲୋଚନା ହୋଇଥିଲା। ତେବେ ଏକ ରୋଚକ ଦୃଶ୍ୟ ବୈଠକ ଆରମ୍ଭରୁ ଗୃହରେ ଦେଖିବାକୁ ମିଳିଥିଲା। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବାଚସ୍ପତି ସୁରମା ପାଢୀ ଆରମ୍ଭ କରିବା ବେଳେ ବିରୋଧୀ ବିଜେଡ଼ି ବିଧାୟକମାନେ ଗୃହକୁ ଗଙ୍ଗାଜଳ ଭର୍ତ୍ତି ମାଟିପାତ୍ର ଧରି ପ୍ରବେଶ କରିଥିଲେ ଏବଂ ନିଜ ନିଜ ଆସନରେ ସିଞ୍ଚନ କରୁଥିବା ଦେଖାଯାଇଥିଲା। ତେବେ ବାଚସ୍ପତି ଶ୍ରୀମତୀ ପାଢୀ ଏଭଳି କାର୍ଯ୍ୟକୁ ବାରଣ କରିବା ସହ ସମ୍ପୃକ୍ତ ବିଧାୟକମାନଙ୍କୁ ତୁରନ୍ତ ମାଟିପାତ୍ରକୁ ଗୃହ ବାହାରକୁ ନେଇଯିବା ପାଇଁ ତାଗିଦ କରିଥିଲେ। ତଦନୁସାରେ ବିଧାୟକମାନେ ମାଟି ପାତ୍ର ଧରି ବାହାରେ ରଖିବା ପାଇଁ ଚାଲି ଯାଇଥିଲେ।

# ଗଛକୁ ପିଟିଲା ବାଇକ୍ :୨ମୃତ, ଜଣେ ଗୁରୁତର

ଦାରିଙ୍ଗବାଡି,୨୭/୦୩ ନ୍ୟୁଜ ବ୍ୟୁରୋ

ଦାରିଙ୍ଗବାଡ଼ିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଗଛକୁ ପିଟିଲା ବାଇକ୍ । ଫଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ତେବେ ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ଶ୍ରାନିକେତା ନିକଟ ବୁଲାଣିରେ ଏହି ଘଟଣା ଘଟିଛି। ମୃତକମାନେ ଶ୍ରାନିକେତା ପଞ୍ଚାୟତ ପାଙ୍ଗାରାହା ଗ୍ରାମର ଶମ୍ଭୁନାଥ ପ୍ରଧାନ ଓ ମଣ୍ଟୁ ପ୍ରଧାନ ବୋଲି ଜଣାପଡ଼ିଛି। ସେହିପରି ଗୁରୁତର ଜଣକ ସାମେଲ ନାୟକ । ସୂଚନା ମୁତାବକ, ଗତ ବୁଧବାର ଦିନ ବିଳମ୍ବିତ ରାତିରେ ତିନି ଜଣ ମିଶି ବାଇକ୍ ଯୋଗେ ଦଣ୍ଡିମାହା ଗ୍ରାମକୁ ଯାଇ ଘରକୁ ଫେରୁଥିଲେ । ସେହି ସମୟରେ ଶ୍ରାନିକେତା ନିକଟ ଏକ ବୁଲାଣିରେ ଗଛ ସହ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ଜଣେ ଗୁରୁତର ହୋଇଥିଲେ । ତେବେ ସାମେଲଙ୍କ ଅବସ୍ଥା ଗୁରୁତର ଥିବା ଯୋଗୁଁ ତାଙ୍କୁ ଦାରିଙ୍ଗବାଡି ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା କରି ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଦାରିଙ୍ଗବାଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିବା ସହ ମୃତଦେହ ଜବତ କରି ଘଟଣାର ଅଧିକ ତଦନ୍ତ କରୁଛି ।

# ଖାଦ୍ୟ ଅଭାବ ସହ ୧୮୮% ଦରମା ବୃଦ୍ଧି : କାଙ୍ଗାଳ ପାକିସ୍ତାନ ଋଣ ନେଇ ମନ୍ତ୍ରୀମାନଙ୍କ ପ୍ରତି ଦୟାଳୁ



ନୂଆଦିଲ୍ଲୀ ୨୭/୦୩

ଗୋଟିଏ ପଟେ ପାକିସ୍ତାନ ମୁଦ୍ରାସ୍ଫୀତି। ଅନ୍ୟ ପଟେ ବଢିଚାଲିଛି ଋଣ ଭାର। ସ୍ଥିତି ଏମିତି ଯେ, ସାଧାରଣ ଲୋକ ଦୁଇ ଓଳି ଦୁଇ ମୁଠା ଖାଇବାକୁ ସଂଘର୍ଷ କରୁଛନ୍ତି । ତେବେ ସେଠାକାର ସରକାର ତାଙ୍କ ମନ୍ତ୍ରୀ ଏବଂ ଅଧିକାରୀଙ୍କ ଦରମା ବହୁ ପରିମାଣରେ ବୃଦ୍ଧି କରୁଛନ୍ତି । ସମ୍ପ୍ରତି, ପାକିସ୍ତାନ କ୍ୟାବିନେଟ୍ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ ଏବଂ ପରାମର୍ଶଦାତାଙ୍କ ଦରମାରେ ୧୮୮% ପର୍ଯ୍ୟନ୍ତ ବୃଦ୍ଧିକୁ ଅନୁମୋଦନ କରିଛି । ଏହି ନିଷ୍ପତ୍ତି ପରେ ତାଙ୍କର ମାସିକ ଦରମା ଏବେ ୫,୧୯,୦୦୦ ପାକିସ୍ତାନୀ ଟଙ୍କା ହେବ । ଏହି ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ପାକିସ୍ତାନ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରୁ ଦ୍ୱିତୀୟ ପର୍ଯ୍ୟାୟ ଋଣ ପାଇଛି। ସୂଚନା ଥାଉକି, ପାକିସ୍ତାନ ଗତ କିଛି ବର୍ଷ ଧରି ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ଦେଶର ଅର୍ଥନୀତି ଦେବାଳିଆ ହେବା ସ୍ଥିତିରେ ପହଞ୍ଚିଛି। ମୁଦ୍ରାସ୍ଫୀତି ହାର ଆକାଶଛୁଆଁ ହେଉଛି ଏବଂ ବିଦେଶୀ ମୁଦ୍ରା ଭଣ୍ଡାର କ୍ରମାଗତ ଭାବରେ ହ୍ରାସ ପାଉଛି । ଏହି ସମୟରେ, ଆଇଏମ୍ଏଫ୍ ସମ୍ପ୍ରତି ପାକିସ୍ତାନକୁ ଏହାର ୭ ବିଲିୟନ ଡଲାର ଋଣ ପ୍ୟାକେଜର ଦ୍ୱିତୀୟ କିସ୍ତି ଭାବରେ ୧ ବିଲିୟନ ଡଲାର ଦେଇଛି। କିନ୍ତୁ ଏହି ପାଣ୍ଠି ସତ୍ତ୍ୱେ ପାକିସ୍ତାନ ସରକାରଙ୍କ ପ୍ରାଥମିକତା ସାଧାରଣ ଲୋକଙ୍କୁ ରିଲିଫ୍ ଯୋଗାଇବା ନୁହେଁ ବରଂ ଏହାର ନେତା ଏବଂ ମନ୍ତ୍ରୀମାନଙ୍କ ସୁବିଧା ବୃଦ୍ଧି କରିବା ପରି ମନେ ହେଉଛି। ପାକିସ୍ତାନର କ୍ୟାବିନେଟ୍ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ ଓ ପରାମର୍ଶଦାତାଙ୍କ ଦରମାରେ ୧୮୮% ବୃଦ୍ଧିକୁ ଅନୁମୋଦନ କରିଛି। ଏହି ନିଷ୍ପତ୍ତି ପରେ ତାଙ୍କର ଦରମା ପ୍ରତି ମାସରେ ୫,୧୯,୦୦୦ ଟଙ୍କା। ହେବ। ଏହି ବୃଦ୍ଧି ଏପରି ଏକ ସମୟରେ ହୋଇଛି ଯେତେବେଳେ ପାକିସ୍ତାନର ଲୋକମାନେ ମୁଦ୍ରାସ୍ଫୀତିର ଶିକାର ହେଉଛନ୍ତି ଏବଂ ମୌଳିକ ଆବଶ୍ୟକତା ପୂରଣ କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ପେଟ୍ରୋଲ, ବିଦ୍ୟୁତ୍ ପର୍ଯ୍ୟନ୍ତ ସବୁକିଛିର ମୂଲ୍ୟ ଆକାଶଛୁଆଁ । କିନ୍ତୁ ସରକାର ତାଙ୍କ ମନ୍ତ୍ରୀମାନଙ୍କ ପ୍ରତି ଦୟାଳୁ। ଏହା ପ୍ରଥମ ଥର ନୁହେଁ ଯେ ପାକିସ୍ତାନ ସରକାର ତାଙ୍କ ଅଧିକାରୀଙ୍କ ଦରମା ବୃଦ୍ଧି କରିଛନ୍ତି । ମାତ୍ର ଦୁଇ ମାସ ପୂର୍ବେ, ନ୍ୟାସନାଲ ଆସେମ୍ବଲିର ଅର୍ଥ କମିଟି ସଂସଦ ସଦସ୍ୟ ଏବଂ ସିନେଟରମାନଙ୍କ ଦରମା ଓ ଭତ୍ତାକୁ ସଂଘୀୟ ସଚିବମାନଙ୍କ ଦରମା-ଭତ୍ତା ସହିତ ସମାନ କରିବା ପାଇଁ ଏକ ପ୍ରସ୍ତାବକୁ ଅନୁମୋଦନ କରିଥିଲା। ବାଚସ୍ପତି ରାଜା ପରଭେଜ ଆଶ୍ରଫଙ୍କ ଅଧ୍ୟକ୍ଷତାରେ ସର୍ବସମ୍ମତିକ୍ରମେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା । ଏହା ସ୍ପଷ୍ଟ କରୁଛି ଯେ ପାକିସ୍ତାନ ସରକାରଙ୍କ ପ୍ରାଥମିକତା ସାଧାରଣ ଲୋକଙ୍କୁ ସାହାଯ୍ୟ କରିବା ଅପେକ୍ଷା ତାଙ୍କ ନେତାମାନଙ୍କୁ ସୁବିଧା ଯୋଗାଉଛି । ପାକିସ୍ତାନର ଲୋକମାନେ ମୁଦ୍ରାସ୍ଫୀତିର ଶିକାର ହେଉଛନ୍ତି । ସେଠାରେ ମଇଦା, ଡାଲି, ଚିନି ଏବଂ କ୍ଷୀର ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ସାଧାରଣ ଲୋକଙ୍କ ହାତପାଖକୁ ଚାଲିଗଲାଣି । ପେଟ୍ରୋଲ ଏବଂ ବିଦ୍ୟୁତ୍‌ର ବୃଦ୍ଧି ପାଉଥିବା ମୂଲ୍ୟ ଲୋକଙ୍କ ପକେଟ ଉପରେ ଆହୁରି ବୋଝ ପକାଇଛି । ଆଇଏମ୍ଏଫ୍‌ର କଠୋର ସର୍ତ୍ତରେ ଦିଆଯାଇଥିବା ସହାୟତା ମୁଦ୍ରାସ୍ଫୀତି ଏବଂ ଟିକସ ବୃଦ୍ଧି କରିବାର ସମ୍ଭାବନା ଅଛି, ଯାହା ଯୋଗୁଁ ସାଧାରଣ ଲୋକଙ୍କୁ ଅଧିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଏହି ନିଷ୍ପତ୍ତି ପରେ ପାକିସ୍ତାନ ସରକାରଙ୍କ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଯାଉଛି। ପାକିସ୍ତାନର ଏହି ପଦକ୍ଷେପ କ'ଣ ଆଇଏମ୍ଏଫ୍‌ର ସର୍ତ୍ତ ଭାଙ୍ଗିବାର ପ୍ରୟାସ? ପାକିସ୍ତାନ ସରକାର ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ଦେବା ପରିବର୍ତ୍ତେ କେବଳ ତାଙ୍କ ନେତାମାନଙ୍କୁ ଲାଭ ପହଞ୍ଚାଇବାରେ ଆଗ୍ରହୀ କି? ଏହି ପ୍ରଶ୍ନଗୁଡ଼ିକ ପାକିସ୍ତାନର ଜନସାଧାରଣ ଏବଂ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ପାଇଁ ଚିନ୍ତାର ବିଷୟ ପାଲଟିଛି। ଯଦି ପାକିସ୍ତାନକୁ ଆର୍ଥିକ ସଙ୍କଟରୁ ବାହାରକୁ ଆସିବାକୁ ହୁଏ, ତେବେ ଏହାକୁ କଠୋର ଆର୍ଥିକ ଶୃଙ୍ଖଳା ଆବଶ୍ୟକ ହେବ ଏବଂ ମନ୍ତ୍ରୀମାନଙ୍କ ଦରମା ବୃଦ୍ଧି ଭଳି ଅନାବଶ୍ୟକ ନିଷ୍ପତ୍ତି ନିଆଯିବା ଉଚିତ୍ ନୁହେଁ।

# ଚନ୍ଦକା-ଡମପଡ଼ା ଜଙ୍ଗଲରେ ଆହତ ହାତୀର ମୃତ୍ୟୁ



ବାଙ୍କୀ, ୨୭/୦୩ ନ୍ୟୁଜ ବ୍ୟୁରୋ

ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ହାତୀର ମୃତ୍ୟୁ ହୋଇଛି। ବସ୍ତମୁଣ୍ଡା ସାହି ନିକଟସ୍ଥ କାଜୁ ଜଙ୍ଗଲରେ ହାତୀର ମୃତଦେହ ପଡ଼ିଛି । ଏକ ଦନ୍ତା ହାତୀ ଆକ୍ରମଣରେ ହାତୀଟି ଆହତ ହୋଇଥିଲା । ଚନ୍ଦକା ବନ ବିଭାଗ ହାତୀର ଚିକିତ୍ସା କରୁଥିଲେ। ହେଲେ ହାତୀର ମୃତ୍ୟୁ ହୋଇଥିବା ନେଇ ସୂଚନା ଦେଇଛନ୍ତି ଚନ୍ଦକା ଅଭୟାରଣ୍ୟର ଡିଏଫ୍‌ଓ ଶରତ ବେହେରା । ସୂଚନା ଅନୁଯାୟୀ, ଗତ ୧୬ ତାରିଖରୁ ହାତୀଟି ଆହତ ଅବସ୍ଥାରେ ବନ ବିଭାଗ ନଜରକୁ ଆସିଥିଲା । ପରେ ସ୍ୱତନ୍ତ୍ର ଡାକ୍ତରୀଦଳ ତା'ର ଚିକିତ୍ସା କରୁଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ହାତୀର ମୃତ୍ୟୁ ହୋଇଛି । ଘଟଣାସ୍ଥଳରେ ଚନ୍ଦକା ଅଭୟାରଣ୍ୟ ଡିଏଫ୍‌ଓ, ଏସିଏଫ୍ ଓ ରେଞ୍ଜରଙ୍କ ସହିତ ଅନ୍ୟ ଅଧିକାରୀ ପହଞ୍ଚି ଅନୁଧ୍ୟାନ କରିଛନ୍ତି । ଗୁରୁବାର ମୃତ ହାତୀର ଶବ ବ୍ୟବଚ୍ଛେଦ କରାଯାଇଛି।

# ଖୋର୍ଦ୍ଧା ଜିଲ୍ଲାରେ ୧୩୯ ପୋଲିସଙ୍କୁ ବଦଳି କଲେ ଏସ୍‌ପି

ଖୋର୍ଦ୍ଧା,୨୭/୦୩ ନ୍ୟୁଜ ବ୍ୟୁରୋ

ପ୍ରଥମ ଥର ପାଇଁ ଜିଲ୍ଲା ପୋଲିସରେ ଏକ ବଡ଼ଧରଣରେ ଅଦଳ ବଦଳ ହୋଇଛି। ୧୩୯ ଜଣ ପୋଲିସଙ୍କୁ ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ଅଚାନକ ବଦଳି କରିଛନ୍ତି। ଏସ୍‌ପି ଶ୍ରୀମତୀ ନାଥ ଟାଙ୍ଗୀ ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରାଙ୍କୁ ଜଙ୍କିଆ ଥାନା ଏବଂ ଜିଲ୍ଲା ମୁଖ୍ୟ ଦପ୍ତରର କାର୍ଯ୍ୟରତ ଇନ୍ସପେକ୍ଟର ରବିନ୍ଦ୍ର କୁମାର ଭୁଜବଳଙ୍କୁ ଟାଙ୍ଗୀ ଥାନା ଅଧିକାରୀ ଭାବେ ବଦଳି କରିଛନ୍ତି । ଆଦର୍ଶ ଥାନା ଅତିରିକ୍ତ ଥାନା ଅଧିକାରୀ ସୂଚିତ୍ରା ଜେନାଙ୍କୁ ସାଇବର ସେଲ୍‌କୁ ବଳଦି କରାଯାଇଛି। ସେହିପରି ରିର୍ଜଭ ପୋଲିସରେ କାର୍ଯ୍ୟରତ ସବ୍-ଇନ୍ସପେକ୍ଟର ହାଡୁବନ୍ଧୁ ଦାସଙ୍କୁ ବୋଲଗଡ଼, ଦିନେଶ କୁମାର ପିଙ୍ଗୁଆ, ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ଆଦର୍ଶ ଥାନା ଏବଂ ଅଭୟ ରାଉତଙ୍କୁ ବେଗୁନିଆ, ପବିତ୍ର ମୋହନ ପ୍ରଧାନ, ବିନାୟକ ମନ୍ତ୍ରୀଙ୍କୁ ବାଣପୁର, ମୋଚିରାମ ଜାଲିଙ୍କୁ ନାଚୁଣୀ ଥାନା ସମେତ ୨୧ ଜଣ ସବ୍-ଇନ୍ସପେକ୍ଟରଙ୍କୁ ଜିଲ୍ଲାର ବିଭିନ୍ନ ଥାନା ଓ ଫାଣ୍ଡିକୁ ବଦଳି କରାଯାଇଛି । ଅନୁରୂପ ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଆଦର୍ଶ ଥାନାରେ କାର୍ଯ୍ୟରତ ଫୁଲମଣୀ ହେମ୍ବ୍ରମ୍‌ଙ୍କୁ ଜଙ୍କିଆ, ବେଗୁନିଆରେ କାର୍ଯ୍ୟରତ ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଭୁବନ ବେହେରାଙ୍କ ଭଳି ୧୬ ଜଣ ଆସିଷ୍ଟାଣ୍ଟ ଇନ୍ସପେକ୍ଟରଙ୍କୁ ଜିଲ୍ଲାର ବିଭିନ୍ନ ଥାନାକୁ ବଦଳି କରାଯାଇଛି । ପୋଲିସ ବିଭାଗରେ କାର୍ଯ୍ୟରତ ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ଇନ୍ସପେକ୍ଟର ନୁହଁନ୍ତି ବରଂ ୩୭ ଜଣ ଏପିଆର କନ୍‌ଷ୍ଟେବଲ ଓ ୬୨ ଜଣ କନ୍‌ଷ୍ଟେବଲଙ୍କୁ ସମୁଦାୟ ୧୩୯ ଜଣଙ୍କୁ ବିଭିନ୍ନ ଥାନା, ଫାଣ୍ଡି ଏବଂ ବିଟ୍, ହାଉସ ଓ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଥିବା ଜିଲ୍ଲା ପୋଲିସ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି ।